


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-64 • THURSDAY • 28 AUGUST 2025 • PAGE-12 • ₹ 6.00 | PANIKOILI | ବର୍ଷ-୪୩ • ସଂଖ୍ୟା-୬୪ • ଗୁରୁବାର • ୨୮ ଅଗଷ୍ଟ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


## ଲାଗିଲା ଟ୍ରମ୍ପ୍ ଟାରିଫ୍

# ବିପଦରେ ୧୦ ଲକ୍ଷ ଚାକିରି

■ **ନୂଆଦିଲ୍ଲୀ,୨୭।୮ (ଏଜେନ୍ସି):** ବୁଧବାରଠାରୁ ଭାରତୀୟ ସାମଗ୍ରୀ ଉପରେ ଲାଗିଛି ୫୦% ଟ୍ରମ୍ପ ଟାରିଫ୍ । ଭାରତରୁ ଆମେରିକାକୁ ପଠାଯାଉଥିବା ସାମଗ୍ରୀ ଉପରେ ଆମେରିକା ପ୍ରଶାସନ ଏହି ଶୁଳ୍କ ଆଦାୟ ଆରମ୍ଭ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଯୋଗୁଁ ଭାରତର ପ୍ରାୟ ୪୮ ବିଲିୟନ ଡଲାର ମୂଲ୍ୟର ରପ୍ତାନି ପ୍ରଭାବିତ ହେବ ବୋଲି ଅର୍ଥନୀତିଜ୍ଞ ଓ ବାଣିଜ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଅର୍ଥନୀତି ପ୍ରଭାବିତ ଦ୍ୱାରା ଦେଶର ୧୦ ଲକ୍ଷ ନିଯୁକ୍ତି ସଙ୍କଟଗ୍ରସ୍ତ ହୋଇଛି। ବିଶେଷକରି ଏହି ରପ୍ତାନୀଗୁଡ଼ିକ ନିଯୁକ୍ତିଭିତ୍ତିକ ଶିଳ୍ପଗୁଡ଼ିକୁ ଅଧିକ ପ୍ରଭାବିତ କରିବ ବୋଲି ଆଶଙ୍କ ସୃଷ୍ଟି ହୋଇଛି। ଇଞ୍ଜିନିଅରିଂ ସାମଗ୍ରୀ, ଅଳଙ୍କାର, ବୟନଶିଳ୍ପ, ଫର୍ଣ୍ଣିଚର, ଅଟୋ ଯନ୍ତ୍ରାଂଶ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି ।

■ **ବାଜିରେ ୪୮ ବିଲିୟନ୍ ଡଲାରର ଭାରତୀୟ ରପ୍ତାନୀ**
■ **ଦେଶର ନିଯୁକ୍ତିଭିତ୍ତିକ କ୍ଷେତ୍ରକୁ ଲାଗିବ ବଡ଼ ଧକ୍କା**

ଅଗଷ୍ଟ ୭ରୁ ଆମେରିକା ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଥିଲା। ଏବେ ସର୍ବମୋଟ ଭାରତ ଉପରେ ୫୦%ର ଏକ ଭାରି ଶୁଳ୍କ ଲାଗୁ କରାଯାଇଛି। ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ସମ୍ପର୍କ ପୂର୍ବରୁ ଚାପଗ୍ରସ୍ତ ଅଛି। ବିଶେଷଜ୍ଞଙ୍କ ମତରେ ବର୍ତ୍ତମାନର ନୂତନ ଶୁଳ୍କ ଏହି ସମ୍ପର୍କଗୁଡ଼ିକୁ ଅଧିକ ଆହ୍ୱାନପୂର୍ଣ୍ଣ କରିପାରେ। ଏଥିଯୋଗୁ ଭାରତୀୟ ରପ୍ତାନିକାରୀମାନେ ଏକ ବଡ଼ ଝଟକା ଲାଗିପାରେ, କାରଣ ଆମେରିକା ଭାରତୀୟ ରପ୍ତାନି ପାଇଁ ଏକ ପ୍ରମୁଖ ବଜାର। ଏହି ପଦକ୍ଷେପ ଭାରତର ଅଭିବୃଦ୍ଧିକୁ ପ୍ରଭାବିତ କରିପାରେ ବୋଲି ବଜାର ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଭାରତ ସରକାର ଏବେ କ୍ଷତିକୁ ହ୍ରାସ କରିବା ପାଇଁ ବିକଳ୍ପ ବଜାର ଏବଂ ରଣନୈତିକ ସହଭାଗିତା ଅନୁସନ୍ଧାନରେ ରହିଛନ୍ତି।



ଗ୍ଲୋବାଲ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ (ଜିଟିଆରଆଇ) ଅନୁସାରେ ଭାରତ ପ୍ରତି ବର୍ଷ ଆମେରିକାକୁ ପାଖାପାଖି ୮୬.୫ ବିଲିୟନ ଡଲାରର ରପ୍ତାନୀ କରିଥାଏ। ଏହାର ପାଖାପାଖି ଦୁଇ ତୃତୀୟାଂଶ ଅର୍ଥାତ୍ ପାଖାପାଖି ୬୦.୨ ବିଲିୟନ ଡଲାର ସାମଗ୍ରୀ ଉପରେ ୫୦% ଶୁଳ୍କ ଲାଗିବ। ତେଣୁ ସରକାରୀ ଅନୁମାନ ୪୮.୨ ବିଲିୟନ ଡଲାର ରପ୍ତାନୀ ଉପରେ ଏହି ଟାରିଫର ପ୍ରଭାବ ପଡିବା ଅନୁମାନ କରାଯାଉଛି। ଏଥିରେ ବୟନଶିଳ୍ପ, ଚିଙ୍ଗୁଡ଼ି, ଚମଡ଼ା, ହୀରା, ଅଳଙ୍କାର ଓ ଫର୍ଣ୍ଣିଚର କ୍ଷେତ୍ର ଅନ୍ତର୍ଭୁକ୍ତ। ଦେଶର ପ୍ରମୁଖ ବାଣିଜ୍ୟ ସଂଗଠନ ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ)ର ଅଧ୍ୟକ୍ଷ ବ୍ରିଜେଶ ଗୋୟଲ କହିଛନ୍ତି ଯେ ଏହି ଶୁଳ୍କ ଭାରତର ବୟନଶିଳ୍ପ, ଚମଡା, ରତ୍ନ ଏବଂ ଅଳଙ୍କାର, ଅଟୋ ପାର୍ଟସ୍, ରାସାୟନିକ ପଦାର୍ଥ, ଔଷଧ, ସାମୁଦ୍ରିକ ଖାଦ୍ୟ ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ପାଇଁ ଏକ ବଡ଼ ଆଘାତ। ଏହି କ୍ଷେତ୍ରଗୁଡ଼ିକରେ କାମ କରୁଥିବା ପ୍ରାୟ ୧୦ ଲକ୍ଷ ଲୋକଙ୍କ ଚାକିରି ଏବେ ବିପଦରେ। ବର୍ଦ୍ଧିତ ଶୁଳ୍କ ଯୋଗୁଁ ଆମେରିକୀୟ ବଜାରରେ ଭାରତୀୟ ସାମଗ୍ରୀ ପ୍ରାୟ ୩୫% ମହଙ୍ଗା ହୋଇଯିବ। ଏପରି ପରିସ୍ଥିତିରେ, ଆମେରିକୀୟ କ୍ରେତା ଭାରତ ପରିବର୍ତ୍ତେ ଚୀନ୍, ଭିଏତନାମ ଓ ବାଂଲାଦେଶ ଭଳି ଦେଶରୁ ସାମଗ୍ରୀ କିଣିବାକୁ ପସନ୍ଦ କରିବେ।

## ଜମ୍ମୁରେ ୧୧୫ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

# ବୈଷ୍ଣୋଦେବୀ ଭୂସ୍ଖଳନ ମୃତ୍ୟୁସଂଖ୍ୟା ୩୨କୁ ବୃଦ୍ଧି

■ **ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି):** ଦେଶର ବିଭିନ୍ନ ରାଜ୍ୟରେ ମୌସୁମୀ ଜନିତ ବର୍ଷା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଭୀଷଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ଅନେକ ରାଜ୍ୟରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ହଜାର ହଜାର ଲୋକେ ପାଣିଘେରରେ ଫସି ରହିଛନ୍ତି। ସ୍ଥିତି ଏପରି ହୋଇଛି ଯେ ସେନା ମୁତୟନ କରିବାକୁ ପଡିଛି। କେଉଁଠି ଭୂସ୍ଖଳନ ତ ଆଉ କେଉଁଠି ବାଦଲଫଟା ବର୍ଷା ସବୁ କିଛି ଛାରଖାର କରିଦେଉଛି। ତେବେ ଜମ୍ମୁରେ ଗତ ୧୧୫ ବର୍ଷର ରେକର୍ଡ ଭାଙ୍ଗି ବର୍ଷା ତାଣ୍ଡବ ରଚିଛି। ମଙ୍ଗଳବାର ସକାଳ ୮ଟା ୩୦ରୁ ବୁଧବାର ସକାଳ ୮ଟା ୩୦ ପର୍ଯ୍ୟନ୍ତ ୨୯୬ ମିମି ବର୍ଷା ରେକର୍ଡ କରାଯାଇଛି। ଏହାପୂର୍ବରୁ ୫୨ ବର୍ଷ ତଳେ ୧୯୭୩ ଅଗଷ୍ଟ ୯ରେ ୨୭୨.୬ ମିମି ବର୍ଷା ହୋଇଥିଲା।

**ଜାରି ରହିଛି ବର୍ଷା; ବୈଷ୍ଣୋଦେବୀ ଯାତ୍ରା ବନ୍ଦ**

ଜମ୍ମୁର କଟରାସ୍ଥିତ ବୈଷ୍ଣୋଦେବୀ ଧାମ ରାସ୍ତାର ଅର୍ଦ୍ଧକୁଆଁରୀରେ ମଙ୍ଗଳବାର ହୋଇଥିବା ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ୩୨କୁ ବୃଦ୍ଧି



ପାଇଛି। ଏଥିସହିତ ବର୍ଷା ଜନିତ ଦୁର୍ଘଟଣାରେ ରାଜ୍ୟରେ ୩୬ ଜଣଙ୍କ ଜୀବନ ଗଲାଣି। ଏବେ ବି ଅନେକ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଏବେ ବି ଅଞ୍ଚଳରେ ପ୍ରବଳ ବର୍ଷା ରହିଛି। ଏହାକୁ ଦେଖି ବୈଷ୍ଣୋଦେବୀ ଯାତ୍ରାକୁ ବନ୍ଦ କରିଦିଆଯାଇଛି।

# ୫୨ଲକ୍ଷ ଚାଷୀଙ୍କୁ ସିଏମ୍ କିଷାନ ସହାୟତା


## ଅନ୍ନଦାତାଙ୍କ ଉନ୍ନତି ବିନା ରାଜ୍ୟର ପ୍ରଗତି ଅସମ୍ଭବ: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର,୨୭।୮ (ସମିସ):** ବୁଧବାର ରାଜ୍ୟରେ ବିଭିନ୍ନ ବର୍ଗର ୫୧ ଲକ୍ଷ ୫୪ ହଜାର ୧୧୫ ଜଣ କୃଷକଙ୍କୁ ଡିବିଟି ମାଧ୍ୟମରେ ସିଏମ୍ କିଷାନ ଯୋଜନାରେ ମୋଟ ୧ଲକ୍ଷ ୪ହଜାର ୧୨୯ କୋଟି ଟଙ୍କାର ଅର୍ଥରାଶି ବଣ୍ଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିନା ଅନ୍ନଦାତାଙ୍କ ଉନ୍ନତିରେ ରାଜ୍ୟର ପ୍ରଗତି ଅସମ୍ଭବ। ତେଣୁ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି



ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି ।

ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆହୁର କହିଛନ୍ତି ଯେ ଆଳୁ ଓଡ଼ିଶାର ପ୍ରମୁଖ ପରିବା ଫସଲ ମଧ୍ୟରୁ ଅନ୍ୟତମ। ଆଳୁ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟର ୩ ହଜାର ୧୧୫ କ୍ଲଷ୍ଟର୍‌ରେ ୩୬ ହଜାରରୁ ଅଧିକ ଚାଷୀ ସଚେତନତା କାର୍ଯ୍ୟକ୍ରମ କରାଯାଇ ପ୍ରାୟ ୧ ଲକ୍ଷ ହିତାଧିକାରୀଙ୍କୁ ଆଳୁ ▶ପୃଷ୍ଠା-୭









## ଅସହ୍ୟ ହେଲା ଋଣଭାର
# ପୁଅକୁ ବିଷ ପିଆଇ ଜୀବନ ହାରିଲେ ଦମ୍ପତି

ନୂଆଦିଲ୍ଲୀ, ୨୭ ।୮(ଏଜେନ୍ସି): ଉତ୍ତରପ୍ରଦେଶର ଶାହାରାନପୁରରେ ଏକ ଅଭାବନୀୟ ଘଟଣା ଘଟିଛି। ଋଣଭାରରେ ବୁଡିଥିବା ଏକ ଦମ୍ପତି ନିଜର ୪ ବର୍ଷର ପୁଅକୁ ବିଷ ପିଆଇବା ପରେ ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇଛନ୍ତି। ଏହି ଘଟଣା ମଙ୍ଗଳବାର ରାତିରେ ଘଟିଥିବା ପୁଲିସ ସୂଚନା ଦେଇଛି। ୩୦ ବର୍ଷୀୟ ସଚିନ ଗ୍ରୋଭର ନାମକ ଜଣେ ହସ୍ତତନ୍ତ୍ର ବ୍ୟବସାୟୀ, ତାଙ୍କ ପତ୍ନୀ ଶିବାନୀ (୨୮) ଓ ପୁଅ ଫତେଙ୍କୁ ମୃତ ଅବସ୍ଥାନରେ ଠାବ କରାଯାଇଥିଲା। ବୁଧବାର ସକାଳେ ଭିନ୍ନ ଭିନ୍ନ କୋଠାରୀରେ ୩ ଜଣଙ୍କ ମୃତଦେହକୁ ସେମାନଙ୍କ ସମ୍ପର୍କୀୟମାନେ ଉଦ୍ଧାର କରିଥିଲେ। ପୁଅର ମୃତଦେହ ଗାଧୁଆ ଘରେ ଉଦ୍ଧାର କରାଯାଇଥିବା ବେଳେ ସ୍ୱାମୀ ଓ ସ୍ତ୍ରୀଙ୍କ ମୃତଦେହ ସିଲିଂ ଫ୍ୟାନରେ ଝୁଲୁଥିବାର ଦେଖାଯାଇଥିଲା। ପ୍ରଥମେ ସେମାନେ ପୁଅକୁ ବିଷ ଦେଇ ମାରିବା ପରେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଘଟଣାସ୍ଥଳରେ ଏକ ସୁସାଇଡ୍ ନୋଟ ମଧ୍ୟ ଉଦ୍ଧାର କରାଯାଇଛି। ଆୟର ଅଭାବ ଓ ଋଣଭାର କ୍ରମାଗତ ଭାବେ ବଢ଼ିବା କାରଣରୁ ଚିନ୍ତାରେ ଥିଲି ବୋଲି ସଚିନ ସୁସାଇଡ୍ ନୋଟ୍‌ରେ ଉଲ୍ଲେଖ କରିଛନ୍ତି ବୋଲି ସ୍ଥାନୀୟ ଏସ୍‌ପି ରାଜେଶ ଦ୍ୱିବେଦୀ କହିଛନ୍ତି।

# ଗୁଗୁଲ ମ୍ୟାପ୍ ଲାଗି କେନାଲରେ ଭାସିଗଲା ଭ୍ୟାନ: ୩ ମୃତ

ଜୟପୁର, ୨୭ ।୮(ଏଜେନ୍ସି): ରାଜସ୍ଥାନର ଚିତୋଡଗଡ଼ରେ ଗୁଗୁଲ ମ୍ୟାପ୍‌ର ତ୍ରୁଟି ଯୋଗୁଁ ଏକ ଭ୍ୟାନ୍ କେନାଲରେ ଭାସିଯିବା ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ରାତିର ଅନ୍ଧାରରେ ବାଟବଣା ହୋଇ ୩ ବର୍ଷ ହେବ ବନ୍ଦଥିବା ଏକ ଭଙ୍ଗା ପୋଲ ଉପରୁ ଭ୍ୟାନ୍‌ଟି କେନାଲକୁ ଖସି ପଡ଼ିଥିଲା। ଏହି ଭ୍ୟାନରେ ୯ ଜଣ ଲୋକ ଥିଲେ। ୫ ଜଣ ଲୋକ ସଂଘର୍ଷ କରି ବାହରକୁ ବାହରି ଆସିଥିଲେ ମଧ୍ୟ ୨ଜଣ ମହିଳା ଓ ୪ ବର୍ଷର ଏକ ଛୋଟ ଝିଅ ବାହାରି ନପାରିବ ଫଳରେ ମୃତ୍ୟୁବରଣ କରିଥିଲେ। ଜଣେ ମହିଳା ନିଖୋଜ ଅଛନ୍ତି ଓ ତାଙ୍କ ଉଦ୍ଧାର କରିବାକୁ ପ୍ରୟାସ ଜାରି ରହିଛି। ଯେତେବେଳେ ଏହି ଭ୍ୟାନ ଯାଉଥିଲା ଗାଁ ଲୋକେ ସେମାନଙ୍କୁ ରୋକିବାକୁ ପ୍ରୟାସ କରିଥିଲେ। କିନ୍ତୁ ଗୁଗୁଲ ମ୍ୟାପ୍‌କୁ ଭରସା କରି ଏମାନେ ଆଗେଇ ଯାଇଥିଲେ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ପୂର୍ବରୁ ଗୁଗୁଲ ମ୍ୟାପ୍‌ର ତ୍ରୁଟି ଯୋଗୁଁ ରାଜସ୍ଥାନରେ ଏକାଧିକ ଘଟଣା ଘଟିସାରିଛି। ଗୁଗୁଲ ମ୍ୟାପ ଏବେ ଦୈନନ୍ଦିନ ଜୀବନର ଅଂଶବିଶେଷ ହୋଇଛି। ପୁରୁଣା ରାସ୍ତା କିମ୍ବା ପୋଲର ପଥକୁ ଅପଡେଟ୍ ହେଉ ନଥିବାରୁ ଏପରି ଦୁର୍ଘଟଣା ଘଟୁଛି ବୋଲି କୁହାଯାଉଛି।

# ଭାରତ, ଚୀନ୍, ପାକିସ୍ତାନରେ ଜଳ ପ୍ରଳୟ

ନୂଆଦିଲ୍ଲୀ, ୨୭ ।୮(ଏଜେନ୍ସି): ଭାରତ, ପାକିସ୍ତାନ ଓ ଚୀନ୍ ସମେତ ସମଗ୍ର ଦକ୍ଷିଣ ଏସିଆରେ ବନ୍ୟାର ତାଣ୍ଡବ ଦେଖିବାକୁ ମିଳୁଛି। ଏଥିପାଇଁ ଧନଜୀବନ ହାନି ହେବା ସହ ଜୀବିକା ମଧ୍ୟ ଧ୍ୱଂସ ହେଉଛି। ଏହି ଅଞ୍ଚଳରେ ଅତ୍ୟଧିକ ତଥା ପ୍ରବଳ ବର୍ଷା କାରଣରୁ ଏପରି ହେଉଛି। ତେବେ ଏହି ଅଞ୍ଚଳରେ ଏତେ ବର୍ଷା କାହିଁକି ହେଉଛି ସେ ନେଇ ଏବେ ପ୍ରଶ୍ନ ଉଠୁଛି। ବର୍ଷା କାରଣରୁ ଭୟଙ୍କର ଭୂସ୍ଖଳନ ହେଉଛି। ଏଭଳି ଭୂସ୍ଖଳନ ହିମାଳୟ ଉପତ୍ୟାକାରେ ଅବସ୍ଥିତ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ଜମ୍ମୁ-କଶ୍ମୀର ଭଳି ରାଜ୍ୟରେ ଅଧିକ ଘଟୁଥିବା ଲକ୍ଷ୍ୟ କରାଯାଉଛି। ଫଳରେ ବ୍ୟାପକ ଜନଜୀବନ ହାନୀ ହେବା ସହ ସଡକ ଓ ରାଜପଥ କ୍ଷତିଗ୍ରସ୍ତ ହେଉଛି। ଦ୍ରୁତ ସହରିକରଣ, ଔଦଗିକକରଣ, ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁଁ ପାଣିପାଗରେ ଅସ୍ୱାବିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଗଙ୍ଗା ନଦୀରେ ଜଳସ୍ତରରେ ଜଳସ୍ତର ବୃଦ୍ଧିପାଉଥିବାରୁ ଉତ୍ତରପ୍ରଦେଶ ଓ ବିହାର ଭଳି ରାଜ୍ୟରେ ଅସ୍ୱାଭିକ ଭାବେ ବନ୍ୟାର ତାଣ୍ଡବ ଦେଖିବାକୁ ମିଳିଛି। ତାୱି, ଚେନାବ ଓ ବସନ୍ତାର ନଦୀରେ ବାରମ୍ବାର ପ୍ରବଳ ବନ୍ୟା ଦେଖିବାକୁ ମିଳିଛି ଓ ତଳିଆ ଅଞ୍ଚଳରେ କ୍ଷୟକ୍ଷତିର ପରିମାଣ ଅଧିକ ଦେଖିବାକୁ ମିଳିଛି।

### ଦକ୍ଷିଣ ଏସିଆରେ କାହିଁକି ହେଉଛି ଅସ୍ୱାଭାବିକ ବର୍ଷା ?

ପାକିସ୍ତାନର ଉତ୍ତରାଞ୍ଚଳ ଯଥା ଖାଇବର ପଖତୁନଖ୍ୱା (କେପିକେ), ଗିଲକିଟ ବାଲ୍ଟିସ୍ତାନ ଓ ପଞ୍ଜାବ ବନ୍ୟା ଯୋଗୁଁ ଅଧିକ କ୍ଷତଗ୍ରସ୍ତ ହେଉଛି। ସେହିପରି ଚୀନ୍‌ରେ ଗତ ଦୁଇମାସ ହେବ ଜାରି ରହିଥିବା ପ୍ରବଳ ବର୍ଷା ଯୋଗୁଁ ମୋଟ୍ ଉପରେ ୧.୮୪ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇଛି। ବର୍ଷା ଦିନେ ଏହି ଅଞ୍ଚଳରେ ସ୍ୱାଭାବିକ୍ ଭାବେ ବର୍ଷା ହୋଇଥାଏ। କିନ୍ତୁ ଚଳିତ ବର୍ଷ ବର୍ଷାର ପରିମାଣରେ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ଏ ନେଇ ଗହନ ଯାଞ୍ଚର ଆବଶ୍ୟକତା ରହିଛି। ସମଗ୍ର ଅଞ୍ଚଳରେ ବର୍ଷାର ଆପେକ୍ଷିକ ସ୍ଥାନ, ସମୟ ଓ ପରିମାଣରେ ପରିବର୍ତ୍ତନ ହୋଇଛି। ତାପମାତ୍ରା ବୃଦ୍ଧି ଯୋଗୁଁ ମୌସୁମୀ ଏବେ ଦକ୍ଷିଣ ଆଡକୁ ମୁହାଁଇଥିବା ଲକ୍ଷ୍ୟ କରାଯାଇଛି। ଏହି କ୍ରମରେ ଭାରତର ଉତ୍ତରାଞ୍ଚଳ ରାଜ୍ୟ ଅପେକ୍ଷା ରାଜସ୍ଥାନ ଓ ଗୁଜରାଟରେ ଅଧିକ ବର୍ଷା ହୋଇଛି। ତାପବୃଦ୍ଧି ହେବା ସହ ପାର୍ବତ୍ୟାଞ୍ଚଳରେ ବାଷ୍ପିକରଣରେ ବୃଦ୍ଧି ପରିଲକ୍ଷିତ ହେଉଛି। ବାଦଲ ଆବଶ୍ୟକତାଠାରୁ ଅଧିକ ଆଦ୍ରତା ରହୁଥିବାରୁ ଅଳ୍ପ ସମୟ ମଧ୍ୟରେ ପ୍ରବଳ ବର୍ଷା ପରିଲକ୍ଷିତ ହେଉଛି। ସେହିପରି ଭୂପୃଷ୍ଠ ଜଳରେ ଅତ୍ୟଧିକ ବାଷ୍ପିକରଣ ଯୋଗୁଁ ମଧ୍ୟ ଅଧିକ ବର୍ଷା ହେଉଛି। ପାକିସ୍ତାନର ଉତ୍ତରାଞ୍ଚଳରେ ମଧ୍ୟ ସମାନ ସ୍ଥିତି ପରିଲକ୍ଷିତ ହେଉଛି। ତାପମାତ୍ରରେ ବୃଦ୍ଧି କାରଣରୁ ପାକିସ୍ତାନ ଓ ଉତ୍ତରପଶ୍ଚିମ ଭାରତରେ ଲଘୁଚାପ ସୃଷ୍ଟି ହେଉଛି। ଉଚ୍ଚ ଚାପଯୁକ୍ତ ଅଞ୍ଚଳରୁ ନିଚ୍ଚ ଚାପଯୁକ୍ତ ଅଞ୍ଚଳକୁ ବାୟୁ ସଞ୍ଚାଳିତ ହେବାରୁ ପ୍ରବଳ ବର୍ଷା ହେଉଛି। ପୁଣି ଦକ୍ଷିଣ ଏସିଆରେ ଖରାପ ଜଳ ସଂରକ୍ଷଣ ଓ ପ୍ରବନ୍ଧନ କାରଣରୁ ବନ୍ୟାକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ପ୍ରାକୃତିକ ବିପର୍ଯ୍ୟୟର ପ୍ରାକ ସୂଚନା ଯୋଗୁଁ ଜୀବନ ହାନୀ ସଂଖ୍ୟା କମ୍ ହେଉଥିଲେ ମଧ୍ୟ ଧନସମ୍ପତ୍ତି କ୍ଷୟକ୍ଷତିକୁ ରୋକା ଯାଇପାରୁନାହିଁ। ତେଣୁ ପ୍ରକୃତିର ତାଣ୍ଡବରୁ ରକ୍ଷା ପାଇବାକୁ ହେଲ ପ୍ରକୃତିକୁ ସମ୍ମାନ ଦେବାର ସମୟ ଆସି ଉପନୀତ ହୋଇଛି।



# ଅଧା ସାଂସଦ, ବିଧାୟକଙ୍କ ନାମରେ ମାମଲା

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ଆପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲ୍‌ରେ ଥିବା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କୁ ହଟାଇବା ପାଇଁ କେନ୍ଦ୍ର ସରକାର ୧୩୦ ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣିଛନ୍ତି। ଏପରି ସମୟରେ ଚିନ୍ତା ଜନକ ରିପୋର୍ଟ ସାମ୍‌ନାକୁ ଆସିଛି। ଦେଶର ଅଧା ସାଂସଦ ଏବଂ ବିଧାୟକ ବିରୋଧରେ ଆପରାଧିକ ମାମଲା ରହିଛି। ଆପରାଧିକ ମାମଲା ଥିବା ସାଂସଦଙ୍କ ସଂଖ୍ୟା ଗତ ୧୫ ବର୍ଷରେ ୧୬% ବୃଦ୍ଧି ପାଇଛି। ୨୦୦୯ରେ ୩୦ % ସାଂସଦଙ୍କ ଉପରେ ଆପରାଧିକ ମାମଲା ଥିଲା। ଏମାନଙ୍କ ମଧ୍ୟରୁ ୧୪ %ଙ୍କ ଉପରେ ଗମ୍ଭୀର ମାମଲା ରହିଥିଲା। ୨୦୧୪ରେ ଏହା ଏକ ତୃତୀୟାଂଶ ଏବଂ ଗମ୍ଭୀର ମାମଲା ଏକ ପଞ୍ଚମାଂଶ ହୋଇଥିଲା। ସେହିପରି ୨୦୧୯ରେ ୪୩%ଏବଂ ଗମ୍ଭୀର ମାମଲା ୨୯% ଥିଲା। କିନ୍ତୁ ୨୦୨୪ ନିର୍ବାଚନ ପରେ ଗଠିତ ସଂସଦରେ ଏହି ସଂଖ୍ୟା ଅଧିକ ବୃଦ୍ଧି ପାଇଥିଲା। ଏବେ ୪୬ % ସାଂସଦଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଏହା ମଧ୍ୟରୁ ୩୧%ଙ୍କ ଉପରେ ଗମ୍ଭୀର ମାମଲା ରୁଜୁ ହୋଇଛି। ନିର୍ବାଚନ ସୁଧାର ପାଇଁ କାର୍ଯ୍ୟ କରୁଥିବା ଏନ୍‌ଜିଓ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ସମୟରେ ସାରା ଦେଶର ୪୫ ପ୍ରତିଶତ ବିଧାୟକ ବିରୋଧରେ ଆପରାଧିକ ମାମଲା ରହିଛି। ମହିଳା ସମ୍ବନ୍ଧିତ ଅପରାଧରେ ପଶ୍ଚିମବଙ୍ଗ (୨୩ ବିଧାୟକ) ଆଗରେ ରହିଛି। ଆନ୍ଧ୍ରପ୍ରଦେଶ ଦ୍ୱିତୀୟ (୨୧ ବିଧାୟକ) ସ୍ଥାନରେ ଅଛି। ସେହିପରି ଓଡ଼ିଶାର ୧୬ ଜଣ, ମହାରାଷ୍ଟ୍ରର ୧୦ ଜଣ ଏବଂ ବିହାର ୮ ଜଣ ବିଧାୟକଙ୍କ ବିରୋଧରେ ମହିଳା ବିରୋଧୀ ମାମଲା ରହିଛି। ଦେଶର ୪୫ % ବିଧାୟକ ନିଜ ନାମରେ ଆପରାଧିକ ମାମଲା ଥିବା ଘୋଷଣା କରିଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ୨୯ ପ୍ରତିଶତଙ୍କ ବିରୋଧରେ ଗମ୍ଭୀର ମାମଲା ରହିଛି।

### ଦେଶରେ ଆପରାଧିକ ରେକର୍ଡ ଥିବା ସାଂସଦଙ୍କ ସଂଖ୍ୟା ୧୬% ବୃଦ୍ଧି

# ଯୌତୁକ ହତ୍ୟା ମାମଲାର ମୋଡ଼ ବଦଳିଲା

ନୋଏଡ଼ା, ୨୭।୮ (ଏଜେନ୍ସି): ନୋଏଡ଼ାରେ ଯୌତୁକ ପାଇଁ ନିକି ଭାଟିଙ୍କୁ ଜିଅନ୍ତା ଜାଳିଦେବା ମାମଲାରେ ଦିନକୁ ଦିନ ନୂଆ ମୋଡ଼ ନେବାରେ ଲାଗିଛି। ନିକିଙ୍କ ପରିବାର ତାଙ୍କ ସ୍ୱାମୀ ବିପିନ ଏବଂ ଶଶୁର ଘର ବିରୋଧରେ ଯୌତୁକ ମାମଲା ରୁଜୁ କରିଥିବାବେଳେ ଏବେ ନିଜ ପରିବାର ଉପରେ ସମାନ ଅଭିଯୋଗ ଲାଗିଛି। ନିକିଙ୍କ ଭାଇ ରୋହିତ ପାୟଲାଙ୍କ ସ୍ତ୍ରୀ (ଅଲଗା ରହୁଥିବା) ମିନାକ୍ଷୀ ଏହି ଅଭିଯୋଗ ଲଗାଇଛନ୍ତି। ଶଶୁର ଘର ଲୋକ ତାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେଉଥିବା କହିଛନ୍ତି।

ରୋହିତ ୨୦୧୬ରେ ପାଲା ଗ୍ରାମର ମିନାକ୍ଷୀଙ୍କୁ ବିବାହ କରିଥିଲେ। ତାଙ୍କ ପରିବାର ଯୌତୁକରେ ମାରୁତି ସୁଜୁକି ସିଆଜ ଦେଇଥିଲେ। କିନ୍ତୁ ଅଶୁଭ କହି ଶଶୁର ଘର ଲୋକେ ଏହାକୁ ବିକି ଦେଇଥିଲେ। ଏହା ବଦଳରେ ସ୍କର୍ପିଓ ଏସ୍‌ୟୁଭି ଏବଂ ଟଙ୍କା ମାଗିଥିବା ମିନାକ୍ଷୀଙ୍କ ପରିବାର ଦାବି କରିଛନ୍ତି। ମାତ୍ର ଏହା ଦେବାକୁ ମନା କରିବାରୁ ପାୟଲା ପରିବାର ବୋହୂ ମିନାକ୍ଷୀଙ୍କୁ ବାପ ଘରକୁ ପଠାଇ ଦେଇଥିଲେ। ପରେ ଏହି ମାମଲା ଗ୍ରାମପଞ୍ଚାୟତକୁ ଯାଇଥିଲା। ଏହାର ବିଚାର କରି ବୋହୂକୁ ଗ୍ରହଣ କର ନଚେତ ବିବାହରେ ଖର୍ଚ୍ଚ ହୋଇଥିବା ୩୫ ଲକ୍ଷ ଟଙ୍କା ଫେରାଇବାକୁ ପାୟଲା ପରିବାରକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହାକୁ ନିକିଙ୍କ ପରିବାର ମାନି ନ ଥିଲେ। ଆଜି ପର୍ଯ୍ୟନ୍ତ ମିନାକ୍ଷୀ ଅଲଗା ହୋଇ ରହିଛନ୍ତି। ନିକିଙ୍କ ବାପା ଭିକାରୀ ସିଂହ ପାୟଲା ତାଙ୍କୁ ଗ୍ରହଣ କରିବାକୁ ରାଜି ହେଉ ନ ଥିବା ମିନାକ୍ଷୀ କହିଛନ୍ତି।

ଏ ବିଷୟରେ ନିକିଙ୍କ ଭାଇକୁ ପଚରାଯିବାରୁ ସେ କିଛି କହିବାକୁ ରାଜି ନ ଥିଲେ। ଏହା କେବଳ ଅଭିଯୋଗ କହି ଏଡ଼ାଇ ଯାଇଥିଲେ। କିନ୍ତୁ ତାଙ୍କ ପାଖରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତି କହିଥିଲେ ଯେ ଏହି ମାମଲାକୁ ନେଇ ଦୁଇ ପରିବାର ପରସ୍ପର ଉପରେ ବନ୍ଧୁକ ଉଠାଇ ଥିଲେ। ସେ ପାୟଲା ପରିବାରଙ୍କ ପକ୍ଷ ନେଇ ଆମେ ମିନାକ୍ଷୀଙ୍କୁ ପୋଡ଼ି ନାହୁଁ ବୋଲି କହିଥିଲେ। ଅନ୍ୟପଟେ ଗିରଫ ହୋଇଥିବା ନିକିଙ୍କ ଶଶୁର ମିନାକ୍ଷୀଙ୍କୁ ଘରକୁ ଫେରେଇ ନେବାକୁ ଆଶ୍ୱାସନା ଦେଇଥିଲେ। ସମ୍ପର୍କ ଆଧାରରେ ସେ ପାୟଲାଙ୍କୁ ବୁଝାଇବେ ବୋଲି କହିଥିଲେ। ପୂର୍ବରୁ ନିକିଙ୍କ ବାପା ମଧ୍ୟ ଯୌତୁକକୁ ଉଚିତ ଦର୍ଶାଇ ଥିଲେ। ଆମ ସମାଜରେ ଏପରି ଚାଲୁଛି ବୋଲି କହିଥିଲେ।

### ନିକିଙ୍କ ପରିବାର ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ


## ଟ୍ରମ୍ପଙ୍କ ଦାବି
# ଯୁଦ୍ଧ ବନ୍ଦ ପାଇଁ ମୋଦୀଙ୍କୁ ଧମକ ଦେଇଥିଲି



ୱାଶିଂଟନ, ୨୭।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଭାରତ-ପାକିସ୍ତାନ ସଂଘର୍ଷକୁ ବନ୍ଦ କରି ପରମାଣୁ ଯୁଦ୍ଧ ଅଟକାଇ ଥିବା ଦାବି କରିଛନ୍ତି। ବୁଧବାର ହ୍ୱାଇଟ ହାଉସରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଟ୍ରମ୍ପ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କରି ଚେତାବନୀ ଦେଇଥିଲି। ଯୁଦ୍ଧ ବନ୍ଦ ନ କଲେ ଚଢ଼ା ଶୁଳ୍କ ଲଗାଇବାକୁ କହିଥିଲି। ଏହି ସଂଘର୍ଷ ପରମାଣୁ ଯୁଦ୍ଧମୁହାଁ ହେଉଥିଲା। ତେଣୁ ଦୁଇ ଦେଶ ମଧ୍ୟରେ ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ବାଣିଜ୍ୟ ଚୁକ୍ତିକୁ ରୋକି ଦିଆଯିବ। ଭାରତ ଉପରେ ଏତେ ଶୁଳ୍କ ଲଗାଯିବ ଯେ ମୁଣ୍ଡ ବୁଲାଇବ ବୋଲି କହିଥିଲି। ଏହାର ୫ ଘଣ୍ଟା ପରେ ଦୁଇ ଦେଶ ପଛକୁ ହଟିଥିଲେ। ତେବେ ଭାରତ ସର୍ବଦା ଏହି ଦାବିକୁ ଖାରଜ କରି ଆସିଛି। ଟ୍ରମ୍ପ ପୁଣି କହିଥିଲେ ଯେ ମୋଦୀ ଜଣେ ବହୁତ ଭଲ ଲୋକ। ତାଙ୍କ ସହ କଥା ହୋଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ କ'ଣ ଚାଲିଛି ବୋଲି ପଚାରି ଥିଲି। ଉଭୟ ଦେଶ ମଧ୍ୟରେ ଘୃଣା ଥିଲା। ଏବେ ଏହି ମାମଲାର ସମାଧାନ ହୋଇଯାଇଛି। ପୁଣି ଆରମ୍ଭ ହେଲେ ମଧ୍ୟ ରୋକିବି। କେବେ ଏପରି ହେବାକୁ ଦେବୁନି। ଟ୍ରମ୍ପ ଦାବି କରିଛନ୍ତି ଯେ ଏହି ସଂଘର୍ଷରେ ଅନେକ ଯୁଦ୍ଧ ବିମାନ ଧ୍ୱଂସ ହୋଇଛି। ଏହାର ମୂଲ୍ୟ ପ୍ରାୟ ୧୫ କୋଟି ଡଲାର ହେବ। ପ୍ରକୃତ ସଂଖ୍ୟା କେବେ କୁହାଯାଇ ନାହିଁ। ତେବେ ଟ୍ରମ୍ପ ଏ ନେଇ କୌଣସି ପ୍ରମାଣ ଦେଇନାହାନ୍ତି। କିନ୍ତୁ ସେ ଏହି ସଂଘର୍ଷକୁ ରୁଷ-ୟୁକ୍ରେନ ଯୁଦ୍ଧ ସହ ତୁଳନା କରି କହିଥିଲେ ଯେ ଏହା ବୈଶ୍ୱିକ ସଙ୍କଟରେ ରୂପ ନେଇପାରିଥାନ୍ତା।

# ସ୍କୁଲ ଟଏଲେଟ୍‌ରେ ଜଳିଗଲେ ଛାତ୍ରୀ

ପାଟନା, ୨୭ ।୮(ଏଜେନ୍ସି): ବିହାରର ପାଟନାରେ ଆଉ ଏକ ବଡ଼ ଘଟଣା ଘଟିଛି। ଗର୍ଦ୍ଦନିବାଗ ଅଞ୍ଚଳରେ ଚିତଖୋରା ଅଞ୍ଚଳର ଏକ ସରକାରୀ ବିଦ୍ୟାଳୟରେ ଜଣେ ୫ମ ଶ୍ରେଣୀ ଛାତ୍ରୀ ନିଆଁରେ ଜଳି ଯାଇଛନ୍ତି। ଆମଲା ତୋଲା କନ୍ୟା ବିଦ୍ୟାଳୟର ଏକ ଟଏଲେଟ୍‌ରେ ଜଳିଯାଇ ଛାତ୍ରୀଜଣକ ମୃତ୍ୟୁବରଣ କରିଛନ୍ତି। ଟଏଲେଟରୁ ଧୂଆଁ ବାହରୁଥିବାର ଦେଖି ଶିକ୍ଷକ ଓ ବିଦ୍ୟାଳୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ଘଟଣାପରେ ଛାତ୍ରୀଙ୍କ ପରିବାର ଲୋକେ ଓ ଛାତ୍ରମାନେ ସ୍କୁଲ୍‌ରେ ଭଙ୍ଗାରୁଜା କରିଛନ୍ତି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ଉତ୍ୟକ୍ତ ଲୋକେ ପୁଲିସ ଉପରେ ଆକ୍ରମଣ କରିଥିଲେ।



# କଲେଜିୟମ ଅସହମତି ସତ୍ତ୍ୱେ ୨ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି (ସିଜେ) ଭିପୁଲ ପାଞ୍ଚୋଲି ଏବଂ ବମ୍ବେ ହାଇକୋର୍ଟର ସିଜେ ଆଲୋକ ଅରାଧେଙ୍କୁ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତି କରାଯାଇଛି। ବିଚାରପତିଙ୍କ ମଧ୍ୟରେ ଅସହମତି ସତ୍ତ୍ୱେ ସୁପ୍ରିମକୋର୍ଟ କଲେଜିୟମ କରିଥିବା ଏହି ସୁପାରିସକୁ ବୁଧବାର କେନ୍ଦ୍ର ମଞ୍ଜୁରୀ ଦେଇଛି। ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ସୂଚନା ଦେଇଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ୩୪ରେ ପହଞ୍ଚିଛି। ତେବେ ଜଷ୍ଟିସ ପାଞ୍ଚୋଲିଙ୍କ ସୁପାରିସକୁ ନେଇ କଲେଜିୟମରେ ସାମିଲ ଜଷ୍ଟିସ ବିଭି ନାଗରତ୍ନା ତୀବ୍ର ବିରୋଧ କରିଥିଲେ। ଜଷ୍ଟିସ ପାଞ୍ଚୋଲିଙ୍କ ସୁପାରିସ ନ୍ୟାୟପାଳିକା ଉପରେ ପ୍ରତିକୂଳ ପ୍ରଭାବ ପକାଇବ ଏବଂ କଲେଜିୟମର ବିଶ୍ୱସନୀୟତାକୁ ନଷ୍ଟ କରିଦେବ ବୋଲି କହିଥିଲେ। ଜଷ୍ଟିସ ପାଞ୍ଚୋଲି ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇଲେ ୨୦୩୧ ଅକ୍ଟୋବର ସୁଦ୍ଧା ସିଜେଆଇ ହୋଇପାରନ୍ତି। ସୂତ୍ର ଅନୁଯାୟୀ ଗତ ମେ' ମାସରେ ମଧ୍ୟ ଜଷ୍ଟିସ ନାଗରତ୍ନା ଏହି ପ୍ରସ୍ତାବ ଉପରେ ଅସହମତି ପ୍ରକାଶ କରିଥିଲେ। ସେତେବେଳେ ପ୍ରଥମ ଥର ପାଇଁ ଜଷ୍ଟିସ ପାଞ୍ଚୋଲିଙ୍କ ନାମ ସାମ୍‌ନାକୁ ଆସିଥିଲା। ପରେ ଜଷ୍ଟିସ ଏନ ଭି ଅଞ୍ଜାରିଆଙ୍କୁ ନିଯୁକ୍ତି କରାଯାଇଥିଲା। ତେଣୁ ତିନି ମାସ ପରେ ପୁଣି ଜଷ୍ଟିସ ପାଞ୍ଚୋଲିଙ୍କ ନାମ ସାମ୍‌ନାକୁ ଆସିବାରୁ ଜଷ୍ଟିସ ନାଗରତ୍ନା ଔପଚାରିକ ଭାବେ ଅସହମତି ପ୍ରକଟ କରିଥିଲେ।

# ୧୦ କୋଟିର ଜିଏସ୍‌ଟି ଠକେଇ; ଚୀନ୍ ମହିଳା ଗିରଫ

ମିରଟ, ୨୭ ।୮(ଏଜେନ୍ସି): ୧୦ କୋଟି ଟଙ୍କାର ଜିଏସ୍‌ଟି ଚୋରି ତଥା ଠକେଇ ମାମଲାରେ ବୁଧବାର ଏକ ଚୀନ୍ ମହିଳାଙ୍କ ସମେତ ଜଣେ କମ୍ପାନୀ ନିର୍ଦ୍ଦେଶକଙ୍କୁ ଗିରଫ କରାଯାଇ ମିରଟ୍‌ର କୋର୍ଟରେ ହାଜର କରାଯାଇଥିଲା। ଦୁଇଜଣଙ୍କୁ ନୋଏଡାରୁ ଗିରଫ କରାଯାଇଥିଲା। ଏହି ଥାନାରେ ଏତଲା ରୁଜୁ କରାଯାଇଥିଲା। ଏହାପରେ ରାତିରେ ମିରଟର ସ୍ୱତନ୍ତ୍ର ସିଜେଏମ୍ କୋର୍ଟରେ ଦୁଇଜଣଙ୍କୁ ହାଜର କରାଯାଇଥିଲା। କୋର୍ଟରେ ପହଞ୍ଚିବାପରେ ମହିଳା ଜଣକ ନିଜ ଚେହେରାକୁ ଲୁଚାଇବାକୁ ପ୍ରୟାସ କରିଥିଲେ ଓ କୋର୍ଟରେ ବହୁତ ପାଟିତୁଣ୍ଡ କରିଥିଲେ।

# ମନ୍ତ୍ରୀ, ବିଧାୟକଙ୍କୁ ଘଉଡ଼ାଇଲେ ଗ୍ରାମବାସୀ



ନାଳନ୍ଦା, ୨୭।୮ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନାଳନ୍ଦାର ମଲାମା ଗ୍ରାମରୁ ଆଶ୍ଚର୍ଯ୍ୟ କଲା ଭଳି ଏକ ଖବର ଆସିଛି। ଏଠାରେ ଗ୍ରାମବାସୀ ଗ୍ରାମୀଣ ବିକାଶମନ୍ତ୍ରୀ ଶ୍ରବଣ କୁମାର ଏବଂ ହିଲ୍‌ସା ବିଧାୟକ କୃଷ୍ଣ ମୁରାରୀ ଓରଫ ପ୍ରେମ ମୁଖିଆଙ୍କ ଉପରେ ରାଗି ଯାଇଛନ୍ତି। ସ୍ଥିତି ଏମିତି ହୋଇଛି ଯେ ମନ୍ତ୍ରୀ ଏବଂ ବିଧାୟକ କାର୍‌ରେ ବସିବା ପରେ ବି ଲୋକେ ଛାଡ଼ି ନ ଥିଲେ। ଚାରିପଟୁ ଘେରି ଯାଇ ଠେଙ୍ଗାବାଡ଼ିରେ ଗାଡ଼ି ଉପରେ ଆକ୍ରମଣ କରିଥିଲେ। ଏହା ଦେଖି ମନ୍ତ୍ରୀ ଏବଂ ବିଧାୟକ ଭୟରେ ଥରହର ହୋଇଥିଲେ। ସୁରକ୍ଷାକର୍ମୀ ତୁରନ୍ତ ମନ୍ତ୍ରୀଙ୍କୁ ଗାଡ଼ିରୁ ବାହାର କରିଥିଲେ। ସେ ଦୌଡ଼ି ଦୌଡ଼ି ୫୦୦ ମିଟର ଦୂରରେ ଥିବା ଆଉ ଏକ ଗାଡ଼ିରେ ବସିଥିଲେ। କିନ୍ତୁ ଗାଁ ଲୋକେ ବି ଛାଡ଼ି ନ ଥିଲେ। ସେମାନେ ମନ୍ତ୍ରୀଙ୍କ ପଛେ ପଛେ ଦୌଡ଼ି ଥିଲେ ଅନ୍ୟ କାର୍‌କୁ ମଧ୍ୟ ଘେରି ନେଇଥିଲେ। ପୁଣି ଆକ୍ରମଣ କରିଥିଲେ। ମନ୍ତ୍ରୀ ଏବଂ ବିଧାୟକଙ୍କୁ ବଞ୍ଚାଇବାକୁ ଯାଇ ବଡି ଗାର୍ଡ ମଧ୍ୟ ଆହତ ହୋଇଥିଲେ। ପରେ ଉଭୟଙ୍କୁ ତୃତୀୟ ଗାଡ଼ିକୁ ନିଆଯାଇଥିଲା। ଏହି ସମୟରେ ମନ୍ତ୍ରୀ ଧୋତି ଧରି ଗାଡ଼ି ପାଇଁ ପ୍ରାୟ ଏକ କିମି ପର୍ଯ୍ୟନ୍ତ ଦୌଡୁଥିବାର ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ପରେ ତୃତୀୟ ଗାଡ଼ିରେ ମନ୍ତ୍ରୀ ଏବଂ ବିଧାୟକଙ୍କୁ ପଠା ଯାଇଥିଲା। ମାତ୍ର ଗ୍ରାମବାସୀ ପଛରେ ଦୌଡ଼ି ଗାଡ଼ି ଉପରକୁ ପଥର ଏବଂ ଠେଙ୍ଗାବାଡ଼ି ମାଡ କରିଥିଲେ। ସ୍ଥିତିକୁ ଦେଖି ଗାଁରେ ଅଧିକ ସୁରକ୍ଷାବାହିନୀଙ୍କୁ ମୁତୟନ କରାଯାଇଛି। ମନ୍ତ୍ରୀ ଏବଂ ବିଧାୟକଙ୍କ ଉପରେ ଆକ୍ରମଣ କରିଥିବା ଲୋକଙ୍କୁ ଚିହ୍ନଟ କରାଯାଉଛି।

ସୂଚନାଯୋଗ୍ୟ ଯେ ନାଳନ୍ଦା ହେଉଛି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଗୃହ ଜିଲ୍ଲା। ରାଜ୍ୟରେ ଗତ ତିନି ଦିନ ମଧ୍ୟରେ ଦୁଇ ମନ୍ତ୍ରୀଙ୍କ ଉପରେ ଆକ୍ରମଣ ହେଲାଣି। ଗତ ୨୫ ତାରିଖରେ ପାଟନାର ଅଟଳ ପଥରେ ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଳ ପାଣ୍ଡେଙ୍କ ଗାଡ଼ି ଉପରକୁ ପଥରମାଡ଼ ହୋଇଥିଲା।

### ଧୋତି ଧରି ଧାଇଁଲେ ଗ୍ରାମୀଣ ବିକାଶମନ୍ତ୍ରୀ

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-64 ◆THURSDAY ◆28 AUGUST 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୬୪ ◆ଗୁରୁବାର ◆୨୮ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




'ସକାଳ' ଓ 'ନନ୍ଦିଘୋଷ ଟିଭି' ମୁଖ୍ୟ କାର୍ଯ୍ୟାଳୟରେ ବିଘ୍ନବିନାଶକଙ୍କ ପୂଜା

ପାର୍ବଣ ଋତୁ ଆରମ୍ଭ

## ଲଘୁଚାପ ଘନୀଭୂତ
# ଦକ୍ଷିଣରେ ବଢ଼ିଲା ବନ୍ୟା ଆଶଙ୍କା

■ଭୁବନେଶ୍ୱର,୨୭।୮(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ବର୍ତ୍ତମାନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ରହିଛି। ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ଏହା ଓଡ଼ିଶା ଉପରେ ରହିବାକୁ ଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ଆଶଙ୍କା ରହିଛି। ଗୁରୁବାର ବିଶେଷ କରି ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗିର, ନୂଆପଡ଼ା ଓ ବରଗଡ଼ ଆଦିରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ଉତ୍ତର ଓଡ଼ିଶାରେ ମଧ ବର୍ଷା ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି।

ଗତ ୨୪ ଘଣ୍ଟାରେ ରାଜ୍ୟର ୮ ଟି ଅଞ୍ଚଳରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୫ ଟି ଅଞ୍ଚଳରେ ୭୦-୯୦ ମିମି ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବାରୁ ଏଠାରେ ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ବନ୍ୟା ସ୍ଥିତିରେ ସୁଧାର ଆସିବାରେ ଲାଗିଛି। ଏବେ କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ। ଲଘୁଚାପ ପ୍ରଭାବରେ କୋରାପୁଟରେ ପ୍ରବଳ ବର୍ଷା ହୋଇଛି। ସବୁଠୁ ଅଧିକ ବର୍ଷା କୋଲାବ ଅବବାହିକାରେ ହୋଇଛି। ଇନ୍ଦ୍ରାବତୀ ଅବବାହିକାରେ ବି ଭଲ ବର୍ଷା ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଉତ୍ତର ଓଡ଼ିଶାରେ ପ୍ରାୟ ସବୁ ନଦୀରେ ଜଳସ୍ତର ବିପଦ ସଙ୍କେତ ତଳେ ପ୍ରଭାବିତ ହୋଇଛି। ଆଗାମୀ ଦିନରେ ଆହୁରି ତଳକୁ ଆସିବ। ବର୍ତ୍ତମାନ ବୈତରଣୀରେ ପାଣି କମିଯାଇଛି। ତଳିଆ ଅଞ୍ଚଳରୁ ପାଣି କମିବାକୁ ସମୟ ଲାଗିବ। ପାଣି କମିବା ପରେ ସ୍ଥିତି ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ଲଘୁଚାପ ଯୋଗୁଁ ବର୍ତ୍ତମାନ ଉତ୍ତର ଓଡ଼ିଶା ଉପକୂଳ ସମଦ୍ର ଅଶାନ୍ତ ରହିଛି। ସମୁଦ୍ର ମଧ୍ୟରେ ପବନର ବେଗ ୩୦-୪୦ ଓ ଝଟକା ପବନ ୫୦ କିମି ରହୁଥିବାରୁ ୨୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ମନା କରାଯାଇଛି।

# ଜେଲ୍ ଗଲେ ଓଏଫ୍ଏସ୍ ଅଧିକାରିଣୀ

■ଭୁବନେଶ୍ୱର, ୨୭।୮ (ସମିସ):ଲାଞ୍ଚ ନେବାବେଳେ ଧରାପଡ଼ି ଭିଜିଲାନ୍ସ ସ୍କାନରକୁ ଆସିଥିବା ଆସିଷ୍ଟାଣ୍ଟ ଟାକ୍ସ କମିସନର ତଥା ଓଏଫ୍ଏସ୍ ସରିତା ବାରିକଙ୍କୁ ଗିରଫ କରିଛି ଭିଜିଲାନ୍ସ। ଜାମିନ ନାମଞ୍ଜୁର ହେବାରୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଭୁବନେଶ୍ୱର ସର୍କଲ ୪ର ଆସିଷ୍ଟାଣ୍ଟ କମିସନର ସରିତା ବାରିକ ଜଣେ ବେକେରି ଦୋକାନ ମାଲିକଙ୍କୁ ୨ ଲକ୍ଷ ୨୭ ହଜାର ଟଙ୍କା ଜରିମାନା ଓ ଟିକସ ପ୍ରଦାନ ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଦୋକାନୀ ଜଣକ ସମାଧାନ ଅନୁରୋଧ କରିବା ପରେ ସରିତା ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଦୋକାନୀ ଜଣକ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହେବାପରେ ମାମଲା ରୁଜୁ କରିଥିଲା। ଗତକାଲି ମଧୁସୂଦନ ନଗର ଅଞ୍ଚଳରେ ସରିତା ନିଜ କାର ଭିତରେ ବସି ଦୋକାନୀଙ୍କ ଠାରୁ ଲାଞ୍ଚ ନେଉଥିଲେ। ପୂର୍ବ ଯୋଜନା ମୁତାବକ ଛକି ରହିଥିବା ଭିଜିଲାନ୍ସ ଟିମ୍ ସରିତାଙ୍କୁ ମାଡ଼ି ବସିଥିଲା। ଲାଞ୍ଚ ନେଇ ଧରାପଡ଼ିବା ପରେ ଭିଜିଲାନ୍ସ ଟିମ୍ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସରିତା ରହୁଥିବା ଭୁବନେଶ୍ୱର ମଧୁସୂଦନ ନଗର ସ୍ଥିତ ଭଡ଼ା ଘର, ବାରିପଦ ସ୍ଥିତ ପୈତୃକ ଘର ଓ ଅଫିସ୍‌ରେ ଚଢ଼ଉ କରିଥିଲା।

# କଟକ ରେଳଷ୍ଟେସନ ପ୍ଲାଟଫର୍ମ ସେଡ୍ ଭୁଶୁଡ଼ିଲା

■ କଟକ,୨୭।୮(ସମିସ): କଟକ ରେଳଷ୍ଟେସନ ନବୀକରଣ କାର୍ଯ୍ୟ ଚାଲିଥିବା ବେଳେ ଆଜି ଏକ ଅଘଟଣ ଘଟିଛି। ରେଳଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମ ଉପରକୁ ଭଙ୍ଗାଯାଉଥିବା ଏକ ପୁରୁଣା କୋଠାର ବୃହତ୍ତ କାନ୍ଥ ହଠାତ ଗଳିପଡିଥିଲା। ଫଳରେ ପ୍ଲାଟଫର୍ମ ସେଡ୍ ଭାଙ୍ଗିପଡି ୧ନମ୍ବର ରେଳଧାରଣା ଉପରକୁ ଖସିପଡିଥିଲା। ଏହି ଦୁର୍ଘଟଣାରେ କୌଣସି ଧନଜୀବନ ହାନି ହୋଇନଥିବା ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି।



ଆଜି ଅପରାହ୍ଣ ୩ଟା୪୫ ମିନିଟ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ରେଳଷ୍ଟେସନର ନବୀକରଣ କାର୍ଯ୍ୟ ଚାଲୁଥିବା ବେଳେ ବାରବାଟୀ ଦୁର୍ଗ ସଦୃଶ ଏହାର ମୁଖ୍ୟ ପ୍ରବେଶ ଦ୍ୱାର ଛାତ ଭଙ୍ଗାଯାଉଥିଲା। ଏହି ସମୟରେ ଛାତ ସହ ସମ୍ପୁର୍ଣ୍ଣ କାନ୍ଥ ୧ନମ୍ବର ପ୍ଲାଟଫର୍ମ ଉପରକୁ ଭାଙ୍ଗି ପଡିଥିଲା। ଫଳରେ ପ୍ଲାଟଫର୍ମର ପ୍ରାୟ ୧୦୦ମିଟର ପର୍ଯ୍ୟନ୍ତ ଟିଣ ସେଡ୍ ଭାଙ୍ଗି ଯାଇଥିଲା। ଉକ୍ତ କାନ୍ଥ ଏତେ ଜୋରରେ ପଡିଥିଲା ଯେ ତାହା ରେଳଧାରଣା ଉପରକୁ ଚାଲିଆସିଥିଲା। ସୌଭାଗ୍ୟବଶତଃ ସେହି ସମୟରେ ଏକ ନମ୍ବର ରେଳ ଟ୍ରାକରେ କୌଣସି ଟ୍ରେନ ଯାଉନଥିଲା। ଯୁଦ୍ଧକାଳୀନ ▶ପୃଷ୍ଠା-୭





DADLS-47

ସତ୍ୟମେବ ଜୟତେ





|| ନୂଆଁଖାଇ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ||

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍‌ପାଟି)





ନୂଆଁଖାଇ ଜୁହାର୍
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ତିହାର୍ ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍ ।

ନୂଆଁ ଧାନ୍ କେ ନିଜର୍ ଇଷ୍ଟ ଦେବାଦେବୀଙ୍କୁ ସମର୍ପିକରି ସଭେ ମିଶିକରି ନୂଆଁ ଖାଏବାର୍ ପରମ୍ପରା ''ନୂଆଁଖାଇ ତିହାର୍'' ହେଉଛେ ଆମର୍ ସଂସ୍କୃତି, ସମୃଦ୍ଧି ଆର୍ ଏକତାର୍ ପ୍ରତୀକ୍ ।


ନୂଆଁ ଆଶା ନେଇକରି ଆସିଥିବାର୍ ଇ ତିହାର୍ ସମକର୍ ଜୀବନଥି ସୁଖ, ଶାନ୍ତି ଆର୍ ସମୃଦ୍ଧି ଭରିଦେଉ, ଇଟା ହିଁ ମୁଇଁ ମାଁ ସମଲେଇଙ୍କର ପାହାତଲେ ଗୁହାରି କରୁଛେଁ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0977/2526

# ବିଦ୍ୟାଦାତାଙ୍କୁ ଆବାହନ; ବାରିପଦା ଉତ୍ସବମୁଖର








ବାରିପଦା, ୨୭ ।୮ (ସମିସ)

ବିଦ୍ୟାଦାତା ଶ୍ରୀ ଗଣେଶଙ୍କ ପୂଜା ପାଇଁ ବାରିପଦା ସହର ଉତ୍ସବ ମୁଖର ହୋଇଛି । ସହରର ବିଭିନ୍ନ ମଣ୍ଡପରେ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ପ୍ରତ୍ୟେକ କ୍ଲବ/ସଙ୍ଗଠନ ପକ୍ଷରୁ ଆୟୋଜିତ ତୋରଣ ଓ ଆଲୋକମାଳାରେ ସହର ଝଲମଲ ହୋଇଛି । ଗାନ୍ଧୀ ବଜାର ସ୍ଥିତ ଗାନ୍ଧୀ କ୍ଲବର ୬୬ତମ ପୂଜା, ପାଲବଣି ସ୍ଥିତ ଗଣେଶ ପୂଜା ଜୁନିୟର କମିଟିର ୨୨ତମ ପୂଜା, ଲାଲ ବଜାର ରାଜା କମିଟିର ୧୯ତମ ପୂଜା, ତୁଳସୀଚୌରାର ଫ୍ରେଣ୍ଡସ ୟୁନିୟନ ଓ କଲେଜ ଛକ ଗଣେଶ ପୂଜା କମିଟିର ମଧ୍ୟ ୧୯ ତମ ପୂଜା, ଭଞ୍ଜପୁର ସ୍ଥିତ ଜେଡି ଫ୍ରେଣ୍ଡସ କ୍ଲବର ୧୩ତମ ପୂଜା, ଚେକଗେଟ ଗଣେଶ ପୂଜା କମିଟି ୧୧ତମ ପୂଜା, ସ୍ୱରୂପ ନଗରର ମୟୂରଭଞ୍ଜ ବିୟୁଟି ଓ ଆମ ଖଟି ପିଲା କମିଟିର ୩ୟ ବର୍ଷ ପୂଜା, ପାଲବଣି ବାଇପାସ ଟା ଖଟି ପୂଜା, ପୁରୁଣାହାଟ ସାହି ଗଣେଶ ପୂଜା କମିଟି, ଟ୍ରାଫିକ ଛକ ସ୍ଥିତ ଆସ ମିଶ କ୍ଲବ, ତେନ୍ତୁଳଡିଙ୍ଗା ଗଣେଶ ପୂଜା କମିଟି, କଲେଜ ପଡ଼ିଆ ସ୍ଥିତ ଜୋକର୍ସ କ୍ଲବ ଗଣେଶ ପୂଜା କମିଟି ପୂଜା, ଷ୍ଟେସନ ବଜାର ଗଣେଶ ପୂଜା ସମେତ ଅନ୍ୟାନ୍ୟ ସ୍ଥାନର ପୂଜା ବେଶ ଆକର୍ଷଣୀୟ ହୋଇଛି ।



ସବୁଠି ଉଚ୍ଚ ମୂର୍ତ୍ତି ହୋଇଥିବା ବେଳେ ଲାଲ ବଜାର ରାଜା, ତୁଳସୀଚୌରା, ଭଞ୍ଜପୁର, ଟ୍ରାଫିକ ଛକ ଆଦି ସ୍ଥାନର ମୂର୍ତ୍ତି ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି । ବିଭିନ୍ନ କମିଟି ପକ୍ଷରୁ ସକାଳୁ ଘଟ ଉତ୍ତୋଳନ କରାଯାଇ ଗଣେଶ ପୂଜା ହୋଇଛି । ପଶ୍ଚିମବଙ୍ଗରୁ ମୂର୍ତ୍ତି କାରିଗରଆସି ନାନା ଥିମରେ ଗଜାନନଙ୍କ ମୂର୍ତ୍ତି ପ୍ରସ୍ତୁତି କରିଛନ୍ତି । ପୂଜା ତୋରଣ, ସାଜସଜ୍ଜା, ଆନୁଷଙ୍ଗିକ ବ୍ୟବସ୍ଥା ଓ ମୂର୍ତ୍ତି ତିଆରି ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଥିଲା । ପୂଜା କମିଟି ପକ୍ଷରୁ ପ୍ରାୟ ସପ୍ତାହରୁ ଊର୍ଦ୍ଧ୍ୱ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।



ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଆଶ୍ରମ ବିଦ୍ୟାଳୟରେ ମୁଗୁନି ପଥର ମୂର୍ତ୍ତିରେ ପୂଜା ପାଇଲେ ଗଜାନନ

## ନିଯୁକ୍ତି ପାଇଲେ ୨୬୦ ଅତିଥି ଶିକ୍ଷକ

ବାରିପଦା, ୨୭ ।୮ (ସମିସ): ଶିକ୍ଷା ବିଭାଗର ପତ୍ର ସଂଖ୍ୟା ୨୧୧୪୩/ ତା ୧.୮.୨୫ରିଖ ଅନୁସାରେ ସାରା ଓଡ଼ିଶାରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଅଭାବ ଥିବା ହାଇସ୍କୁଲଗୁଡିକରେ ୬୩୮୭ ଜଣ ଅତିଥି ଶିକ୍ଷକ/ଶିକ୍ଷୟିତ୍ରୀ ଚଳିତ ବର୍ଷ କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଯାଇଥିଲା । ସେଥିମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରେ ୨୬୦ ଜଣ ଅତିଥି ଶିକ୍ଷକଙ୍କୁ ନିଯୁକ୍ତି ମିଳିଥିବା ଜଣାପଡ଼ିଛି । ଯେଉଁ ଶିକ୍ଷକ ବା ଶିକ୍ଷୟିତ୍ରୀ ଚାକିରିରୁ ଅବସର ଗ୍ରହଣ କରୁଥିବେ; ମାତ୍ର ୬୫ ବର୍ଷ ହୋଇନଥିବ ସେମାନଙ୍କୁ ଖାଲିଥିବା ଜାଗାରେ ବର୍ଷକ ପାଇଁ ମାସିକ ୧୨ ହଜାର ଟଙ୍କା ପାରିଶ୍ରମିକରେ ନିଯୁକ୍ତି ଦିଆଯାଇଥାଏ । ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅନୁମୋଦନ କ୍ରମେ ମୟୂରଭଞ୍ଜର ୨୬୦ ଜଣ ଅତିଥି ଶିକ୍ଷକ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ସରକାରୀ ହାଇସ୍କୁଲରେ ୧୪ ଜଣ, ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୮୬ ଜଣ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ୧୬୦ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି । ଜିଲ୍ଲା ଓଷ୍ଟା ସଂଘ ପକ୍ଷରୁ ସଭାପତି ଚିତ୍ତରଞ୍ଜନ ପଲତା ଓ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ ଏହି ନିଯୁକ୍ତି ପାଇଁ ରାଜ୍ୟ ସରକାର, ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ପ୍ରାଚୀର ପତ୍ର 'ଭଞ୍ଜଶ୍ରୀ'ର ଗଜାନନ ବିଶେଷାଙ୍କ ଲୋକାର୍ପଣ

ବାରିପଦା, ୨୭ ।୮ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରାଚୀର ପତ୍ର 'ଭଞ୍ଜଶ୍ରୀ'ର ଗଜାନନ ବିଶେଷାଙ୍କ ଗଣେଶ ଚତୁର୍ଥୀ ଅବସରରେ ଲୋକାର୍ପିତ ହୋଇଛି । ଗବେଷଣା ଉନ୍ନୟନ ପରିଷଦର ନିର୍ଦ୍ଦେଶକ ତଥା ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ପ୍ରମୋଦ କୁମାର ଶତପଥୀ ଏହାକୁ ଲୋକାର୍ପଣକରି ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ପ୍ରଶଂସା କରିଥିଲେ । ହଷ୍ଟେଲ ସମୂହର ୱାର୍ଡେନ୍ ପ୍ରଫେସର ରାଜେଶ୍ କୁମାର ସିଂ, ଏଟିଏସ୍ ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ବସନ୍ତ କୁମାର ମହାନ୍ତ, ସମାଜସେବା ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶୁଭେନ୍ଦୁ ଶତପଥୀ ଓ ସୁଜୟ କୁଣ୍ଡୁ ସମାରୋହରେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ଗୁଣଗାନ କରିଥିଲେ । ଏହି ସଂଖ୍ୟାରେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅର୍ଚ୍ଚନା ଭଟ୍ଟ, ଦିପ୍ତୀରେଖା ରାଉତ, ଇତିଶ୍ରୀ ଦାସ, ମୋହିନୀ ଲକ୍ଷ୍ମୀମୁଦ୍ରା ଶତପଥୀ, ପୀତବାସ ମହାକୁଳ, ସୁଶ୍ରୀ ଶ୍ରାବଣୀ ସାହୁ, ସଞ୍ଜୀବନୀ ନାଥ, ଜଗନ୍ନାଥ ପଟ୍ଟନାୟକ, ବନ୍ଦନା ସାହୁ, କେଶବ ରଞ୍ଜନ ରଣା, ସାଗରିକା ମହାରଣା, କାହ୍ନୁ ଚରଣ ପାଢ଼ୀ, ଗୋଲକ ବିହାରୀ ରଣା, ରିମାଶ୍ରୀ ବିନ୍ଧାଣୀ, ହର୍ଷୀତା ପାଲ୍, ପ୍ରଜ୍ଞାପାରମିତା ରାୟ, ଶୁଭଲକ୍ଷ୍ମୀ ମହାପାତ୍ର, ରୁଲି ବେହେରା, ଜ୍ୟୋତିର୍ମୟୀ ମହାପାତ୍ର ପ୍ରମୁଖ ସ୍ୱରଚିତ କବିତା ଗଳ୍ପ, ହସକଥାମାନ ସ୍ଥାନିତ କରିଥିଲେ । ସଂଖ୍ୟାର ସମ୍ପାଦକ ଭାବରେ ବିଭାଗୀୟ ସହକାରୀ ପ୍ରଫେସର ଡକ୍ଟର ଶିଶିର ବେହେରା, ଉପଦେଷ୍ଟା ଭାବରେ ସହକାରୀ ପ୍ରଫେସର ଡକ୍ଟର ବିଚିତ୍ର ନାଥ ସାହୁ ଓ ଅଧ୍ୟାପିକା ଡକ୍ଟର ବିନ୍ଧେଶ୍ୱରୀ କଳିଆ, ଅଧ୍ୟାପକ ରାଜକୁମାର ପାତ୍ର ଓ ହୃଷିକେଶ ମହାନ୍ତ ରହିଛନ୍ତି । ସହସମ୍ପାଦକ ଭାବରେ ଛାତ୍ରୀ ପ୍ରମିଳା ସାହୁ, ସ୍ନେହମୟୀ ପୂଜାରୀ, ରଶ୍ମିତା ବେରା, ଇତିଶ୍ରୀ ଦାସ, ବର୍ଷାରାଣୀ ଜେନା ଥିବାବେଳେ ଅକ୍ଷରସଜ୍ଜାରେ ଗୋଲକ ବିହାରୀ ରଣା, କେଶବ ରଞ୍ଜନ ରଣା, ଲକ୍ଷ୍ମୀକାନ୍ତ ଜେନା, ଅନୀଲ କୁମାର ଜେନା, ଦେବସ୍ମିତା ପୁହାଣ, ଶୀତଳ କୁମାର ରାଉତ, ଦିବ୍ୟାଂକ୍ଷୀ ପଣ୍ଡା ଓ ହିଲ୍ଲି ବେହେରା ରହିଛନ୍ତି ।



## ଜଳିଗଲା ଦୁଇବଖରା; ବୃଦ୍ଧା ଗୁରୁତର

କୁଆମରା, ୨୭।୮ (ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଗଡ଼ିଆମାଳ ଗ୍ରାମର ସୁକୁଲ ମାରାଣ୍ଡି ଓ ଶୀବ ମାରାଣ୍ଡିଙ୍କ ଦୁଇ ବଖରା ଚାଳଘର ପୋଡିଯାଇଛି । ଘରେ ଶୋଇଥିବା ତାଙ୍କ ମାଆ ସବା ମାରାଣ୍ଡି (୭୦) ଘରୁ ବାହାରି ନ ପାରିବାରୁ ସେ ୫୦ ପ୍ରତିଶତ ପୋଡିଯାଇଛନ୍ତି । ସୂଚନା ମୁତାବକ ମଙ୍ଗଳବାର ରାତିରେ ରୋଷେଇ କରୁଥିବା ବେଳେ ଅସାବଧାନତା ବଶତଃ ଚୁଲିରୁ ନିଆଁ ଉଠି ଚାଳକୁ ଧରିଥିଲା । ପରେ ଦୁଇ ବଖରା ଜଳିଯାଇଥିଲା । ପରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ପୋଡି ହୋଇଥିବା ମହିଳାଙ୍କୁ ପ୍ରଥମେ କୁଆମରା ଏବଂ ପରେ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଛି ।

## ଗଣେଶ ପୂଜା ଭିଡ଼ରେ ମହିଳାଙ୍କଠାରୁ ହାର ଲୁଟ୍

ବାରିପଦା, ୨୭ ।୮ (ସମିସ): ଗଣେଶ ପୂଜା ପାଇଁ ବାରିପଦା ସହର ଭିଡ଼ ଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଜଣେ ମହିଳାଙ୍କ ଠାରୁ ସୁନାହାର ଛିନତାଇ କରିଛନ୍ତି । ଏନେଇ ମହିଳା ଜଣକ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଲାଲ ବଜାର ସ୍ଥିତ ଶ୍ରୀରାମଚନ୍ଦ୍ର ପାଠାଗାର ନିକଟରେ ଦିନ ପ୍ରାୟ ୧୨ ସମୟରେ ମହିଳା ଜଣକ ରାସ୍ତା କଡରେ ଚାଲିକି ଯାଉଥିବା ବେଳେ ଛିନତାଇ ହୋଇଛି । ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ପହଞ୍ଚି ମହିଳାଙ୍କ ବେକରୁ ସୁନା ଚେନକୁ ଛିନତାଇ କରି ଚମ୍ପଟ ମାରିଥିଲେ । ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ । ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି ।

## ଡିସିସି ଚୟନ କମିଟିରେ ଅଂଶୁମାନ

ବାରିପଦା, ୨୭ ।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ଯୁବନେତା ଅଂଶୁମାନ ଦାସ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଚୟନ କମିଟିରେ ସ୍ଥାନ ପାଇଛନ୍ତି । ଏନେଇ ଅଲ ଇଣ୍ଡିଆ କଂଗ୍ରେସ କମିଟି ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ଘୋଷଣା କରାଯାଇଛି । ସେ କଂଗ୍ରେସର ଜଣେ ଦକ୍ଷ ଯୁବନେତା ଭାବେ ପରିଚିତ । ପୂର୍ବରୁ ମୟୂରଭଞ୍ଜ ଜିଲ୍ଲା ମଜଦୂର କଂଗ୍ରେସ ଯୁବ ସଭାପତି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଏବଂ ଅଧ୍ୟକ୍ଷ, ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ପଦରେ ରହିଆସିଛନ୍ତି । ଏନେଇ କଂଗ୍ରେସ କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।




## ଭାଲୁ ଆକ୍ରମଣରେ ଗାଈ ଚରାଳି ଗୁରୁତର

ଠାକୁରମୁଣ୍ଡା, ୨୭।୮ (ସମିସ): ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜ ଅଧୀନ ସାତକୋଶିଆ ଗ୍ରାମପଞ୍ଚାୟତ ପଥୁରିଆ ସାହି ଜଙ୍ଗଲରେ ବୁଧବାର ଅପରାହ୍ନରେ ଭାଲୁ ଆକ୍ରମଣରେ ଜଣେ ଗାଈ ଚରାଳୀ ଗୁରୁତର ହୋଇଛନ୍ତି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ; ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ ପଥୁରିଆ ସାହିର କିଶୋର ଲିଆଙ୍ଗି (୨୪) ଅନ୍ୟ ଜଣଙ୍କ ସହିତ ଗ୍ରାମ ନିକଟ ଜଙ୍ଗଲ ଭିତରକୁ ଗୋରୁ ଚରାଇବାକୁ ଯାଇଥିଲେ । ଉପରବେଳା ସମୟରେ ଜଙ୍ଗଲ ଭିତରେ ଥିବା ଏକ ଭାଲୁ ସମ୍ମୁଖରେ କିଶୋର ଆସି ଯିବାରୁ ଭାଲୁ ତାଙ୍କୁ ଆକ୍ରମଣ କରି ଦେଇଥିଲା ।ଭାଲୁ ଆକ୍ରମଣ ରେ କିଶୋର ଙ୍କ ବାମ ଗୋଡ଼ ଗଭୀର କ୍ଷତ ହୋଇଛି ।

## ବିପୁଳ ପରିମାଣର ମଦ ଓ ମହୁଲ ପୋଚ ଜବତ; ୫ ଗିରଫ

ରାଇରଙ୍ଗପୁର, ୨୭।୮ (ସମିସ): ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ଶବରଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ତିରିଂ ଥାନା ଅନ୍ତର୍ଗତ ବାଡେପୋଟକା, ସୁରଦା, ଯଶିପୁର, ତାରଣା, ସାପଘରା ଅଞ୍ଚଳରେ ଚଢ଼ଉ କରି ୪୯୦ ଲିଟର ଦେଶୀ ରନ୍ଧା ମଦ, ୮.୬୪୦ ଲିଟର ବିଦେଶୀ ମଦ, ୧୦.୪୦୦ ଲିଟର ବିୟର ଏବଂ ୮୭୦୦ ଲିଟର ମହୁଲ ପୋଚ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫମାନେ ହେଲେ ତିରିଂ ଥାନା ଅନ୍ତର୍ଗତ ବାଡେପୋଟକା ଗ୍ରାମର ମକ୍ରା ପୂର୍ତ୍ତି, ତାରଣା ଗ୍ରାମର ବୈବସ୍ୱତ ମଣ୍ଡଳ, ସାପଘରା ଗ୍ରାମର ମନୋଜ ମଣ୍ଡଳ, କୁଦରସାହି ଗ୍ରାମର ସୁକୁମଣୀ ଟୁଡୁ ଓ ବାସିଙ୍ଗି ଗ୍ରାମର ମଧୁସୂଦନ ସାହୁ । ଜବତ ଦେଶୀ ରନ୍ଧା ମଦ, ବିଦେଶୀ ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୬ଲକ୍ଷ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ । ଚଢ଼ଉରେ ବିଶୋଇ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପିଙ୍କି ମାରାଣ୍ଡି, ସହ ଉପ-ନିରୀକ୍ଷକ ସୁଧାଂଶୁ କୁମାର ବେହେରା, କନେଷ୍ଟବଳ ବୁଦ୍ଧଦେବ ମହନ୍ତ, ଦିଲ୍ଲୀପ କୁମାର ଜେନା, ତମନ ପରିଡ଼ା, ସଞ୍ଜୀବ ମହାପାତ୍ର, ଅରୁଣ କୁମାର ମୁଦୁଲି, ସୁରେନ୍ଦ୍ର ସୋରେନ ପ୍ରମୁଖ ସାମିଲ ଥିଲେ ।








### ଜିଲ୍ଲାସ୍ତରୀୟ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ ସମାବେଶ

## ମୟୂରଭଞ୍ଜର ସାଢ଼େ ୩ ଲକ୍ଷ ଚାଷୀ ଉପକୃତ

ବାରିପଦା ୨୭ ।୮ (ସମିସ)



କୃଷି ଭିତ୍ତିକ ଗଣପର୍ବ ପବିତ୍ର ନୂଆଁଖାଇ ଏବଂ ପବିତ୍ର ଗଣେଶ ଚତୁର୍ଥୀ ଦିବସରେ ବୁଧବାର କୃଷି ଶିକ୍ଷା ସଦନ, ଓୟୁଏଟିଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବି ୨୦୨୫-୨୬ର ସିଏମ କିଷାନର ତୃତୀୟ କିସ୍ତିରେ ୧, ୦୪, ୧୨୯ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହି ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା କୃଷି ଓ କୃଷକ ସଶକ୍ତି କରଣ ବିଭାଗ ତରଫରୁ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନବଲ୍ଲଭ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ଏହି ସହାୟତା ରାଶି ଦ୍ୱାରା ମୟୂରରଭଞ୍ଜ ଜିଲ୍ଲାର ୩ ଲକ୍ଷ ୪୭ ହଜାର ୯୫୪ ଜଣ ଚାଷୀ ଉପକୃତ ହୋଇଛନ୍ତି । ଏହି ସହାୟତା ରାଶିକୁ ଚାଷୀ ଉପଯୋଗ କରି ଚାଷ କାର୍ଯ୍ୟ ସମୟରେ ସମ୍ମୁଖୀନ ହେଉଥିବା ଆର୍ଥିକ ଅସୁବିଧାକୁ କିଛି ମାତ୍ରାରେ ଦୂର କରିପାରୁଛନ୍ତି । ଏହି ଯୋଜନା ବ୍ୟତୀତ ମୁଖ୍ୟମନ୍ତ୍ରୀ କୃଷକ ଉଦ୍ୟୋଗ ଯୋଜନା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, କୃଷି ବିଦ୍ୟା ନିଧି ଯୋଜନାରେ ଛାତ୍ର ବୃତ୍ତି, କୃଷି ଋଣ ରିହାତି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ସହିତ ଇନପୁଟ ସହାୟତା ରାଶି ୮୦୦ ଟଙ୍କା, ପିଏମ କିଷାନ ସହାୟତା ଆଦି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣ ଯୋଜନା ରହିଛି; ଯାହା ଦ୍ୱାରା କୃଷକ ଭାଇ ଭଉଣୀ ଉପକୃତ ହୋଇ ସଶକ୍ତ ହେଉଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ନିମନ୍ତ୍ରିତ ଅତିଥିଭାବେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଯୋଗଦେଇ ଯୋଜନାର ବିଭିନ୍ନ ଦିଗ ଉପରେ ମତବ୍ୟକ୍ତ କରିଥିଲେ । ସହକାରୀ କୃଷି ନିର୍ଦ୍ଦେଶିକା ମଧୁସ୍ମିତା ଜେନା, ସହକାରୀ କୃଷି ଅଧିକାରୀ ରମ୍ୟ ରଞ୍ଜନ ମହାନ୍ତ, କାର୍ଯ୍ୟାଳୟର ତୁଷାରକାନ୍ତ ମହାନ୍ତି, ମାନସ ରଞ୍ଜନ ମହାନ୍ତି, ରାଜାରାମ ସାହୁ ଓ କାନ୍ତା ପୋଥାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ଶତାଧିକ ଚାଷୀ ଓ ହିତାଧିକାରୀ ଯୋଗ ଦେଇଥିଲେ ।



# ଟାଟା ଷ୍ଟିଲ୍ ପକ୍ଷରୁ ଦୋରାବଜି ଟାଟାଙ୍କ ୧୬୬ତମ ଜୟନ୍ତୀ


ଯୋଡା, ୨୭।୮ (ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ଦୋରାବଜି ଟାଟାଙ୍କ ୧୬୬ତମ ଜୟନ୍ତୀ ବୁଧବାର ଯୋଡାଠାରେ ପାଳନ କରାଯାଇଛି। ଦୋରାବଜି ଟାଟା ବଟାନିକାଲ ପାର୍କଠାରେ ଆୟୋଜିତ ଏହି ଉତ୍ସବରେ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ୟୁନିୟନ୍ ପ୍ରତିନିଧିଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍ ଯୋଡାର ମୁଖ୍ୟ ରାଜେଶ କୁମାର ଏହି କିଦମ୍ବନ୍ତୀ ବ୍ୟକ୍ତିତ୍ୱଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହ ଜୟନ୍ତୀ ପାଳନର ଶୁଭାରମ୍ଭ କରିଥିଲେ। ଯୋଡା ଇଷ୍ଟ ଲୌହ ଖଣି, ଖଣ୍ଡବନ୍ଧ ଖଣି, ମାଙ୍ଗାନିଜ୍ ଗ୍ରୁପ୍ ଅଫ୍ ମାଇନ୍ସ, କଳମଙ୍ଗ ଏବଂ ଗନ୍ଧଲପଦା ପ୍ରୋଜେକ୍ଟ ଅଫିସ, ବିଛାକୁଣ୍ଡି, ନୀଳାଚଳ ଅଫିସ ଓ ଯୋଡା ଫେରୋ ଆଲଏଜ୍ କାରଖାନା ସହ ସ୍ୱଞ୍ଜ କାରଖାନାରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛୋଟନାଗପୁରରେ ଦେଶର ପ୍ରଥମ ଷ୍ଟିଲ ପ୍ଲାଣ୍ଟ ସ୍ଥାପନର ସେ ଥିଲେ ମୁଖ୍ୟ ପୁରୋଧା। ତାଙ୍କର ସବୁଠାରୁ ଉଲ୍ଲେଖନୀୟ ଅବଦାନ ଥିଲା ଓଡିଶାର ମୟୂରଭଞ୍ଜର ଗୋରୁମାହିସାଣି ପର୍ବତଶ୍ରେଣୀରେ ଲୌହ ଭଣ୍ଡାରର ଆବିଷ୍କାର ପରେ ଏହାର ଉତ୍ତୋଳନରେ ସାହାଯ୍ୟ କରିବା। ସମାଜସେବା ପାଇଁ ସାର ଦୋରାବଜି ଟାଟା ଟ୍ରଷ୍ଟ ସ୍ଥାପନ କରିବା ସହ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ), ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ, ଟାଟା ମେମୋରିଆଲ୍ ସେଣ୍ଟର, ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ୍ ରିସର୍ଚ୍ଚ ଏବଂ ଅନ୍ୟାନ୍ୟ ଅଗ୍ରଣୀ ସଂସ୍ଥା ସ୍ଥାପନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।



# ବିଭିନ୍ନ ସ୍ଥାନରେ ଗଣେଶ ପୂଜା ପାଳିତ








ଠାକୁରମୁଣ୍ଡା,୨୭।୮ (ସମିସ): ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ବିଘ୍ନରାଜ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ଆନନ୍ଦ ଉଲ୍ଲାସର ସହିତ ଅନୁଷ୍ଠିତ ହୋଇଛି। ବ୍ଲକର କନ୍ୟାଶ୍ରମ ସହ ବିଭିନ୍ନ ବିଦ୍ୟାଳୟ, ସରକାରୀ, ବେସରକାରୀ ବିଦ୍ୟାଳୟ, ବିଭିନ୍ନ ଅନୁଷ୍ଠାନ ଏବଂ ବିଭିନ୍ନ କ୍ଲବ ପକ୍ଷରୁ ମେଢ କରାଯାଇ ପୂଜା କରାଯାଇଥିଲା।

ମୋରଡ଼ା: ବୁଧବାର ମୋରଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ପ୍ରଭୁ ଶ୍ରୀଗଣେଶଙ୍କ ପୂଜା ମହାଆଡମ୍ବରରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ୯ଟି ପୂଜା ମଣ୍ଡପରେ ଶ୍ରୀ ଗଣେଶ ପୂଜା ପାଇଛନ୍ତି। ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡା ଆଦର୍ଶ ବିଦ୍ୟାଳୟ, ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ, ଗୋପବନ୍ଧୁ ହାଇସ୍କୁଲ, ବିସିସି କ୍ଲାସେସ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ମଧ୍ୟ ଗଜାନନଙ୍କୁ ଆବାହନ କରାଯାଇଛି।

# ବିଦ୍ୟୁତ ଆଘାତରେ ମହିଳା ମୃତ



ତୁରୁମୁଙ୍ଗା, ୨୭।୮ (ସମିସ): ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବୁଢ଼ୀକାପୁଡି ପଞ୍ଚାୟତ ତେନ୍ତଳା ନୂଆସାହିରେ ବିଦ୍ୟୁତ ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଗ୍ରାମର ଯାଦବ ନାଏକଙ୍କ ସ୍ତ୍ରୀ ଅହଲ୍ୟା (୫୦)। ବୁଧବାର ଗଣେଶ ପୂଜା ପାଇଁ ମହିଳା ଜଣଙ୍କ ଘର ଲିପାପୋଛା କରୁଥିବା ସମୟରେ ବିଦ୍ୟୁତ ବୋର୍ଡରୁ ଓହଳିଥିବା ଛିଣ୍ଡା ମୋବାଇଲ ଚାର୍ଜର ଘର ଭିତରେ ଥିବା ଷ୍ଟିଲ ଟ୍ରଙ୍କ ସଂସ୍ପର୍ଶରେ ଆସିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ଥାନା ଏଏସଆଇ ଦେବେନ୍ଦ୍ର ମୁର୍ମୁ ମହିଳାଙ୍କ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।


# ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା କଲେଜରେ ଗଣେଶ ପୂଜା




ବାରିପଦା, ୨୭।୮ (ସମିସ): ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଛାତ୍ରଙ୍କ ଦ୍ୱାରା ନିର୍ମିତ ଗଣେଶ ମୂର୍ତ୍ତି ପୂଜା ପାଇଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବେଦମନ୍ତ୍ର ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡକ୍ଟର ସଞ୍ଜୟ କୁମାର ଦେ'ଙ୍କ ସଭାପତିତ୍ୱ କରିଥିବାବେଳେ ସହକାରୀ ପ୍ରଫେସର କ୍ଷିରୋଦ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କୃଷିବିଜ୍ଞାନ କେନ୍ଦ୍ର ବାଲେଶ୍ୱରର ବୈଜ୍ଞାନିକ ଡକ୍ଟର ଅମିତାରାଣୀ ପାତ୍ର, ସ୍ୱତନ୍ତ୍ର ଅତିଥିଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ, ବିଜେବି କଲେଜର ସହକାରୀ ପ୍ରଫେସର ସନ୍ଦୀପ ସିଂ, ଅତିଥି ଭାବେ ସହକାରୀ ପ୍ରଫେସର ଡକ୍ଟର ଚିତ୍ରସେନ ସେଠୀ, କେ ଲକ୍ଷ୍ମୀ ସେନାପତି, ଡକ୍ଟର ନିରୁପମା ନାୟକ, ରାଜକିଶୋର ରାଉଳ, ନବୀନ ନାଏକ ଯୋଗଦେଇଥିଲେ। ଅଧ୍ୟାପିକା ଦେବଶ୍ରୀ ଦ୍ୱିବେଦୀ, ଅନନ୍ୟ ପରିଡା ଓ ରୁବି ଟୁଡୁ ବିଚାରକ ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ସୁପ୍ରିୟା ସାହୁ, ସୁଶ୍ରୀ ବାରିକ, ଇନ୍ଦ୍ରାବତୀ ସିଂ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ଛିଣ୍ଡିଲା ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର

ଯୋଡ଼ା, ୨୭।୮ (ସମିସ): ଯୋଡା ପୌରାଞ୍ଚଳର ୮ ନଂ ୱାର୍ଡରେ ଯାଇଥିବା ହାଇ ଟେନ୍ସନ୍ ଟାୱାର ଲାଇନରୁ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିବାରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବିଦ୍ୟୁତ୍ ତାର ବିଜୁ ନାଏକଙ୍କ ଘର ଉପରେ ଖସି ପଡ଼ିଥିଲା। ଗୃହକର୍ତ୍ତା ରାମଚନ୍ଦ୍ର ନାଏକଙ୍କୁ ବିଦ୍ୟୁତ୍ କରେଣ୍ଟ ଲାଗିଥିଲା। ସେ ବର୍ତ୍ତମାନ ସୁଦ୍ଧା ଅସୁସ୍ଥ ଅବସ୍ଥାରେ ଘରେ ରହିଥିବା ପରିବାର ଲୋକେ କହିଛନ୍ତି। ଘରର ବିଦ୍ୟୁତ୍ ଉପକରଣ ୨ଟିଭି, ୨ଫ୍ରିଜ, ୱାସିଂ ମେସିନ, ଇନଭର୍ଟର ପୋଡ଼ି ଯାଇଛି। ପ୍ରଚଣ୍ଡ ଶବ୍ଦ ସହ ନିଆଁ ହୂଳ ପଡ଼ିବାରୁ କୋକୁଆ ଭୟ ସୃଷ୍ଟି ହୋଇଥିଲା। ମଙ୍ଗଳବାର ପ୍ରଶାସନ ପକ୍ଷରୁ ଚମ୍ପୁଆ ସବ୍‌କଲେକ୍ଟର ଉମାକାନ୍ତ ପରିଡ଼ା, ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପାିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା ପ୍ରମୁଖ ତଦନ୍ତ କରିବା ସହିତ ପ୍ରଭାବିତ ପରିବାରକୁ କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ଗୋପକୃଷ୍ଣ ପାତ୍ର କହିଛନ୍ତି ଯେ ଏହା ୩୩ କେଭି କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର। ଟାୱାର ଲାଇନ ସୁନ୍ଦରଗଡ ଜିଲ୍ଲା କୋଇଡା, ଟେନ୍ସା ଅଞ୍ଚଳକୁ ବିଦ୍ୟୁତ ଯୋଗାଣ ହୋଇଥାଏ। ଅଘଟଣରେ ୫ଟି ଫିଡର ପୋଡ଼ିବା ସହିତ କୋଇଡା ଅଞ୍ଚଳର ବିଭିନ୍ନ ଶିଳ୍ପ ଓ ଖଣି କମ୍ପାନୀ ଠପ୍ ହୋଇ ଯାଇଛି। କୋଇଡାର କିଛି ଅଞ୍ଚଳ ଅନ୍ଧକାର ହୋଇଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଚାଲିଛି। ଅନ୍ୟପଟେ, ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ଯେ ଏହି ତାର ବହୁ ପୁରୁଣା ହୋଇଥିବାରୁ କାର୍ବନ ହୋଇ ଛିଣ୍ଡି ପଡ଼ିଥିଲା।





ରାଇରଙ୍ଗପୁରର ଅଁଳାବେଡ଼ା ଓ ଦୈନିକ ବଜାରରେ ପୂଜା ପାଉଛନ୍ତି ଗଜାନନ









ସକାଳ
THE SAKALA

# ସମ୍ପାଦକୀୟ



ମୁଁ ଏପରି ଏକ ଦୁନିଆରେ ରହିବାକୁ ଚାହେଁ, ଯେଉଁଠାରେ ହସ ଓ କାନ୍ଦର ସମାହାର ଥିବ।
-ଖଲିଲ୍ ଗିର୍ବାନ୍

## ଆସ୍ଥା ଓ ବିଶ୍ୱାସ ସଙ୍କଟ

ବ୍ୟବସ୍ଥା ଉପରୁ ଆସ୍ଥା ଓ ବିଶ୍ୱାସ ତୁଟିଯିବା ଭଳି ପରିସ୍ଥିତି ଉପୁଜିବାକୁ ନ ଦେବା ହିଁ କ୍ଷମତାକେନ୍ଦ୍ରର ଦାୟିତ୍ୱ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସମୁଦାୟର ଭରସା ଉପରେ ନିର୍ଭର କରେ କ୍ଷମତା ହାସଲ କରିବା। ଏଥିସକାଶେ ଆବଶ୍ୟକ ନାଗରିକଙ୍କ ମତାଧିକାର ଅକ୍ଷୁଣ୍ଣ ରଖିବା ଏବଂ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା। ଯେତେବେଳେ କ୍ଷମତା ହାସଲ ବା ଦଖଲ ଅନିବାର୍ଯ୍ୟ ହୋଇପଡ଼େ ସେତେବେଳେ ତଥାକଥିତ ଅଧିକାର ଓ ନିରପେକ୍ଷତା ହନନ ହେବା ଥୟ। ଇଏ ହେଉଛି ସମୟ ସମୟର କଥା। ନିରଙ୍କୁଶ କ୍ଷମତା ପାଇଁ ପରିବେଶ ଓ ପରିସ୍ଥିତିକୁ ଅନୁକୂଳ କରିପାରିଲେ ଜନମତର ଗତି ଯୁଆଡ଼େ ଯାଉଛି ଯାଉ, ଶାସନର ଲଗାମ ହାତକୁ ଆସିବ ହିଁ ଆସିବ। ଏଭଳି ଏକ ମାନସିକତା ନେଇ କ୍ଷମତାକେନ୍ଦ୍ର ଯେତେବେଳେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣେ ସେତେବେଳେ ବିଦ୍ରୋହ ଓ ବିଦ୍ୱେଷ ଉପୁଜିବା ସ୍ୱାଭାବିକ। କିନ୍ତୁ ଏହା ଶେଷ କଥା ନୁହେଁ। ଶାସନ ବ୍ୟବସ୍ଥାର ସବୁ ତନ୍ତ୍ର ବିରୋଧରେ ମିଳିତ ଭାବେ ଲଢ଼େଇ କରିବା ଏତେ ସହଜ ନୁହେଁ। ବ୍ୟବସ୍ଥା ବଦଳାଇବା ଜରୁରୀ। ବ୍ୟବସ୍ଥା ବଦଳିଲେ ମତଦାତା ନିଜ ହିସାବରେ ନେତା ଓ କ୍ଷମତା ନିର୍ଦ୍ଧାରଣ କରିବେ। ନିରଙ୍କୁଶ କ୍ଷମତା ବିରୋଧରେ ନିରବଚ୍ଛିନ୍ନ ସଂଗ୍ରାମ ପାଇଁ ସର୍ବୋଚ୍ଚ ତ୍ୟାଗ ଓ ବଳିଦାନ ପ୍ରତି ଅଙ୍ଗୀକାର ଥିବା ନେତୃତ୍ୱର ଆବଶ୍ୟକତା ଏବେ ମଧ୍ୟ ରହିଛି। ସମୟ କହିବ ଏହି ଆବଶ୍ୟକତା ପୂରଣ କରିବାକୁ ଏବେର ନେତୃତ୍ୱ କେତେଦୂର ସମର୍ଥ।

ଦେଶର ଅନ୍ୟତମ ଅନଗ୍ରସର ରାଜ୍ୟ ରୂପେ ବିହାର ପରିଚିତ। କେବଳ ଦାରିଦ୍ର୍ୟ ନୁହେଁ ଶିକ୍ଷାକ୍ଷେତ୍ରରେ ମଧ୍ୟ ପଛୁଆ। ଭୟଙ୍କର ଆର୍ଥିକ ଦୁର୍ଗତି ମଧ୍ୟରେ ରାଜ୍ୟ ବାହାରେ ଜୀବନ ଓ ଜୀବିକା ନିର୍ବାହ ବିହାର ଅଧିବାସୀଙ୍କ ସମସ୍ୟା ଦେଶରେ ସର୍ବାଧିକ। ବେକାରୀ ଓ କର୍ମନିଯୁକ୍ତି ଅଭାବ ରହିଛି ଏହାର ପୃଷ୍ଠଭାଗରେ। ଅଥଚ ରାଜନୈତିକ ଦୃଷ୍ଟିରୁ ରାଜ୍ୟବାସୀ ସବୁଠାରୁ ଅଧିକ ସଚେତନ। ତେଣିକି ସେ ସ୍ୱାଧୀନତା ସଂଗ୍ରାମ ହେଉ କିମ୍ବା ପରବର୍ତ୍ତୀ ପରିସ୍ଥିତିରେ କୁଶାସନ ଓ ବ୍ୟବସ୍ଥାଗତ ଅସନ୍ତୁଳନ ବିରୋଧରେ ଦେଶକୁ ସଂଗ୍ରାମର ଆଲୋକବର୍ତ୍ତିକା ଦେଖାଇଛନ୍ତି ବିହାରବାସୀ। ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିବା ସେତେବେଳେ ଜରୁରୀ ହୋଇପଡ଼ିଥିଲା। ଦୁର୍ନୀତି ଓ ପ୍ରଶାସନିକ ବିଶୃଙ୍ଖଳା ବିରୋଧରେ ଜୟପ୍ରକାଶ ନାରାୟଣ ୧୯୭୪ରେ ଯେଉଁ ଛାତ୍ର ଓ ଯୁବ ସଂଗଠନକୁ ନେଇ ସଂଗ୍ରାମ ଆରମ୍ଭ କରିଥିଲେ ତାହା ପରବର୍ତ୍ତୀ ପର୍ଯ୍ୟାୟରେ 'ସମ୍ପୂର୍ଣ୍ଣ କ୍ରାନ୍ତି'ର ରୂପ ନେଇଥିଲା। ସଂଯୋଗବଶତଃ ଠିକ୍ ସେହି ସମୟରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆହ୍ଲାବାଦ ହାଇକୋର୍ଟରେ ନିର୍ବାଚନ ମାମଲା ହାରିଯାଇଥା'ନ୍ତି। ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ସେ ଦେଶରେ ୧୯୭୫ ଜୁନ୍ ୨୫ରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କଲେ। 'ସମ୍ପୂର୍ଣ୍ଣ କ୍ରାନ୍ତି'ରେ ଯୋଡ଼ି ହୋଇଥିବା ବିରୋଧୀ ଦଳ ନେତା ଓ ଯୁବ ନେତୃତ୍ୱକୁ ଜେଲ୍ ପଠାଇବା ଘଟଣା ଦେଶର ରାଜନୈତିକ ସ୍ତରରେ ଏକ ନାଟକୀୟ ପରିବର୍ତ୍ତନ ପାଇଁ ପଥ ପରିଷ୍କାର କଲା। ଦେଶରେ ଅଣକଂଗ୍ରେସ ମିଳିତ ସରକାରର ଭିତ୍ତିଭୂମି ପଡ଼ିଥିଲା ସେହି ସମୟରେ। ଇନ୍ଦିରାଙ୍କ ନିର୍ବାଚନ ପରାଜୟ ପରେ କ୍ଷମତାସୀନ ଜନତା ପାର୍ଟି ସରକାର ମାତ୍ର ୩ ବର୍ଷ ପାଇଁ ତିଷ୍ଠି ଥିଲା। ଏସବୁ ସତ୍ତ୍ୱେ ଯିଏ ଯେତେ କ୍ଷମତାଶାଳୀ ହେଉନା କାହିଁକି ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଯେତେବେଳେ ଐକ୍ୟବଦ୍ଧ ଭାବେ ଲଢ଼ିବେ ସେ କ୍ଷମତାଚ୍ୟୁତ ହେବା ଏକପ୍ରକାର ନିଶ୍ଚିତ। ତାହା ଥିଲା ଏକ ପ୍ରୟୋଗ ଓ ପରୀକ୍ଷା। ସମୟକ୍ରମେ ତାହା ସଫଳତା ଲାଭ କରିଥିବାର ଦୃଷ୍ଟାନ୍ତ ରହିଛି।

ବିହାର ବିଧାନସଭାର ଦୁଇମାସ ପୂର୍ବରୁ ନିର୍ବାଚନ ଆୟୋଗ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ବ୍ୟାପକ ଯାଞ୍ଚ(ଏସ୍ଆଇଆର) ଘୋଷଣା କରି ଯେଉଁ ପଦକ୍ଷେପ ନେଲେ ତାହା ତାଙ୍କର ନିଷ୍ଠା ଓ ଆନ୍ତରିକତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ଲୋକସଭା ନିର୍ବାଚନ ପୂର୍ବରୁ ଯାଞ୍ଚ ହୋଇଥିବା ଭୋଟର ତାଲିକାର ଏତେ ତରବରିଆ ଭାବେ ପୁଣି ବ୍ୟାପକ ଯାଞ୍ଚର ଆବଶ୍ୟକତା କ'ଣ ଥିଲା? ଯେଉଁ ଉଦ୍ଦେଶ୍ୟ ଆନୁଷ୍ଠାନିକ ଭାବେ ଦର୍ଶାଯାଇଥିଲା ତାହା ମଧ୍ୟ ସଠିକ ପରିଲକ୍ଷିତ ହୋଇନାହିଁ। ପ୍ରଚଳିତ ତାଲିକାରୁ ୬.୫ ନିୟୁତ ଭୋଟରଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୨୨ ଲକ୍ଷଙ୍କୁ ମୃତ ଦର୍ଶାଯିବା ଘଟଣା ନେଇ ଯେତେ ସ୍ପଷ୍ଟୀକରଣ ଦିଆଯାଉନା କାହିଁକି ତାହା କାହାର ହୃଦ୍‌ବୋଧ ହୋଇନାହିଁ। ଏହି ପ୍ରେକ୍ଷାପଟରେ କର୍ଣ୍ଣାଟକର ମହାଦେବପୁରା ବିଧାନସଭା ଆସନରେ ପ୍ରସ୍ତୁତ ଭୋଟର ତାଲିକାରେ ଜାଲିଆତି ସମ୍ପର୍କରେ ତଥ୍ୟ ଉଦ୍‌ଘାଟନ କରି ବିରୋଧୀ ଦଳ ନେତା ନିର୍ବାଚନ ଆୟୋଗଙ୍କ ନିରପେକ୍ଷତା ନେଇ ପ୍ରଶ୍ନ ଉଠାଇଛନ୍ତି। ବିହାର ଏସ୍ଆଇଆର ପ୍ରସଙ୍ଗ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ବେଳେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା 'ଭୋଟ ଅଧିକାର ଯାତ୍ରା' ସମଗ୍ର ବିହାରରେ ରାଜନୈତିକ ଉଦ୍‌ବେଳନ ସୃଷ୍ଟି କରିଛି। ସମଗ୍ର ଦେଶରେ ବିରୋଧୀ ରାଜନେତା ଗୋଟିଏ ମଞ୍ଚରେ ଏକତ୍ର ହୋଇ ଯେଉଁ ଆହ୍ୱାନ ଦେଇଛନ୍ତି ତାହାର ଭବିଷ୍ୟତ କ'ଣ ହେବ ସେ ନେଇ କିଛି ଟିପ୍ପଣୀ ଦେବାର ଆବଶ୍ୟକତା ନାହିଁ। ଜୟପ୍ରକାଶଙ୍କ 'ସମ୍ପୂର୍ଣ୍ଣ କ୍ରାନ୍ତି' ଓ ରାହୁଲ୍‌ଙ୍କ 'ଭୋଟ ଅଧିକାର ଯାତ୍ରା' ସଂଯୋଗବଶତଃ ସେହି ବିହାରରୁ ଆରମ୍ଭ ହୋଇଛି। ତାହା ଥିଲା ଇନ୍ଦିରା ଗାନ୍ଧୀଙ୍କ ଶାସନ ବିରୋଧରେ। ଏବେ କିନ୍ତୁ ପରିବର୍ତ୍ତିତ ବ୍ୟବସ୍ଥାରେ ଇନ୍ଦିରାଙ୍କ ନାତି ରାହୁଲ୍ ପ୍ରଚଳିତ ଶାସନରେ ପରିବର୍ତ୍ତନ ଆଣିବା ସକାଶେ ଜନସମୁଦାୟକୁ ଐକ୍ୟବଦ୍ଧ ଭାବେ ସଂଗ୍ରାମର ନେତୃତ୍ୱ ଦେଉଛନ୍ତି। ୫୧ ବର୍ଷ ବ୍ୟବଧାନରେ କ୍ରମେ ପରିପକ୍ୱ ହେଉଥିବା ଭାରତୀୟ ଗଣତନ୍ତ୍ରରେ ପରିଲକ୍ଷିତ ବିଲକ୍ଷଣ ପୁଣି ଥରେ ସଂଗ୍ରାମ ସକାଶେ ବାଧ୍ୟବାଧକତା ସୃଷ୍ଟି କରିଛି।

ଏହାକୁ ଯଦି ଆମେ କ୍ଷମତାକୈନ୍ଦ୍ରିକ ଲଢ଼େଇ କହୁ ତେବେ ନିର୍ବାଚନ ଆୟୋଗଙ୍କ ଭୂମିକା ସ୍ୱଷ୍ଟ ହେବା ଉଚିତ। ଘଟଣାକ୍ରମ ଜନମତକୁ ଅଧିକରୁ ଅଧିକ ପ୍ରଭାବିତ କରୁଥିବାରୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ନିରବତା ରକ୍ଷା କରିବାକୁ ବାଧ ହୋଇଛନ୍ତି। କିନ୍ତୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତାଙ୍କର ଯୁକ୍ତି ଓ ଆକ୍ଷେପ ନିରପେକ୍ଷତାର ବହୁଦୂରରେ ଥିଲା। ସତେଯେପରି ସେ ସିଇସି ନଥିଲେ ଜଣେ ଚାବିଦିଆ ପ୍ରଶାସକର ଭୂମିକା ତୁଲାଉଥିଲେ। ଏକତରଫା ସତ୍ୟପାଠ ଓ କ୍ଷମାପ୍ରାର୍ଥନା ଦାବି କରି ସେ ଅଭିଯୋଗ ଓ ଆରୋପର ଯାଞ୍ଚକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ମେସିନ୍‌ରେ ପଠନଯୋଗ୍ୟ ଭୋଟର ଡାଟା ପ୍ରକାଶକୁ ରୋକ୍‌ଠୋକ୍ ମନା କରିବା, ପିଡିଏଫ୍ ଫର୍ମାଟରେ ଯାଞ୍ଚର ସୁଯୋଗ ନଥିବା ବେଳେ ସେ ଡାଞ୍ଚାକୁ ଓହ୍ଲାଇ ଆସିବାକୁ ପ୍ରସ୍ତୁତ ନ ହେବା ପଛରେ ସ୍ୱଚ୍ଛ ଓ ନିରପେକ୍ଷ ପ୍ରସଙ୍ଗ ଅସ୍ୱୀକାର କରିବା। ଏଠାରେ ମନେ ରଖିବାକୁ ହେବ ଯେ ନିର୍ବାଚନ ଆୟୋଗ ଭଳି ଗଣତାନ୍ତ୍ରିକ ଅନୁଷ୍ଠାନ ଆସ୍ଥା ଓ ବିଶ୍ୱାସ ଉପରେ ତିଷ୍ଠି ରହିବ। ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଭାରତର ଆଦର୍ଶ ନିର୍ବାଚନ ପରିଚାଳନା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ଥିଲା। ଏବର ଘଟଣାବଳୀ ଉପରେ ସମସ୍ତ ବିଶ୍ୱବାସୀଙ୍କ ନଜର ରହିଛି। ଜ୍ଞାନେଶ କୁମାର ଅନ୍ତତଃ ତାହାର ଅମର୍ଯ୍ୟାଦା ନ କରନ୍ତୁ।

# ବରିଷ୍ଠଜନଙ୍କ ନିର୍ଜନତା: ଆଧୁନିକ ମହାମାରୀ

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ସାରା ପୃଥିବୀରେ ବୟସ୍କ ବ୍ୟକ୍ତିମାନଙ୍କର ସଂଖ୍ୟା ବଢ଼ୁଛି। ଭାରତରେ ପ୍ରତି ଦଶଜଣରେ ଜଣେ ପ୍ରବୀଣ ବା ବୃଦ୍ଧ। ୨୦୫୦ ମସିହା ବେଳକୁ ତାହା ହେବ ପ୍ରତି ପାଞ୍ଚଜଣରେ ଜଣେ। କାରଣ ହାରାହାରି ଆୟୁ ବଢ଼ୁଛି ଏବଂ ଜନ୍ମହାର କମୁଛି। ଆମ ଦେଶରେ ଷାଠିଏ ବର୍ଷ ବୟସ ପରଠାରୁ ବ୍ୟକ୍ତିକୁ ବରିଷ୍ଠ ବା ପ୍ରବୀଣ ବୋଲି କୁହାଯାଏ। ଜରାଚିକିତ୍ସକମାନଙ୍କ ମତରେ ଆମ ଦେଶରେ ବୟସ୍କ ବ୍ୟକ୍ତିମାନେ ଅନେକାଂଶରେ ଅବହେଳିତ। ବିଭିନ୍ନ ସମୀକ୍ଷା, ସମ୍ବାଦପତ୍ରରୁ ମଧ୍ୟ ଏହି ତଥ୍ୟ ମିଳୁଛି। ସାମାଜିକ, ଆର୍ଥିକ, ମାନସିକ ଓ ଶାରୀରିକ ଦିଗରୁ ସେମାନେ କ୍ରମାଗତ ଶିକାର ହୋଇଚାଲିଛନ୍ତି ନିର୍ଯାତନାର। ବଡ଼ ଅନୁଶୋଚନାର ବିଷୟ ଯେ ନିଜ ହାତଗଢ଼ା ପରିବାରରେ ହିଁ ବରିଷ୍ଠ ବ୍ୟକ୍ତିମାନେ ଧୀରେ ଧୀରେ ଅଲୋଡ଼ା ହୋଇପଡୁଛନ୍ତି।

ପରିବାରରେ ସନ୍ତାନମାନଙ୍କ ଦ୍ୱାରା କିମ୍ବା ଚାକରବାକରମାନଙ୍କ ଦ୍ୱାରା ବରିଷ୍ଠ ନାଗରିକମାନେ ଶାରୀରିକ ନିର୍ଯାତନା ଭୋଗୁଥିବାର ଘଟଣା ଆଜିକାଲି ଆଉ ବିରଳ ନୁହେଁ। ଏପରିକି ଘରେ ବରିଷ୍ଠ ନାଗରିକମାନଙ୍କ ସେବା ଯତ୍ନ କରିବା ପାଇଁ ନିଯୁକ୍ତମାନଙ୍କ ଆଡୁ ବି ମିଳୁଛି ନିର୍ଯାତନା। ନିଜ ସନ୍ତାନମାନଙ୍କ ତାଡ଼ନାର ଶିକାର ହୋଇ ଚାଲୁଥିବା ସତ୍ତ୍ୱେ ଅନେକେ, ବିଶେଷତଃ ମାଆମାନେ, ସନ୍ତାନ ବିରୋଧରେ ପାଟି ଖୋଲିବା ପାଇଁ ଚାହିଁ ନ ଥା'ନ୍ତି।

ବୟସ ବଢ଼ିଲେ ସ୍ୱାଭାବିକ ଭବେ ପ୍ରକାଶ ପାଏ କିଛି ଶାରୀରିକ ସମସ୍ୟା। କାନକୁ ଭଲ ଶୁଣାଯାଏନି। ଆଖିକୁ ଭଲ ଦେଖାଯାଏନି। ଭଲ ଭାବରେ ଚାଲି ହୁଏନି। 'ତୁମକୁ ତ କିଛି ଶୁଣାଯିବନି, ଓଲଟପାଲଟ କରି ଏଣ୍ତୁତେଣ୍ତୁ କହିପକେଇବ'- ଏହି ପ୍ରକାରର କଥା କହି ସେମାନଙ୍କୁ ମନା କରାଯାଏ ସାଙ୍ଗରେ ଯିବା ପାଇଁ। ଫଳରେ ସେହି ମଣିଷଟି କ୍ରମଶଃ ନିଜକୁ ସବୁଥିରୁ ଦୂରେଇ ରଖିବା ନିମନ୍ତେ ବାଧ ହୁଏ। ବୟସ୍କମାନଙ୍କୁ ଅନ୍ୟମାନଙ୍କ ସହିତ ମିଳାମିଶା କରିବାକୁ ବାସନ୍ଦ କଲେ ସେମାନେ କ୍ରମେ ହୋଇଉଠନ୍ତି ଅବସାଦଗ୍ରସ୍ତ। ଚିକିତ୍ସକଙ୍କ ପାଖକୁ ନେବା ନିମନ୍ତେ କେହି ଧ୍ୟାନ ନ ଦେବା ଯୋଗୁଁ ସେମାନଙ୍କ ଶାରୀରିକ ସମସ୍ୟା ଆହୁରି ବଢ଼ିଯାଏ।

ଅବସର ପରେ ସମସ୍ତଙ୍କ କ୍ଷେତ୍ରରେ ଆର୍ଥିକ ସ୍ୱଚ୍ଛଳତା ନ ଥାଏ। ହୁଏତ ବ୍ୟକ୍ତିଟିର କିଛି ବ୍ୟକ୍ତିଗତ ସଉକ ଥାଏ। କିଛି କିଣି ଖାଇବା ପାଇଁ ତା'ର ଇଚ୍ଛା ହେଉଛି, କିମ୍ବା ଇଚ୍ଛା ଦେଉଛି କାହାକୁ କିଛି ଦେବା ପାଇଁ। ହେଲେ ପରିବାର ତରଫରୁ ତା'କୁ ଏଥିପାଇଁ ମନା କରାଯାଉଛି। ବ୍ୟକ୍ତିଟିର କ୍ରୟ କ୍ଷମତା ନାହିଁ ବୋଲି ତା'ର ଇଚ୍ଛା ଅନିଚ୍ଛାକୁ ପରିବାରରେ ଗୁରୁତ୍ୱ ଦିଆଯାଉନି। କିନ୍ତୁ ଗୋଟିଏ ପିଲା କ୍ଷେତ୍ରରେ ପରିବାର ତରଫରୁ ଏପରି ମନୋଭାବ ପୋଷଣ କରାଯାଇ ନ ଥାଏ। ବରିଷ୍ଠମାନଙ୍କ ପ୍ରତି ଏପରି ପାତରଅନ୍ତର ଆଦୌ ବାଞ୍ଛନୀୟ ନୁହେଁ। କେଇଜଣ ଅବା ଜାଣନ୍ତି ମନର କଥା? ଶାରୀରିକ, ସାମାଜିକ ଏବଂ ଆର୍ଥିକ ହୀନସ୍ତା ଧୀରେ ଧୀରେ ଡାକି ଆଣେ ମାନସିକ ସମସ୍ୟାକୁ।

ବୟସ ବଢ଼ିବା ସହିତ ମାନସିକ ଅବସାଦର ସମ୍ପର୍କ ରହିଛି। ଅବଶ୍ୟ ପ୍ରତ୍ୟେକ ବୟସ୍କ ବ୍ୟକ୍ତିର ମାନସିକ ଅବସାଦ ହେବ, ଏପରି ନୁହେଁ। ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ମଧ୍ୟରୁ କେହି ଜଣେ ଚାଲିଗଲେଣି, ସନ୍ତାନ ଦୂରରେ ରହେ ବା ନିକଟରେ ଥିଲେ ମଧ୍ୟ ସମୟ ଦେଇ ପାରେନା...। ଏପ୍ରକାରର ନାନା ପରିସ୍ଥିତି ଆଦୌ ବିରଳ ନୁହେଁ। ଏକାକୀତ୍ୱର ସହିତ ଅବସାଦର ଏକ ଗଭୀର ସଂଯୋଗ ରହିଛି। ନିଃସଙ୍ଗତା ବା ଏକାକୀତ୍ୱକୁ କୁହାଯାଉଛି 'ମଡର୍ନ ଏପିଡେମିକ' ବା 'ଆଧୁନିକ ମହାମାରୀ'। ବୟସ୍କ ବ୍ୟକ୍ତିମାନଙ୍କ ଉପରେ ଏକାକୀତ୍ୱର ପ୍ରଭାବ ଆହୁରି ଅଧିକ। କାରଣ ଶରୀର ଦୁର୍ବଳ ହୋଇପଡ଼ିଲେ ଅନ୍ୟ ଉପରେ ନିର୍ଭରଶୀଳତା ବଢ଼ିଯାଏ। ଯାହା ଉପରେ ନିର୍ଭର କରିଥା'ନ୍ତି, ତା'ଠାରୁ ଅବହେଳା ପାଇଲେ ତାହା ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତେଣୁ ମାନସିକ ଅବସାଦ, ଉତ୍କଣ୍ଠାଜନିତ ଅସୁସ୍ଥତା, ସ୍ମୃତି ହାନି ବା ଡିମେନ୍ସିଆ ଏବଂ ଆଲଜିମର୍ସ ଭଳି ସମସ୍ୟା ନିଃସଙ୍ଗ ବରିଷ୍ଠବ୍ୟକ୍ତିଙ୍କ କ୍ଷେତ୍ରରେ ଅଧିକ।

ମାନସିକ ଅବସାଦ ଆମନ୍ତ୍ରଣ କରି ଆଣେ ଡିମେନ୍ସିଆ ବା ସ୍ମୃତିର ସମସ୍ୟା। ଠିକ ଭାବରେ କଥାବାର୍ତ୍ତା ବା ଭାବ ଆଦାନ ପ୍ରଦାନ କରି ନ ପାରିବା ଏବଂ ଏକାଧିକ କାର୍ଯ୍ୟକୁ ସୁଶୃଙ୍ଖଳ ଭାବରେ ସଂପାଦନ କରି ନ ପାରିବା ମଧ୍ୟ ଏହି ରୋଗର କାରଣ ହୋଇପାରେ। ଯେଉଁ ବ୍ୟକ୍ତିଟି ନିତିଦିନିଆ ଛୋଟଛୋଟ ବିଷୟକୁ ଭୁଲିଯାଏ, ତା'କୁ ଆମେ ନିଜ ଅଜାଣତରେ ବି ଅବହେଳା କରିଥାଉ। କହିଥାଉ ତୁମକୁ କହି କି ଲାଭ, ତୁମେ ତ କିଛି ବି ମନେ ରଖି ପାରୁନ। କିନ୍ତୁ କାନରେ ଭଲ ଶୁଣି ନ ପାରିଲେ ଏବଂ ତାହା ବଢ଼ିଚାଲିଲେ ଜାତ କରିପାରେ ମାନସିକ ଅବସାଦ। କିନ୍ତୁ ତାହା ସ୍ମୃତିହାନି ବୋଲି ଧରିନେବାରେ ବିପଦ ଅଛି।

ଜନୈକ ମହିଳାଙ୍କ ବୟସ ସତୁରି ବର୍ଷରୁ ଊର୍ଦ୍ଧ୍ୱ। ପ୍ରାକ୍ତନ ଶିକ୍ଷିକା। ଶିକ୍ଷିତ ମଧ୍ୟବିତ୍ତ ପରିବାର। ତାଙ୍କରି ଥିଲା କିଛି ମାନସିକ ସମସ୍ୟା। ପୁଅ ଓ ବୋହୂ ନାତିନାତୁଣୀଙ୍କୁ ସତର୍କ କରି କହିଛନ୍ତି - 'ଜେଜେମାଙ୍କ ପାଖକୁ ଯିବନି। ତାଙ୍କର ମୁଣ୍ଡ ଠିକ୍ ନାହିଁ। ତାଙ୍କ ପାଖକୁ ଗଲେ ତୁମର ପଢ଼ାଶୁଣାରେ କ୍ଷତି ହେବ।' ଏହିପରି ଭାବରେ ଅଲଗା କରି ରଖିବା ଏବଂ ପାରିବାରିକ ତଥା ସାମାଜିକ ସମାବେଶରେ ସାମିଲ ନ କରେଇବା ମଧ୍ୟ ମାନସିକ ହତାଦର। ସବୁ ସମୟରେ ଯେ ଇଚ୍ଛାକୃତ ଭାବରେ ଅବହେଳା ବା ହତାଦର କାଯାଇଥାଏ, ତାହା ନୁହେଁ। ଅଜ୍ଞତା ଯୋଗୁଁ ମଧ୍ୟ ଏପରି ହୋଇଯାଇପାରେ। ତେଣୁ ଏସବୁକୁ ନେଇ ମନୋବିଜ୍ଞାନୀ ଓ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିରାପଦ।

ବୟସ ବଢ଼ିଲେ ଶାରୀରିକ ଓ ଆର୍ଥିକ ନିର୍ଭରଶୀଳତା ଅପେକ୍ଷା ବେଶୀ ବଢ଼ିଥାଏ ମାନସିକ ନିର୍ଭରଶୀଳତା। ସମର୍ଥ ବରିଷ୍ଠ ବ୍ୟକ୍ତିମାନେ ଚାହିଁଥା'ନ୍ତି ଦିନମାନ ଭିତରେ କୌଣସି ନା କୌଣସି ସମୟରେ ସେମାନଙ୍କ ପୁଅଝିଅ ଓ ନାତିନାତୁଣୀଙ୍କ ସହିତ ସମୟ କଟେଇବା ପାଇଁ। ବୁଢ଼ାବୁଢ଼ୀଙ୍କ ଦେଖାଶୁଣା କରିବା ପାଇଁ ପରିବାରର ଲୋକ ଅନ୍ୟମାନଙ୍କୁ ଦରମାଦେଇ ନିଯୁକ୍ତି କରିଥା'ନ୍ତି କେତେକ ପରିବାରରେ। ଜନ୍ମଦିନରେ ଉପହାର ଆଣି ଦିଅନ୍ତି। ହେଲେ ଏସବୁ ସେମାନଙ୍କୁ ଯଥାର୍ଥ ତୃପ୍ତି ଦେଇ ନ ଥାଏ। ଦରମା ନେଇ ନିଯୁକ୍ତ ହୋଇଥିବା ସେବାକାରୀଙ୍କଠାରୁ ବି ନିର୍ଯାତନା ପାଇବାର ଉଦାହରଣ ଭୂରି ଭୂରି।

ତେଣୁ ପରିବାରର ବାପାମାଆ ଓ ଅଜାଆଈଙ୍କ ସହ ବିତେଇବା ପାଇଁ କିଛି ସମୟ ନିର୍ଦ୍ଦିଷ୍ଟ କରିଦେବାର ପ୍ରୟୋଜନୀୟତା ରହିଛି। ସେମାନଙ୍କ ପାଖରେ ବସି ସେମାନଙ୍କ ସହିତ ଗପସପ କରନ୍ତୁ। ଭଲମନ୍ଦ ପଚାରି ବୁଝନ୍ତୁ। ସେମାନଙ୍କ କଥା ମନ ଦେଇ ଶୁଣନ୍ତୁ। ଅବଶ୍ୟ ପ୍ରତ୍ୟେକ ପରିବାରର ସମସ୍ୟାରେ ପାର୍ଥକ୍ୟ ରହିଛି। ମାତ୍ର ନିଜର ସମସ୍ୟାକୁ ଚାହିଁ ବରିଷ୍ଠ ବ୍ୟକ୍ତିମାନଙ୍କ ନିମିତ୍ତ ସମୟ ସ୍ଥିର କରିବା ଉଚିତ। ସେମାନଙ୍କ ଗହଣରେ ସମୟ ବିତେଇବାର ଅନୁକୂଳ ପ୍ରଭାବ ସୁଦୂରପ୍ରସାରୀ। ତା'ଛଡ଼ା ପରିବାରରେ ଥା'ନ୍ତି ବିଭିନ୍ନ ପ୍ରଜନ୍ମର ସଦସ୍ୟ। ପ୍ରତ୍ୟେକଙ୍କ ମଧ୍ୟରେ ସୁସ୍ଥ ସ୍ୱାଭାବିକ ସଂପର୍କ ରକ୍ଷା କରିବା ଖୁବ୍ ଜରୁରୀ। ପରିବାରର ଛୋଟ ସଦସ୍ୟମାନଙ୍କ ସହିତ ବରିଷ୍ଠ ସଦସ୍ୟମାନଙ୍କର ସୁସମ୍ପର୍କ ତଥା ସୁସଂଯୋଗ ଥିଲେ ବରିଷ୍ଠମାନଙ୍କ ପ୍ରତି ହତାଦର ତଥା ଅବହେଳା ଅନେକାଂଶରେ ଏଡ଼ାଇଦେଇ ହୁଏ। ବୟସ୍କମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ ବନ୍ଦ କରିବାର ଅନ୍ୟତମ ଉପାୟ ସଚେତନତା ବୃଦ୍ଧି। ଏହା ସଙ୍ଗେ ସଙ୍ଗେ ବରିଷ୍ଠମାନଙ୍କ ମନକୁ ଭଲ ରଖିବାର ଦାୟିତ୍ୱ ମଧ୍ୟ ନେବାକୁ ପଡ଼ିବ। ବରିଷ୍ଠ ନାଗରିକମାନେ ପ୍ରତି ସପ୍ତାହରେ ଅନ୍ତତଃ ଥରେ ଏକାଠି ହୋଇ ପରସ୍ପର ମଧ୍ୟରେ ଗପସପ କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ କରିବା, ଅସୁସ୍ଥ ସହଯୋଗୀଙ୍କ ଚିକିତ୍ସାରେ ସାହାଯ୍ୟ କରିବା, ଆଇନ ଅଦାଲତର ବ୍ୟବସ୍ଥାରେ ସହଯୋଗ କରିବାର ଆବଶ୍ୟକତା ରହିଛି। ଯେଉଁ ପରିବାରରେ କୌଣସି ବରିଷ୍ଠ ବ୍ୟକ୍ତି ଅବହେଳିତ ହେଉଥିବାର ଜାଣିଲେ ସେହି ପରିବାରର ସଦସ୍ୟମାନଙ୍କୁ ଭେଟି ଗଠନମୂଳକ ପରାମର୍ଶ ଦେଇ ପ୍ରତିକାର ବ୍ୟବସ୍ଥା କରାଯାଇପାରେ।

ତେବେ ବୟସ୍କମାନେ ନିଜର ପ୍ରକୃତ ବୟସକୁ ଭୁଲି ୬୦ ବର୍ଷ ବୟସ ପରେ ୬୧, ୬୨, ୬୩ ବର୍ଷ ଇତ୍ୟାଦିକୁ ଯଥାକ୍ରମେ ୧ ବର୍ଷ, ୨ ବର୍ଷ, ୩ବର୍ଷ... ବୋଲି କହିବାଟା ଆନନ୍ଦଦାୟକ, ହାସ୍ୟୋଦ୍ଦୀପକ ଏବଂ ଇତିବାଚକ ମାନସିକତା। ସୁସ୍ଥ ଭାବରେ ରହିବା ପାଇଁ ସକାରାତ୍ମକ ମନୋଭାବ ପୋଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏକଦା ଯେଉଁ ଅଜାଆଈ କି ବାପାମାଆ ଥିଲେ ପରିବାରର କର୍ତ୍ତା ଓ କର୍ତ୍ତ୍ରୀ, ସେମାନେ ଯେପରି ନିଜନିଜର ଅବଶିଷ୍ଟ ଜୀବନକାଳ ସମ୍ମାନର ସହ ବଞ୍ଚିରହିବେ - ଏହା ଦେଖିବା ପରିବାରର ଅନ୍ୟମାନଙ୍କର ନୈତିକ କର୍ତ୍ତବ୍ୟ। ଜାଣି ରଖନ୍ତୁ ଯେ ବୟସଟା ଏକ ସଂଖ୍ୟା ମାତ୍ର। ତା'କୁ ପ୍ରାଧାନ୍ୟ ନ ଦେଇ କିଭଳି ଆହୁରି ଭଲ ଭାବରେ ଜୀବନଟା କଟେଇ ହେବ, ଏହା ଦେଖିବାର ଦାୟିତ୍ୱ ସମସ୍ତଙ୍କର।

କଟକ, ମୋ: ୯୪୩୭୭୬୬୧୧୭

# ସଂସ୍କୃତି-ସଂପ୍ରୀତିର ମହୋତ୍ସବ ନୂଆଖାଇ

**ନିହାର ରଞ୍ଜନ ସାବତ**

ପବିତ୍ର ଭାରତ ଭୂମିରେ ଯେଉଁ ଅସଂଖ୍ୟ ସାଂସ୍କୃତିକ ପରମ୍ପରାଗୁଡ଼ିକ ଯୁଗ ଯୁଗ ଧରି ଚାଲି ଆସିଛି, ସେମାନଙ୍କ ମଧ୍ୟରେ ବୈଜ୍ଞାନିକ ଆଧାରବିଶିଷ୍ଟ ଉତ୍ସବ ରୂପେ ପ୍ରତିଷ୍ଠିତ ଓଡ଼ିଶାର ପଶ୍ଚିମାଞ୍ଚଳର ଗଣପର୍ବ 'ନୂଆଖାଇ' ଅନ୍ୟତମ। 'ନୂଆ' ଅର୍ଥାତ୍ 'ନବ' ଏବଂ 'ଖାଇ' ଅର୍ଥାତ୍ 'ଭୋଜନ' ପରି ଦୁଇଟି ସରଳ ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଥିବା 'ନୂଆଖାଇ' ଶବ୍ଦଟି କେବଳ ଭାଷାଗତ ସଂଯୋଜନା ନୁହେଁ, ବରଂ ଏହା ହେଉଛି ମାନବ ସଭ୍ୟତାର ମୌଳିକ ଆଦର୍ଶ, ପ୍ରକୃତି ସହିତ ସାମଞ୍ଜସ୍ୟ, ଆଧ୍ୟାତ୍ମିକ ଉନ୍ନତି ଓ ସାମାଜିକ ଐକ୍ୟର ଏକ ଅତୁଳନୀୟ ସମ୍ମିଶ୍ରଣ। ଏହି ଉତ୍ସବ କେବଳ ଏକ କୃଷିଭିତ୍ତିକ ପର୍ବ ନୁହେଁ, ବରଂ ଏହା ପ୍ରକୃତିମାତାଙ୍କର ଅପାର କରୁଣା, କୃଷକମାନଙ୍କର ନିରନ୍ତର ସଂଘର୍ଷ, ପରିବାର ଓ ସମାଜର ଦୃଢ଼ ସଂହତି ଏବଂ ଈଶ୍ୱରଙ୍କ ପ୍ରତି ଅସୀମ ଭକ୍ତି ଓ କୃତଜ୍ଞତାର ସୁନ୍ଦର ମିଶ୍ରଣ କରାଉଥିବା ଏକ ବ୍ୟାପକ ଜୀବନଦର୍ଶନର ପରିପ୍ରକାଶ। ବୈଦିକ ଯୁଗର ଗଭୀରତମ ତତ୍ତ୍ୱରୁ ଆରମ୍ଭ ହୋଇ ଆଜିର ଆଧୁନିକ ଯୁଗର ଆହ୍ୱାନ ମଧ୍ୟରେ ନିଜର ପ୍ରାସଙ୍ଗିକତା ବଜାୟ ରଖିଥିବା ଏହି ଅନୁପମ ପରମ୍ପରା ଯୁଗ ଯୁଗ ଧରି ଅଗଣିତ ଲୋକଙ୍କ ହୃଦୟରେ ଆଶା, ଉତ୍ସାହ ଓ ଆଧ୍ୟାତ୍ମିକ ଆନନ୍ଦର ସଞ୍ଚାର କରିଆସୁଛି।

ମୁଖ୍ୟତଃ ମହାନଦୀ, ବ୍ରାହ୍ମଣୀ, ଇନ୍ଦ୍ରାବତୀ ଓ ତେଲ ଇତ୍ୟାଦି ନଦୀର ପବିତ୍ରଜଳ ଦ୍ୱାରା ସେଚିତ ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର, ବୌଦ୍ଧ ଓ ନୂଆପଡ଼ା ଜିଲ୍ଲାର ଏକ ବିସ୍ତୀର୍ଣ୍ଣ କୃଷିଭିତ୍ତିକ ଅଞ୍ଚଳରେ ବିପୁଳ ପାରମ୍ପରିକ ଉତ୍ସାହ, ଉଦ୍ଦୀପନା, ଶ୍ରଦ୍ଧା ଓ ଭକ୍ତିର ସହିତ ନୂଆଖାଇ ଉତ୍ସବ ପାଳିତ ହୋଇଥାଏ। କୃଷକମାନେ ଖିର ଧରିଆସୁଥିବା ଧାନକେଣ୍ଡାର ଗର୍ଭଣା ଅଂଶ ପ୍ରଥମ ଅର୍ଘ୍ୟ ସ୍ୱରୂପ ମା'ଙ୍କୁ ଅର୍ପଣ କରନ୍ତି। ଏଥିସହିତ ଛୋଟଛୋଟ ପଡ଼ାଗାଁଠାରୁ ଆରମ୍ଭ କରି ବଡ଼ବଡ଼ ସହର ପର୍ଯ୍ୟନ୍ତ, ସବୁ ପରିବାର, ସବୁ ବର୍ଗରେ ଏହା ଏକ ଅତ୍ୟନ୍ତ ପବିତ୍ର, ଭକ୍ତିମୟ ଆଧ୍ୟାତ୍ମିକ ଉତ୍ସବ ରୂପେ ପାଳନ କରାଯାଏ। ଏହାର ସାଂସ୍କୃତିକ ପ୍ରଭାବ କେବଳ ଓଡ଼ିଶାର ସୀମାରେ ସୀମିତ ନହୋଇ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ରାୟଗଡ଼, ବସ୍ତର, ରାୟପୁର, ବିଳାସପୁର ଓ ଦୁର୍ଗ, ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ, ଷଢ଼େଇକଳା, ଖରସୁଆଁ, ରାଞ୍ଚୀ ଓ ହଜାରୀବାଗ ଭଳି ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ। ଏଠାରେ ସମ୍ବଲପୁରୀ-କୋଶଳୀ ଓ ଅନ୍ୟାନ୍ୟ ସ୍ଥାନୀୟ ଭାଷାଭାଷୀ ଲୋକମାନେ ନିଜ ନିଜ ଭାଷାଗତ ବିଶେଷତ୍ୱ ସହିତ ଏହି ପର୍ବକୁ ପାଳନ କରି ସାଂସ୍କୃତିକ ବୈଚିତ୍ର୍ୟ ମଧ୍ୟରେ ଏକ ଅପୂର୍ବ ସୁସଙ୍ଗତି ସୃଷ୍ଟି କରନ୍ତି।

ନୂଆଖାଇ ପର୍ବର ପୌରାଣିକ ତଥା ଐତିହାସିକ ପୃଷ୍ଠଭୂମି ଅତ୍ୟନ୍ତ ପ୍ରାଚୀନ, ଗୌରବମୟ ଓ ବିବିଧ ସାଂସ୍କୃତିକ ପରମ୍ପରାର ସମନ୍ୱୟରେ ସମୃଦ୍ଧ। ଦେବଯଜ୍ଞ (ଦେବତାଙ୍କ ଆରାଧନା), ପିତୃଯଜ୍ଞ (ପିତୃପୁରୁଷଙ୍କ ସ୍ମରଣ), ବ୍ରହ୍ମଯଜ୍ଞ (ବିଦ୍ୟାଚର୍ଚ୍ଚା), ମନୁଷ୍ୟଯଜ୍ଞ (ଅତିଥି ସେବା) ଓ ଭୂତଯଜ୍ଞ (ଜୀବଜନ୍ତୁଙ୍କ କଲ୍ୟାଣ) ଭଳି ପାଞ୍ଚଟି ମୌଳିକ କାର୍ଯ୍ୟକଳାପକୁ ନେଇ ଗଠିତ ବୈଦିକ ଯୁଗର 'ପଞ୍ଚଯଜ୍ଞ' ସଂକଳ୍ପ ସହିତ ଏହାର ଗଭୀର ସମ୍ପର୍କ ରହିଛି। ଏହି 'ପଞ୍ଚଯଜ୍ଞ' କେବଳ ବ୍ୟକ୍ତିଗତ ଆଧ୍ୟାତ୍ମିକ ସାଧନା ନୁହେଁ, ବରଂ ସମଗ୍ର ସମାଜର କଲ୍ୟାଣ, ପ୍ରକୃତି ସହିତ ସାମଞ୍ଜସ୍ୟ ଓ ବ୍ରହ୍ମାଣ୍ଡର ଶାଶ୍ୱତ ନିୟମ ସହିତ ମାନବଜୀବନର ସମନ୍ୱୟ ରକ୍ଷା କରିବାର ଏକ ସୁନ୍ଦର ପଦ୍ଧତି। ଏହି ସମସ୍ତ ଉପାଦାନ ନୂଆଖାଇ ପର୍ବରେ ବିଦ୍ୟମାନ ଥିବାରୁ ଏହା କେବଳ ଏକ ଉତ୍ସବ ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ ଜୀବନଦର୍ଶନ।

ଐତିହାସିକ ତଥ୍ୟ ଅନୁସାରେ, ପାଟଣାଗଡ଼ର ପ୍ରଥମ ଚୌହାନ ରାଜା ରମାଇ ଦେବ 'ନୂଆଖାଇ'କୁ ରାଜକୀୟ ସ୍ୱୀକୃତି ପ୍ରଦାନ କରି ଏହାକୁ ଏକ ଗଣପର୍ବର ମର୍ଯ୍ୟାଦା ଦେଇଥିଲେ। ଧାର୍ମିକ ସମନ୍ୱୟ ସହିତ ସାମାଜିକ ଐକ୍ୟ, ସାଂସ୍କୃତିକ ଏକତା ଓ ରାଜନୈତିକ ସ୍ଥିରତା ଆଣିବା ନିମନ୍ତେ ଏହା ଥିଲା ଏକ ମହତ ପ୍ରୟାସ। ବିଭିନ୍ନ ରାଜବଂଶର ପ୍ରତ୍ୟକ୍ଷ ପୃଷ୍ଠପୋଷକତା, କବି ଓ ପଣ୍ଡିତମାନଙ୍କର ବୌଦ୍ଧିକ ସମର୍ଥନ ଏବଂ ଜନସାଧାରଣଙ୍କର ଆନ୍ତରିକ ଶ୍ରଦ୍ଧା, ଭକ୍ତି ଓ ଉତ୍ସାହର ସମନ୍ୱୟରେ ଏହା ଏକ ଗଣପର୍ବର ରୂପ ନେଇଥିଲା। 'ନୂଆଖାଇ ଭେଟଘାଟ' ଏହି ମହାନ୍ ପର୍ବର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ, ହୃଦୟସ୍ପର୍ଶୀ ଓ ସାମାଜିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗଠନମୂଳକ ଦିଗ। ସମସ୍ତ ଭେଦଭାବ ଭୁଲି ଏହି ଅନୁପମ ସମାବେଶରେ ଲୋକମାନେ ପରସ୍ପରକୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା, ବୟୋଜ୍ୟେଷ୍ଠମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ, କନିଷ୍ଠମାନଙ୍କୁ ସ୍ନେହ ଓ ଆଦର ପ୍ରଦାନ, ପାରମ୍ପରିକ ଖାଦ୍ୟ ଓ ମିଷ୍ଟାନ୍ନ ବଣ୍ଟନ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ, ଲୋକସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଚିତ୍ତ ବିନୋଦନ ତଥା ସାମୂହିକ କଲ୍ୟାଣକାରୀ ଯୋଜନା ବିଷୟରେ ଆଲୋଚନା ମାଧ୍ୟମରେ ସାମାଜିକ ବନ୍ଧନକୁ ଅଧିକରୁ ଅଧିକ ଦୃଢ଼, ଗଭୀର ଓ ସ୍ଥାୟୀ କରି ଗଢ଼ିତୋଳନ୍ତି।

ନୂଆଖାଇ ପର୍ବର ସାମାଜିକ ଓ ଅର୍ଥନୈତିକ ପ୍ରଭାବ ପଶ୍ଚିମ ଓଡ଼ିଶାର ଗ୍ରାମୀଣ ଅର୍ଥବ୍ୟବସ୍ଥା, ସ୍ଥାନୀୟ ବାଣିଜ୍ୟ, ହସ୍ତତନ୍ତ ଶିଳ୍ପ, କୃଷିଜାତ ଦ୍ରବ୍ୟର ବିତରଣ ଓ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ସମ୍ପଦର ଅନିୟନ୍ତ୍ରିତ ବ୍ୟବହାର ଓ ଜୈବ ବିବିଧତା ହ୍ରାସ ଭଳି ବଡ଼ ସମସ୍ୟାମାନଙ୍କର ସମାଧାନ କ୍ଷେତ୍ରରେ ପ୍ରକୃତି ସହିତ ସାମଞ୍ଜସ୍ୟ, କୃଷି ଓ ପରିବେଶ ପ୍ରତି ସମ୍ମାନ, ସ୍ଥାନୀୟ ଉତ୍ପାଦିତ ଦ୍ରବ୍ୟ ଓ ପାରମ୍ପରିକ କୌଶଳ ପ୍ରତି ନିର୍ଭରଶୀଳତା ଭଳି 'ନୂଆଖାଇ' ପର୍ବର ମୌଳିକ ଦର୍ଶନଗୁଡ଼ିକ ଦିଗଦର୍ଶନ ପ୍ରଦାନ କରିଥା'ନ୍ତି। ଏହା ଆମର ଅତୀତର ଗୌରବମୟ ଐତିହ୍ୟ, ବର୍ତ୍ତମାନର ଜୀବନ୍ତ ବାସ୍ତବତା ଓ ଭବିଷ୍ୟତର ଉଜ୍ଜ୍ୱଳ ସମ୍ଭାବନାର ଏକ ଅପୂର୍ବ, ସମ୍ପୂର୍ଣ୍ଣ ଓ ସୁସଙ୍ଗତ ସମନ୍ୱୟ।

ଆଜିର ଯୁଗରେ ଯେତେବେଳେ ଅତ୍ୟାଧୁନିକ ଯନ୍ତ୍ରଯୁଗ, ଅନିୟନ୍ତ୍ରିତ ବସ୍ତୁବାଦ, ଅସୀମ ଭୋଗବିଳାସ ଓ ଆତ୍ମକୈନ୍ଦ୍ରିକ ଜୀବନଦର୍ଶନ ମାନବୀୟ ମୂଲ୍ୟବୋଧ, ପାରସ୍ପରିକ ସମ୍ପର୍କ, ପ୍ରାକୃତିକ ସନ୍ତୁଳନ ଓ ଆଧ୍ୟାତ୍ମିକ ଚେତନାକୁ ଗଭୀର ସଙ୍କଟରେ ପକାଇ ଦେଇଛି, 'ନୂଆଖାଇ' ଭଳି ପାରମ୍ପରିକ ଉତ୍ସବର ଚିରନ୍ତନ ବାର୍ତ୍ତା, ପ୍ରାଚୀନ ଜ୍ଞାନ ଓ ସାମଗ୍ରିକ ଜୀବନଦର୍ଶନ ଆମକୁ ପ୍ରକୃତ ସୁଖ, ଶାନ୍ତି, ସଂପ୍ରୀତି ଓ ସମୃଦ୍ଧିର ପଥ ଦେଖାଇବାରେ ଅତୁଳନୀୟ ଭୂମିକା ଗ୍ରହଣ କରିଥାଏ।

ଭୁବନେଶ୍ୱର, ମୋ: ୯୭୭୭୦୧୧୯୬୮

# ସାହିତ୍ୟ-ସୈନିକ ଦତ୍ତାତ୍ମା ଦୟାନିଧି ମିଶ୍ର

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ପରାଧୀନ ଭାରତବର୍ଷରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ ହେଲା ପୁଣି ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିକୃତି? ଏପରି ଦୁଃସାହସିକ କାର୍ଯ୍ୟ କାହା ଦ୍ୱାରା ସମ୍ଭବ? ଏ ପ୍ରଶ୍ନ ସୃଷ୍ଟି କରିଥିଲା ସମସ୍ତଙ୍କ ମନରେ ତୁମୁଳ ଆଲୋଡ଼ନ। ଏକଥା ଆଉ ଜାଣିବାକୁ ବାକି ରହିଲା ନାହିଁ ଯେ ଏହି ଅପୂର୍ବ ଶକ୍ତି ପ୍ରଦର୍ଶନ କରିଛନ୍ତି ସଂଗ୍ରାମୀ ସାହିତ୍ୟ ସାଧକ ଦୟାନିଧି ମିଶ୍ର। ସେତେବେଳେ ସେ କଟକ ରେଭେନ୍ସା କଲେଜ ଛାତ୍ର। ପରିପୂର୍ଣ୍ଣ ଯୌବନ-ନଦୀରେ ଉଚ୍ଛୁଳି ଉଠୁଥିଲା ଯେଉଁ ଆବେଗମୟ ଭାବସ୍ରୋତ, ତାହା ଭାରତ ଜନନୀଙ୍କ ପ୍ରତି ଆନ୍ତରିକ ଭକ୍ତି ନୈବେଦ୍ୟ।

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥାନ ବରପାଲି ନିକଟସ୍ଥ ତୁଲଣ୍ଡି ଗ୍ରାମରେ ଭୂମିଷ୍ଠ ହୋଇଥିଲେ ସେ। ସାହିତ୍ୟର ଦେବୀସତ୍ତା ସରସ୍ୱତୀ, ଉତ୍କଳ ଭାରତୀ ଆଉ ଭାରତ ଜନନୀଙ୍କ ପ୍ରତ୍ୟକ୍ଷ ପ୍ରେରଣାରେ ପରିଚାଳିତ ହେଉଥିଲା ତାଙ୍କ ଜୀବନଧାରା। ସାହିତ୍ୟ ସାଧନା ସେହି ଦିବ୍ୟ ମାତୃଚେତନାର ଆରାଧନା ବ୍ୟତୀତ ଆଉ କିଛି ନଥିଲା। ଗଳ୍ପ, କବିତା, ଉପନ୍ୟାସ ରଚନାରେ ନିଜକୁ ନିୟୋଜିତ କରି ରଖିଛନ୍ତି ସେ ମନ୍ଦିରର ନିଷ୍ଠାପର ପୂଜକଠାରୁ କାହିଁ କେତେ ଗୁଣରେ ଅଧିକ ସମର୍ପିତ ହୋଇ। 'ବିରହ ବଂଶୀ', 'କବିତାକୁଞ୍ଜ' ତାଙ୍କ ହୃଦୟର ଆବେଗସ୍ନାତ କବିତାବଳୀ। ଜନମାନସ ଉଦ୍ଦେଶ୍ୟରେ ଉଦବୋଧନ ଦେଇ ସେ ଲେଖିଥିଲେ 'ଗାନ୍ଧୀଙ୍କର ମନ୍ତ୍ରେ ଗୋପବନ୍ଧୁ ଆଜି / ଅହିଂସା ଧର୍ମର ବ୍ରତୀ / ଆଳସ୍ୟ ତେଜିଣ ଜାଗ ଉତ୍କଳୀୟ / ଦେଶ ପ୍ରେମେ ଯାଅ ମାତି।'

'ସୁଭଦ୍ରା', 'ସଂଯୁକ୍ତା' ଓ 'ରାଣାପ୍ରତାପ ସିଂହ' ଉପନ୍ୟାସ ତାଙ୍କର ଏପରି ତିନୋଟି କୃତି, ଯାହା ମହିମାଦୀପ୍ତ ଚରିତ୍ରଙ୍କ ଅନ୍ତର୍ଗତ ଭାବସତ୍ୟ ଉନ୍ମୋଚନ କରିବା ସହିତ ଭବିଷ୍ୟତ ପିଢ଼ି ନିମିତ୍ତ ସଂରକ୍ଷିତ ରଖିଦେଇଛି ଦେଶପ୍ରେମର ମହିମ୍ନ ସ୍ଫୁରଣ। ଲେଖକଙ୍କ ଦୃଷ୍ଟିରେ 'ସଂଯୁକ୍ତା' ଉପାଖ୍ୟାନ ପୁରାତନ ହୋଇ ବି ନିତ୍ୟନୂତନ। 'ମାନଭଞ୍ଜନ', 'ନୟନତାରା' ତାଙ୍କ ସାମାଜିକ ଉପନ୍ୟାସ। ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ କଥାଶିଳ୍ପୀ ଗୋପୀନାଥ ମହାନ୍ତି ଆଧୁନିକ ଶୈଳୀ-ସମୃଦ୍ଧ ଉପନ୍ୟାସ 'ନୟନତାରା'କୁ ଯେଉଁ ଉଚ୍ଚତର ମର୍ଯ୍ୟାଦା ପ୍ରଦାନ କରିଛନ୍ତି, ସେଥିରୁ ପ୍ରତିପାଦିତ ହୋଇଯାଏ ଓଡ଼ିଆ ଉପନ୍ୟାସର ଆଦିକାଳରେ ଦୟାନିଧିଙ୍କ ଅବଦାନ କେତେ ମହତ୍ତ୍ୱପୂର୍ଣ୍ଣ।

'କଥା କଦମ୍ବ' ତାଙ୍କର ଏକ ଗଳ୍ପ ସଂକଳନ। ବିଷୟବସ୍ତୁର ବିବିଧତା ଏଥିରେ ଯେକେହି ଲକ୍ଷ୍ୟ କରିବା ସ୍ୱାଭାବିକ। ସାମାଜିକ ହେଉ ବା ଐତିହାସିକ, ସର୍ବତ୍ର ଓଡ଼ିଆ ଭାଷା ପ୍ରତି ମମତା, ସମ୍ବଲପୁର ମାଟିର ସ୍ୱାଭିମାନ ଓ ସ୍ୱଦେଶ ପ୍ରତି ସୁଗଭୀର ଅନୁରକ୍ତି ସ୍ଫୁରିତ ହୋଇଛି ମର୍ମଭେଦୀ ରୂପରେ। 'ଶାନ୍ତି' ଶୀର୍ଷକ ଗଳ୍ପରେ ସେ ଲେଖୁଛନ୍ତି - 'ମରହଟ୍ଟାମାନେ ଯୁଦ୍ଧରେ ପରାଜିତ ହେଲେ। ମା' ସମଲେଶ୍ୱରୀଙ୍କ ବିଜୟ-ପତାକା ବାରପାହାଡ଼ର ଶିଖର ଦେଶରେ ସଂସ୍ଥାପିତ ହେଲା।' ପୌରାଣିକ ଚେତନା ଆଧାରରେ ସେ ଲେଖିଛନ୍ତି 'ସୁଭଦ୍ରା', 'ରୋହିଣୀ', 'ଧ୍ରୁବ' ପୁସ୍ତକ। ଐତିହାସିକ, ପୌରାଣିକ ଅଥବା ସାମାଜିକ ଯେକୌଣସି କଥାବସ୍ତୁ ଅବଲମ୍ବନରେ ସେ ଯାହା ଲେଖନ୍ତୁ ନା କାହିଁକି ସର୍ବତ୍ର ଭାରତୀୟ ଜାତୀୟତାର ଭାବ ଲେଖକଙ୍କୁ ରଖିଛି ଭାବମଗ୍ନ। ସେ ପୁଣି ସାହିତ୍ୟ ପତ୍ରିକା 'ମୁକୁର'ର ଥିଲେ ସହସମ୍ପାଦକ। ଗଙ୍ଗାଧରଙ୍କ ଶେଷ କାବ୍ୟ 'ପଦ୍ମିନୀ'ର କେତୋଟି ସର୍ଗ ପ୍ରକାଶ କରି ସେ ହୋଇଛନ୍ତି ଗୌରବାନ୍ୱିତ। ଗଙ୍ଗାଧର ଯେଉଁ ରାଜସ୍ଥାନ ଇତିହାସ ପାଠକରି 'ପଦ୍ମିନୀ' ରଚନା କରିଥିଲେ ଦୟାନିଧି ତାହା ହିଁ ଅଧ୍ୟୟନ କରି ଲେଖିଲେ ରାଣାପ୍ରତାପ ସିଂହ। 'ମୁକୁର' ପତ୍ରିକା ମାଧ୍ୟମରେ ଓଡ଼ିଆ ଅସ୍ମିତାର ଜାଗରଣ ସକାଶେ ସେ ଯୁବପିଢ଼ି ଭିତରେ ସୃଷ୍ଟି କରିଛନ୍ତି ନବ ଉନ୍ମାଦନା, ନବୀନ ଉଦ୍ଦୀପନା, ତେଜୋଦୀପ୍ତ ପ୍ରାଣାବେଗ।

ଦିବ୍ୟଜନନୀ ନିର୍ବାଚନ କରନ୍ତି ସେଇ ଆଧାରକୁ, ଯିଏ ବ୍ୟକ୍ତିଗତ ସଫଳତା ବିଫଳତାରୁ ନିଜକୁ କରିଦେଇ ପାରିଛି ଉତ୍ତୀର୍ଣ୍ଣ। ଦୟାନିଧି ମିଶ୍ର ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରି ଯେଉଁ ପାବଚ୍ଛ ଉପରେ ଆରୋହଣ କରିପାରିଥିଲେ, ସେଠାକୁ ଯାତ୍ରା କରିପାରନ୍ତି ସେହିମାନେ, ଯେଉଁମାନେ ନିଜ ପାଇଁ ନୁହେଁ, ବିବେକାନନ୍ଦଙ୍କ ଭାଷାରେ କହିଲେ: 'ମା'ଙ୍କ ପାଇଁ ବଳୀ ପ୍ରଦତ୍ତ। ସମ୍ପୂର୍ଣ୍ଣ ସମର୍ପିତ।' ଦୟାନିଧି ଥିଲେ ସେହି ପର୍ଯ୍ୟାୟର ସାହିତ୍ୟ-ସୈନିକ। ଯେଉଁ କବି ଲେଖକଙ୍କୁ ଏ ଜାତି କ୍ରମଶଃ ବିସ୍ମରି ଯାଉଛି ସେମାନଙ୍କୁ ପୁନଃପଠନ ଦ୍ୱାରା ପୁନଃ ପୁନଃ ଆବିଷ୍କାର କରିବା ହିଁ ହେଉଛି ଆଜିର ଆହ୍ୱାନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଗଣେଶ ପୂଜାରେ ଅଘଟଣ

### ନାଚୁନାଚୁ ଟଳିପଡ଼ିଲେ ଛାତ୍ର

ନୀଳଗିରି, ୨୭।୮ (ସମିସ): ଗଣେଶ ପୂଜା ପାଇଁ ଉତ୍ସବମୁଖର ଥିଲା ସ୍କୁଲ ପରିସର। ସାଙ୍ଗସାଥୀ ମେଳରେ ଗୀତର ତାଳେତାଳେ ନାଚୁଥିବାବେଳେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏପରି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତ ସିଆଡିମାଳ ଗ୍ରାମସ୍ଥିତ ଜଡ଼ିଦା ରାଧାମାଧବ ଜୀଉ ହାଇସ୍କୁଲରେ। ମୃତ ଛାତ୍ରଜଣକ ହେଲେ ଗ୍ରାମର ଲକ୍ଷ୍ମୀନାରାୟଣ ଦାସବାବୁଙ୍କ ୧୪ବର୍ଷୀୟ ପୁଅ ପ୍ରିୟାଂଶୁ ପ୍ରୀତମ। ଆଜି ଗଣେଶ ଚତୁର୍ଥୀ ଅବସରରେ ଘରୁ ଗାଧୋଇପାଧୋଇ ପ୍ରିୟାଂଶୁ ସ୍କୁଲରେ ଗଜାନନଙ୍କ ପୂଜାରେ ସାମିଲ ହୋଇଥିଲେ। ପୂଜାସାରି ସାଙ୍ଗସାଥିଙ୍କ ସହିତ ଖେଳୁଥିବାବେଳେ ହଠାତ୍ ଗଣେଶଙ୍କ ବିଗ୍ରହ ସମ୍ମୁଖରେ ପଡିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିବା ବେଳେ ସାଙ୍ଗସାଥୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି। ବାପା ଲକ୍ଷ୍ମୀନାରାୟଣ ଏବଂ ମାଆ ମାଳତୀ ଦାସବାବୁଙ୍କ ଦୁଇ ପୁଅ ମଧ୍ୟରୁ ପ୍ରିୟାଂଶୁ ବଡ଼ପୁଅ ଥିଲେ। ଏଭଳି ଦୁଃଖଦ ଘଟଣା ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପୁଷ୍ପାଞ୍ଜଳି ବେଳେ ଟଳିପଡ଼ିଲେ ଶିକ୍ଷକ

ତେଲକୋଇ, ୨୭।୮ (ସମିସ): ବିଘ୍ନ ବିନାଶକ ପ୍ରଭୁ ଶ୍ରୀଗଣେଶଙ୍କୁ ପୁଷ୍ପାଞ୍ଜଳି ଦେଉଥିଲା ବେଳେ ଟଳି ପଡିଲେ ଜଣେ ଶିକ୍ଷକ। ଶିକ୍ଷକ ଜଣକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସଲେଇକେନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ହେଲେ ଚନ୍ଦନ କୁମାର ଜେନା (୩୫)। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେଲକୋଇ ଥାନା ପୁଲିସ ମୃତଦେହକୁ ଜବତ କରିବା ସହିତ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

### ଫୁଲ ତୋଳିବାବେଳେ ପୋଖରୀରେ ବୁଡ଼ି ଯୁବକ ମୃତ

ସୋର,୨୭।୮ (ସମିସ): ସୋର ପୌରପାଳିକା ଅନ୍ତର୍ଗତ ଖିରକୋଣୀ ଗ୍ରାମର ଜଣେ ବ୍ୟକ୍ତି ଆଜି ଗଣେଶ ପୂଜା ପାଇଁ ପୋଖରୀ ହୁଡ଼ାରେ ଥିବା ଫୁଲ ଗଛରୁ ଫୁଲ ତୋଳୁଥିବାବେଳେ ଗୋଡ ଖସିଯିବାରୁ ପୋଖରୀରେ ବୁଡି ମୃତ୍ୟୁ ହୋଇଥିବା ଜଣାପଡିଛି। ସୋର ପୌରାଞ୍ଚଳ ୧୯ ନମ୍ବର ୱାର୍ଡ ଖୀରକୋଣି ଗ୍ରାମର ସୁରେନ୍ଦ୍ର ମହାଳିକ (୫୦) ଆଜି ସକାଳେ ଗଣେଶ ପୂଜା ପାଇଁ ଘର ନିକଟସ୍ଥ ଏକ ପୋଖରୀ ଆଡିରେ ଥିବା ଫୁଲ ଗଛରୁ ଫୁଲ ତୋଳୁଥିଲେ। ଏହି ସମୟରେ ତାଙ୍କ ଗୋଡ ଖସିଯିବାରୁ ସେ ପୋଖରୀରେ ବୁଡି ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପୋଖରୀ ନିକଟରେ ତାଙ୍କ ଗାମୁଛା ପଡିଥିବାର ଦେଖି ପୋଖରୀରେ ଖୋଜିଥିଲେ। ପରେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

### ହୀରାକୁଦ ଜଳସ୍ତର ୬୨୨.୧୦ ଫୁଟ୍, ୨ ଗେଟ୍ ଖୋଲା

ସମ୍ବଲପୁର, ୨୭।୮ (ସମିସ) : ଉପରମୁଣ୍ଡରେ ବର୍ଷା କମିଯାଇଥିବାବେଳେ ହୀରାକୁଦ ନଦୀବନ୍ଧକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇଛି। ଆଜି ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୧୦ ଫୁଟ୍ ରହିଛି। ନଦୀବନ୍ଧର ମୋଟ ୨ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୯,୧୮୦ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୮,୧୩୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୩,୩୦୮ ଘନଫୁଟ, ପାୱାର ଚେନାଲ ଦେଇ ୩୧,୫୭୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୭,୦୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୬,୩୨୭ ଘନଫୁଟ୍, ଖଇରମାଲଠାରେ ୧,୬୨,୦୦୦ ଘନଫୁଟ୍, ବାରମୁଲଠାରେ ୨,୨୭,୫୦୦ ଘନଫୁଟ୍ ଏବଂ ମୁଣ୍ଡଲୀଠାରେ ୩,୩୧,୯୬୩ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଗତ ୨୪ ଘଣ୍ଟାରେ ୬.୩୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୮୨ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୧୯ ଫୁଟ୍ ରହିଥିଲା।

### ବାଇକ୍ ଦୁର୍ଘଟଣା; ଜଣେ ମୃତ, ୨ ଗୁରୁତର

ତେଲକୋଇ, ୨୭।୮ (ସମିସ): ତେଲକୋଇ ଥାନା ସନ୍ତେଇ ଭଞ୍ଜି ଗ୍ରାମରେ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ରଗଡା ଗ୍ରାମର ଗଣେଶ୍ୱର ସାହୁଙ୍କ ପୁଅ ପପୁ ସାହୁ(୧୮)। ଗୁରୁତରମାନେ ହେଲେ ରଗଡା ଗ୍ରାମର ଦିପୁ ସାହୁ(୨୦) ଏବଂ ପାଲଲହଡ଼ା ସରୁଆଳି ଗ୍ରାମର ରତିକାନ୍ତ ନାୟକ(୪୫)। ଗୁରୁତର ଦିପୁ କଟକ ସ୍ଥାନାନ୍ତର ହୋଇଥିବା ବେଳେ ରତିକାନ୍ତ କେନ୍ଦୁଝର ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେଲକୋଇ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଦୁର୍ଘଟଣା ଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରିଛି।

### ନଦୀରେ ଭାସିଗଲା ଶିଶୁକନ୍ୟା

ବସ୍ତା ବ୍ଲକ, ୨୭।୮ (ସମିସ): ନଦୀରେ ଭାସି ଯାଇ ଦେଢବର୍ଷର ଶିଶୁ କନ୍ୟା ନିଖୋଜ ହୋଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ବସ୍ତା ଥାନା ଦରଡା ଗ୍ରାମର ପପୁ ସୋରେନ ଦେଢବର୍ଷର ଝିଅକୁ ନେଇ ପରିବାର ସହିତ ଦୁନ୍ଦ ଗ୍ରାମର ବନ୍ଧୁ ଘରକୁ ବୁଲିବା ପାଇଁ ଯାଇଥିଲେ। ବୁଧବାର ସକାଳ ସମୟରେ ପିଲାଟି ନିଖୋଜ ହୋଇ ଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ପାଖରେ ଡୁବଡୁବି ନଦୀ ଥିବାରୁ କୌଣସି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଇ ବସ୍ତା ଦମକଳ ଓ ପୁଲିସକୁ ଖବର ଦିଆଯାଇଥିଲା। ବସ୍ତା ପୁଲିସ ଏବଂ ଦମକଳ ବାହିନୀ ପହଞ୍ଚି ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ନିରାଶ ହୋଇ ଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଝିଅଟିର କୌଣସି ସନ୍ଧାନ ମିଳି ପାରି ନ ଥିବା ବସ୍ତା ଦମକଳ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି।

■ ଲଗାଣ ବର୍ଷାରେ ରାଜପଥ ବୁଡ଼ିଗଲା

### କାର୍ ସହ ଭାସିଯାଇ ପରିବାରର ୪ ମୃତ

ମାଲକାନଗିରି,୨୭।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍ଗର ଭ୍ୟାଲି ଜାତୀୟ ଉଦ୍ୟାନ ଅଞ୍ଚଳର ୩୦ନମ୍ବର ଜାତୀୟ ରାଜପଥର ଦରଭା ନିକଟରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ବନ୍ୟା ପାଣିରେ କାର୍ ଭାସିଯାଇ ଗୋଟିଏ ପରିବାରର ୪ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ ଏବଂ ସେମାନଙ୍କର ଦୁଇ ଝିଅ ଅଛନ୍ତି।

ସୂଚନା ଅନୁଯାୟୀ, ତାମିଲନାଡୁର ଏହି ପରିବାର ବସ୍ତର ବୁଲିବାକୁ ଆସିଥିଲେ। ପରିବାରର ଚାରି ଜଣ ସଦସ୍ୟ ପାଣିର ପ୍ରବଳ ପ୍ରବାହରେ ଫସି ଯାଇଥିଲେ। ପରେ କାର୍‌ଟି ଜଳସ୍ରୋତରେ ଭାସି ଯାଇ ବୁଡ଼ି ଯାଇଥିଲା। କାର୍ ଚାଳକ କୌଶଳ କ୍ରମେ ବଞ୍ଚି ଯାଇଥିବା ବେଳେ ପରିବାରର ୪ ଜଣଙ୍କର ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ସୂଚନା ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚି ଥିଲେ। ଏଏସ୍ପି ମହେଶ୍ୱର ନାଗ କହିଛନ୍ତି ଯେ ବିଳମ୍ବିତ ରାତିରେ ବହୁ ପରିଶ୍ରମ ପରେ ଏସଡିଆରଏଫ ଦଳ କାରରେ ଫସି ରହିଥିବା ମୃତଦେହ ଗୁଡ଼ିକୁ ବାହାର କରିଛି। ସମସ୍ତ ମୃତଦେହ ଗୁଡିକର ବ୍ୟବଚ୍ଛେଦ ପାଇଁ ଜଗଦଲପୁର ମେଡିକାଲ କଲେଜକୁ ପଠାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ମୃତକମାନେ ଜି ରାଜେଶ (୪୩), ପତ୍ନୀ ଜି ପବିତ୍ରା ରାଜେଶ (୪୦), ସୌଜନ୍ୟା (୭) ଏବଂ ସୌମ୍ୟା (୪) ବୋଲି ଜଣାପଡିଛି।

## ଓସ୍କାର ଦୌଡ଼ରେ ଓଡ଼ିଆ ସିନେ ନିର୍ମାତା ଅକ୍ଷୟ ପରିଜା

■ ଅନ୍ତରାଷ୍ଟ୍ରୀ ସିନେମାର ସହପ୍ରଯୋଜନା କରି ରାଜ୍ୟ ପାଇଁ ଆଣିଲେ ଗୌରବ

■ 'ପାପା, ବୁକା' ୨୦୨୬ ଓସ୍କାର ଆକେଡେମୀର ୯୮ତମ ପୁରସ୍କାର ପାଇଁ ଚୟନ

ଭୁବନେଶ୍ୱର,୨୭।୮ (ସମିସ): ଅନ୍ତରାଷ୍ଟ୍ରୀୟ ଚଳଚ୍ଚିତ୍ର 'ପାପା, ବୁକା' ୨୦୨୬ ଓସ୍କାର ଏକାଡେମୀର ୯୮ତମ ପୁରସ୍କାର ପାଇଁ ଚୟନ ହୋଇଛି। ଏହି ଚଳଚ୍ଚିତ୍ରରେ ସହ ପ୍ରଯୋଜନା କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ୨ଥର ଜାତୀୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଓଡ଼ିଆ ସିନେ ପ୍ରଯୋଜକ ଅକ୍ଷୟ ପରିଜା। ଓଡ଼ିଶା ଓ ଭାରତୀୟ ସିନେମା ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ। ପାପୁଆ ନ୍ୟୁ ଗିନି ସହ ଭାରତର ଏହି ପ୍ରଥମ ପ୍ରଡକ୍ସନ ଫିଚର ଫିଲ୍ମ ୨୦୨୬ ଓସ୍କାର ଏକାଡେମୀ ପୁରସ୍କାରର ବେଷ୍ଟ ଇଣ୍ଟରନ୍ୟାସନାଲ ଫିଚର ଫିଲ୍ମ ବର୍ଗରେ ଅଫିସିଆଲ ଏଣ୍ଟ୍ରିରେ ଅନୁମୋଦିତ ହୋଇଛି।

ସୂଚନା ଅନୁସାରେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପପୁଆ ନ୍ୟୁଗିନିର ମୁକ୍ତି ସଂଗ୍ରାମରେ ଭାରତୀୟ ସେନାଙ୍କ ଅବଦାନ ଉପରେ ଏହି ଚଳଚ୍ଚିତ୍ର ଆଧାରିତ। ଏଥିରେ ବହୁ ଭାରତୀୟ ସେନାଙ୍କ ବଳିଦାନ ଲୁକ୍କାୟିତ ହୋଇ ରହିଯାଇଥିଲା। ସେମାନଙ୍କ ବଳିଦାନକୁ ବିଶ୍ୱ ଦରବାରରେ ପରିଚିତ କରିବା ପାଇଁ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ପପୁଆ ନ୍ୟୁ ଗିନି ସରକାର ଓ ଅକ୍ଷୟ ପରିଜାଙ୍କ ମିଳିତ ପ୍ରଯୋଜନାରେ ଏହି ଚଳଚ୍ଚିତ୍ରକୁ ନିର୍ମାଣ କରିବାକୁ ୨୦୧୬ ମସିହାରେ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତଃ ପ୍ରଣବ ମୁଖାର୍ଜୀ ପ୍ରେରଣା ଦେଇଥିଲେ। ଏହାସହ ୨୦୨୩ ମସିହାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପପୁଆ ଗିନି ଗସ୍ତ ବେଳେ ସେହି ଦେଶ ସହ ଭାରତର ସାଂସ୍କୃତି ଓ ପାରମ୍ପରିକ ସମ୍ପର୍କ କିଭଳି ସୁଦୃଢ଼ ଥିଲା ସେନେଇ ମଧ୍ୟ ଉତ୍ସାହିତ ହୋଇଥିଲେ। ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ୧୮୧୭ର ପାଇକବିଦ୍ରୋହ ଭଳି ପାପା ବୁକା ଚଳଚ୍ଚିତ୍ରରେ ସ୍ଥାନ ପାଇଛି। ଏହାସହ ଭାରତୀୟ ସେନାଙ୍କ ବୀରତ୍ୱର କାହାଣୀ ମଧ୍ୟ ରହିଛି। ଚଳଚ୍ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ୩ଥର ଜାତୀୟ ପୁରସ୍କାରପ୍ରାପ୍ତ ଡ. ବିଜୁ କୁମାର ଦାମୋଦରନ୍। ଏହି ଚଳଚ୍ଚିତ୍ରଟି ପପୁଆ ନ୍ୟୁ ଗିନିର ୫୦ତମ ସ୍ୱାଧୀନତା ବାର୍ଷିକୀ ପାଳନ ଅବସରରେ ମଧ୍ୟ ପ୍ରଦର୍ଶିତ ହୋଇଛି। ଏହି ଫିଲ୍ମରେ ଭାରତୀୟ ଅଭିନେତା ରୀତାଭରି ଚକ୍ରବର୍ତ୍ତୀ ଓ ପ୍ରକାଶ ବାରେ ନିଖୁଣ ଅଭିନୟ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗ୍ରାମି ବିଜେତା ପଦ୍ମଶ୍ରୀ ରିକି କେଜ୍। ଚଳଚ୍ଚିତ୍ର ଟି ନିର୍ମାଣରେ ସମସ୍ତଙ୍କ ବୈଷୟିକ ଟିମ୍ ମଧ୍ୟ ଭାରତୀୟ।

ବିଶିଷ୍ଟ ସିନେ ପ୍ରଯୋଜକ ଅକ୍ଷୟ ପରିଜା ଓଡ଼ିଆ ସିନେମାର ୯୦ ବର୍ଷର ଇତିହାସରେ ପ୍ରଥମ ପ୍ରଯୋଜକ ଯିଏକି ଏଭଳି ଅନ୍ତରାଷ୍ଟ୍ରୀୟ ଚଳଚ୍ଚିତ୍ରରେ ସହ ପ୍ରଯୋଜନା କରି ରାଜ୍ୟ ପାଇଁ ଗୌରବ ଆଣିପାରିଛନ୍ତି। ଅକ୍ଷୟ ପରିଜା ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ମାଲାୟଲମ୍ ସିନେମା ନିର୍ମାଣ କରିଛନ୍ତି। ୧୮୧୭ ମସିହା ପାଇକ ବିଦ୍ରୋହ କିପରି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ତାହାକୁ ମଧ୍ୟ କାହାଣୀର ରୂପ ଦେଇ ନିର୍ମାଣ କରିଛନ୍ତି ଚଳଚ୍ଚିତ୍ର। ଯାହାବି ବିଶ୍ୱ ଦରବାରରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟକ ହୋଇଛି। ସେ ସର୍ବଦା ଓଡ଼ିଶାର ସଂସ୍କୃତି, ପରମ୍ପରା, ଐତିହ୍ୟକୁ ଚଳଚ୍ଚିତ୍ର ମାଧ୍ୟମରେ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଚେଷ୍ଟା କରି ଆସିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

## କଟକ ରେଳ ଷ୍ଟେସନ ପ୍ଲାଟଫର୍ମ ଛାତ ଭୁଶୁଡିବା ଦୁର୍ଭାଗ୍ୟଜନକ: ବିଜେଡି

■ ମନ୍ଥର ଗତିରେ ଚାଲୁଥିବା ନିର୍ମାଣାଧୀନ କାର୍ଯ୍ୟ ତୁରନ୍ତ ଶେଷ କରାଯାଉ

■ ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର,୨୭।୮ (ସମିସ): କଟକ ରେଲୱେ ଷ୍ଟେସନର ପ୍ଲାଟଫର୍ମ-୧ରେ ଥିବା ଛାତ ଭୁଶୁଡିପଡିବା ଦୁର୍ଭାଗ୍ୟଜନକ ବୋଲି କହିଛି ବିଜୁ ଜନତା ଦଳ। ରେଳବାଇ ଓ ଠିକା ସଂସ୍ଥାର ଦାୟିତ୍ୱହୀନତା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଛି। କଟକ ଭଳି ବ୍ୟସ୍ତବହୁଳ ରେଲୱେ ଷ୍ଟେସନର ମରାମତି ଓ ଆଧୁନିକୀକରଣ କାର୍ଯ୍ୟ ଦୀର୍ଘ ଦିନ ଚାଲିବା ଫଳରେ ସାଧାରଣ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ମାଣାଧୀନ କାର୍ଯ୍ୟର ତଦାରଖରେ ଗୁରୁତର ଅବହେଳାରୁ ଆଜିର ଘଟଣା ଘଟିଥିବା ବିଜେଡି କହିଛି। ଦୁର୍ଘଟଣା ଘଟିବା ପରେ କଟକ-ଚୌଦ୍ୱାରର ବିଜେଡି ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ମେୟର ସୁବାସ ସିଂ, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି। ମନ୍ଥର ଗତିରେ ଚାଲୁଥିବା ଏହି ନିର୍ମାଣାଧୀନ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ରେଳ ବିଭାଗ ଧ୍ୟାନ ଦେବା ଆବଶ୍ୟକ ବୋଲି ବିଧାୟକ ଶ୍ରୀ ବିଶ୍ୱାଳ କହିଛନ୍ତି। ମେୟର ଶ୍ରୀ ସିଂ କହିଛନ୍ତି ଯେ ଠିକା ସଂସ୍ଥାର ବେପରୁଆ ମନୋଭାବ ଯୋଗୁ ଏଭଳି ଦୁର୍ଘଟଣା ଘଟିଛି। ଘଟଣାରେ ଜଣେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହାର ପୁନରାବୃତ୍ତି ନହେବା ପାଇଁ ରେଳବାଇ ବିଭାଗ ସତର୍କ ହେବା ଆବଶ୍ୟକ। ସେହିପରି ପ୍ରଫୁଲ ସିଂ କହିଛନ୍ତି ଯେ, ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ କିଛି ମିନିଟ ପୂର୍ବରୁ ବନ୍ଦେ ଭାରତ ଟ୍ରେନ ଯାଇଥିଲେ ମଧ୍ୟ ବଡ ଅଘଟଣରୁ ରକ୍ଷା ମିଳିଛି। ଦୁର୍ଘଟଣାର ତଦନ୍ତ କରାଯାଇ ଏଥିପାଇଁ ଦାୟୀ ଥିବା ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି।


**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**

ପବିତ୍ର "ନୂଆଁଖାଇ" ଉପଲକ୍ଷେ ବ୍ୟାଙ୍କର ସେବାଞ୍ଚଳ ଚାରିଗୋଟି ଜିଲ୍ଲା ଯଥା ବରଗଡ଼, ସମ୍ବଲପୁର, ଝାରସୁଗୁଡା ଓ ଦେବଗଡ ଜିଲ୍ଲାର ସମସ୍ତ ଚାଷୀଭାଇ, ଜମାକାରୀ, ଗ୍ରାହକ, ଶୁଭେଚ୍ଛୁ, ପୃଷ୍ଠପୋଷକ ତଥା ଅଞ୍ଚଳବାସୀମାନଙ୍କୁ ବ୍ୟାଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ସହିତ ମଙ୍ଗଳ କାମନା। ମାଁ ସମଲେଶ୍ୱରୀ ସମସ୍ତ ପରିବାରରେ ହସଖୁସି ବାଣ୍ଟିଦେବା ସହିତ ସଦା ସର୍ବଦା ଶୁଭ ଦୃଷ୍ଟି ରଖିଥାନ୍ତୁ, ତାଙ୍କରି ଚରଣ କମଳରେ ଏତିକି ପ୍ରାର୍ଥନା। ନିଜ ପରିବାରର ତଥା ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ ନିମନ୍ତେ ଏହି ବ୍ୟାଙ୍କ ପ୍ରତି ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମର କାମ୍ୟ।

ଶ୍ରୀଯୁକ୍ତ ଭବେଶ୍ୱର ମଳିକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ନରେନ୍ଦ୍ର ପଧାନ, ସଭାପତି



**ନୂଆଁଖାଇ ଜୁହାର-୨୦୨୫**

ସୁବର୍ଣ୍ଣପୁର ଚାଷୀ ଭାଇ, ମା, ବହେନ୍ ମାନଙ୍କୁ ଓ ପଶ୍ଚିମ ଓଡିଶାର ଭାଇ ବହେନ୍ ସବୁକୁ ପଶ୍ଚିମ ଓଡିଶାର ଗଣପର୍ବ "ନୂଆଁଖାଇର୍ ଜୁହାର୍"। ମାଁ ସୁରେଶ୍ୱରୀ, ମାଁ ଅଷ୍ଟଚଣ୍ଡୀ, ପ୍ରଭୁ ସୁବର୍ଣ୍ଣମେରୁ ଓ ବାବା ଭାମେଶ୍ୱରଙ୍କ ଅପାର କରୁଣାରୁ ଇ ବଛର୍ ଜୋଲ୍‌ଖୋଲ୍ ହେଇକି ବରଷା ହେଉ ଆରୁ ଆମର୍ ଚାଷୀଭାଇ ମାନକର୍ ମା'ଲକ୍ଷ୍ମୀ କର କୃପାଥି ଭଣ୍ଡାର ଘର ଉଛୁଳି ପଡୁ ଆରୁ ୨୦୨୫ ବଛର୍ ସବୁକର ମଙ୍ଗଳ ହେଉ।

୧. କୃଷି ଓ ଆନୁସଙ୍ଗିକ କୃଷି ସମ୍ବନ୍ଧୀୟ ଯୋଜନାର ସୁବିଧା ସୁଯୋଗ ପାଇଁ କୃଷକ ଓଡିଶା ପୋର୍ଟାଲରେ ପଂଜିକରଣ ଓ ତଥ୍ୟ ସଂଶୋଧନ କରନ୍ତୁ।

୨. ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ମୃତ୍ତିକା ପରୀକ୍ଷା କରି ସୁଷମ ସାର ପ୍ରୟୋଗ ସହିତ ଜୈବିକ ପଦ୍ଧତି ଅବଲମ୍ବନ କରନ୍ତୁ।

୩. କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ ରୁ ୫୦ ପ୍ରତିଶତ ରିହାତି ପାଆନ୍ତୁ ଓ ସ୍ୱାବଲମ୍ବୀ ହୁଅନ୍ତୁ।

୪. ଧାନ ଫସଲ ବଦଳରେ ଅଣଧାନ ଫସଲକୁ ଫସଲ ପର୍ଯ୍ୟାୟରେ ସାମିଲ କରନ୍ତୁ ଏବଂ ସମନ୍ୱିତ ଚାଷକୁ ଆପଣେଇ ଅଧିକ ଲାଭବାନ ହୁଅନ୍ତୁ।

୫. ପି.ଏମ୍. କିସାନ ଯୋଜନାର ହିତାଧିକାରୀମାନେ ଆସନ୍ତା ୨ମାସ ମଧ୍ୟରେ ନିଜର ମୋବାଇଲ ନମ୍ବର ଏବଂ ବ୍ୟାଙ୍କଖାତାକୁ ନିଜର ଆଧାର ସହିତ ସଂଯୋଗ କରି ସରକାରଙ୍କ ଏହି ଯୋଜନାକୁ ସଫଳ କରନ୍ତୁ ଓ ପି.ଏମ୍. କିସାନ ଓ ସି.ଏମ୍. କିସାନ ଯୋଜନା ଅନ୍ତର୍ଗତ ଉପଲବ୍ଧ ସୁବିଧା ହାସଲ କରନ୍ତୁ।

୬. କୃଷକ ରେଜିଷ୍ଟ୍ରି (Agristack) ରେ ନିଜ ଜମିପଟ୍ଟା ଦ୍ୱାରା ପଞ୍ଜିକୃତ ହୁଅନ୍ତୁ ଓ ଲାଭବାନ ହୁଅନ୍ତୁ। ଏଥିପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର, ପଂଚାୟତ ସ୍ତରୀୟ କୃଷି କର୍ମଚାରୀ ଏବଂ ନିଯୁକ୍ତ ସହାୟକଙ୍କ ଠାରେ ପଞ୍ଜିକରଣ କରାନ୍ତୁ।

୭. ଚାଷ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ପାଇଁ ଆପଣଙ୍କ ଗ୍ରାମ୍ୟ କୃଷି କର୍ମଚାରୀ କିମ୍ବା ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

ଶ୍ରୀଯୁକ୍ତ ରୁଦ୍ରଦେବ ରାଉତ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ସୁବର୍ଣ୍ଣପୁର

ଶ୍ରୀଯୁକ୍ତ ଡ. ନୃପରାଜ ସାହୁ, ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଆତ୍ମା, ସୁବର୍ଣ୍ଣପୁର



**AFFIDAVIT**



By virtue of an affidavit sworn before Executive Magistrate, Bhubaneswar, dated: 19.08.2025, I, MAMATA MANASINGH, residing at At-Barapada, PO: Kunjuri, P.S.- Khordha, Dist.- Khordha, Odisha, 752056, declare that I have changed my daughter's name from **Adyaarpita Mansingh** to **Ananya Ankita Mansingh**. Henceforth, she shall be known as **Ananya Ankita Mansingh** for all purposes.
Mamata Manasingh

**AFFIDAVIT**

I, Mrinal Kanta Samal, S/o- Natabar Samal, resident of Plot No. HIG-2/318, Satya Sai Enclave, Kolathia, Ps-Khandagiri, Dist-Khorda, PIN-751030, Odisha declared by this affidavit No- 15AA 353665, dtd- 23/07/2025 that now onwards I shall be known as **MRUNALA KANTA SAMAL** for all future purposes

**AFFIDAVIT**

I, Usharani Nayak D/o Banabihari Das, Resident of Village-Alana, PO-Alanahat, Naugaon, Dist-Jagatsinghapur, Pin-754107, Odisha declare by this affidavit No.9373 dtd 18.10.2021 that now onwards I shall be known as **USHARANI DAS** for all future purposes.

**AFFIDAVIT**

I, Amit Das S/o Asok Das, Resident of Plot No M-29/3, Panchasakha Nagar, PO-Dumuduma, PS-Khandagiri, Bhubaneswar Dist-Khordha Odisha, PIN-751019 declare by this affidavit No.683 dtd 26.08.2025 that now onwards I shall be known as **AMIT DASH** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nayagarh, CF.NO-5/2, dated 30-05-2025 I, **MANORANJAN BEHERA, S/o Bijay Kumar Behera** permanent resident of Village At-Ghadual, PO/PS/Dist- Nayagarh, State-Odisha, PIN- 752069, declare that I have changed my daughter's name from **ADARSHA BEHERA** (Old name) to **ADYASHA BEHERA** (New name), Henceforth, She shall be known as **ADYASHA BEHERA** for all purposes.
Sd-( **MANORANJAN BEHERA** )

**AFFIDAVIT**

I, Pragnya Parimita Khuntia, D/o- Prafulla Kumar Parida, resident of At- Gadadhar Prasad, Via- Itamati, Dist-Nayagarh, PIN-752068, Odisha declared by this affidavit No-687, dtd-26/08/2025 that now onwards I shall be known as **PRAGNYA PARIMITA PARIDA** for all future purposes.

**AFFIDAVIT**

I, Pedena Siba Sankar Patra S/o P Baleswar Patra, Resident of At-Bhakta Madhu Nagar, Talabania, Khandagiri, Bhubaneswar, Dist-Khorda PIN-751030, Odisha declare by this affidavit No.26190 dtd 26.08.2025 that now onwards I shall be known as **P SIBA SANKAR PATRA** for all future purposes.

**AFFIDAVIT**

I, Kishore Chandra Jena, S/o- Kunja Jena, resident of At-Krushnaprasad, Po-Parikud, Dist- Puri, PIN-752011, Odisha declared by this affidavit No-686, dtd- 26/08/2025 that now onwards I shall be known as **KISHOR CHANDRA JENA** for all future purposes

**AFFIDAVIT**

By virtue of an affidavit vide no 1644 dated 26.08.2025 sworn before the Notary public, Phulbani, I, Tasneen Salimkhan Pathan W/o Zafer Ismail, Residing at Govt Residential Quarter, Block II, Qr No E-01, Amalapada, PO/PS-Phulbani, Dist-Kandhamal, Odisha, do hereby change my minor Daughter's name from Asfa Mohasin Momin to Asfa Tasneem. Henceforth, she will be known as **ASFA TASNEEM** for all future purposes.

**AFFIDAVIT**

I, Bipra Chanra Behera, S/o- Dandapani Behera, resident of At-Dhanija, Po-Dhanija, Dist-Ganjam, PIN-761116, Odisha declared by this affidavit No-685, dtd-26/08/2025 that now onwards I shall be known as **BIPRA CHARAN BEHERA** for all future purposes

**AFFIDAVIT**

I, Susama Kumari Dei, aged about 74 years, W/o-Late Rajendranath Swain, resident of L-218, Baramunda Housing Board Colony, PO- Baramunda, PS- Bharatpur, Bhubaneswar, Dist-Khordha, Odisha declared by this affidavit No. 22004, dtd- 21/08/2025 that now onwards I shall be known as **SUSAMA RANI SWAIN** for all future purposes.

**AFFIDAVIT**

I, Surjyakanta Pani, S/o-Jagannath Pani, resident of MIG-61, Ananta Vihar, Ph-2, Pokhariput, Aerodrome Area, Bhubaneswar, Dist-Khurda, PIN- 751020, Odisha declared by this affidavit No-688, dtd-26/08/2025 that now onwards I shall be known as **SURYAKANT PANI** for all future purposes.

**AFFIDAVIT**

By virtue of an affidavit (No. 1738, dtd-25.08.2025) before the Notary Public, Bhubaneswar. I, **Pranati Senapati,** aged about 52 years, W/o Hrusikesh Patro, resident of Plot No. 171/913/2828, Ekamra Vihar, Sundarpada, Bhubaneswar, PS-Airfield, Dist- Khurda, PIN-751002, Odisha, I have corrected / changed my father's name from **Markand Senapati** (old name) to **Markanda Senapati** (new name) in my PAN Card, vide no. BVXPS9249E. Henceforth, I shall be known as **Pranati Senapati,** D/O- Markanda Senapati for all purposes.
**Pranati Senapati**


## ଅବଶିଷ୍ଟାଂଶ

### ୫୨ଲକ୍ଷ ଚାଷୀଙ୍କୁ...

ଚାଷରେ ସାମିଲ କରାଯାଇଛି। ଗତବର୍ଷ ରାଜ୍ୟର ସମସ୍ତ ଜିଲ୍ଲାରେ ୧ ଲକ୍ଷ ୬୦ ହଜାର ୮୭୪ କ୍ୱିଣ୍ଟାଲ୍‌ର ପ୍ରାମାଣିକ ବିହନ ଆଳୁ ବଣ୍ଟନ କରାଯାଇଛି। ଏହା ପୂର୍ବ ବର୍ଷ ତୁଳନାରେ ୩ ଗୁଣ ଅଧିକ। ରାଜ୍ୟରେ ଶୀତଳ ଭଣ୍ଡାର ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଯୋଜନା ୨୦୨୫ ଜାନୁଆରୀରେ କାର୍ଯ୍ୟକ୍ଷମ କରାଯାଇଛି। ରାଜ୍ୟରେ ଶୀତଳଭଣ୍ଡାର ଭିତ୍ତିଭୂମିକୁ ସୁଦୃଢ କରିବା ଲକ୍ଷ୍ୟ ନେଇ ପ୍ରତ୍ୟେକ ଉପଖଣ୍ଡସ୍ତରରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରାଯିବ। ଏହା ମାଧ୍ୟମରେ ଫସଲ ଅମଳ ପରବର୍ତ୍ତୀ କ୍ଷତିକୁ ରୋକିବା ସହ କୃଷି ଉତ୍ପାଦର ଉପଯୁକ୍ତ ମୂଲ୍ୟ ଦ୍ୱାରା ବଜାର ସୁବିଧା ଯୋଗାଇ ଦେଇ ଚାଷୀମାନଙ୍କର ରୋଜଗାର ବୃଦ୍ଧି କରାଯାଇପାରିବ। ଯୁବ କୃଷି ଉଦ୍ୟୋଗୀମାନଙ୍କୁ ବ୍ୟବସାୟ ଭିତ୍ତିକ ଭିତ୍ତିଭୂମି ପ୍ରତିଷ୍ଠା ସହ ନିଜର ଆର୍ଥିକ ଉନ୍ନତି ଏବଂ ରାଜ୍ୟର ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ରିହାତି ଜରିଆରେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ପ୍ରାୟ ୫୯ କୋଟି ଟଙ୍କା ବ୍ୟୟରେ ଏକ 'କୃଷକ ଭବନ' ଏବଂ କୃଷି ଶିକ୍ଷା ସଦନର ଏକ 'ଅଭ୍ୟର୍ଥନା ଗୃହ' ଉଦଘାଟନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ବିଧାୟକ ବାବୁ ସିଂ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓୟୁଏଟିର କୁଳପତି ଡ. ପ୍ରଭାତ କୁମାର ରାଉଳଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ କୃଷକ ଏବଂ ଓୟୁଏଟିର ୨୦୦ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ୩୦ଟି ଜିଲ୍ଲା ପାଇଁ ଲାଇଭଷ୍ଟ୍ରିମିଂ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ଧନ୍ୟବାଦ ଦେଇଥିଲେ।

### କଟକ ରେଳଷ୍ଟେସନ...

ଭିତ୍ତିରେ ରେଳ ଟ୍ରାକ ଉପରୁ ପଡିଥିବା ଭଗ୍ନାଂଶକୁ କଢାଯାଇଥିଲା। ରାତି ୭ଟା୨୦ରେ ଟ୍ରାକରୁ ପ୍ଲାଟଫର୍ମ ସେଡ୍ ଭଗ୍ନାଂଶ ହଟାଯିବା ପରେ ରେଳ ଚଳାଚଳ ଉକ୍ତ ଟ୍ରାକରେ ସ୍ୱାଭାବିକ ହୋଇଥିଲା। ଏକ ଓ ଦୁଇ ନମ୍ବର ରେଳ ଟ୍ରାକରେ ଆସିବାକୁ ଥିବା ଟ୍ରେନ ଗୁଡିକର ଗତିପଥ ଅବଶିଷ୍ଟ ୬ଗୋଟି ଟ୍ରାକକୁ ପରିବର୍ତ୍ତନ କରାଯାଇଥିଲା। ପ୍ରଶ୍ନ ଉଠିଛି ଯେ ଏହି ଅଘଟଣର ୨୦ମିନିଟ ପୂର୍ବରୁ ଏକ ନମ୍ବର ରେଳ ଟ୍ରାକରେ ପୁରୀ-ହାୱଡା ବନ୍ଦେ ଭାରତ ଏକ୍ସପ୍ରେସ ଯାତ୍ରୀବାହୀ ଟ୍ରେନ ଯାଇଥିଲା। ଟ୍ରେନ ଯାତାୟତ ସମୟରେ ଯଦି ଏହି ଅଘଟଣ ଘଟିଥାନ୍ତା ତାହେଲେ ଧନଜୀବନ ହାନିର ଆଶଙ୍କା ରହିଥିଲା। ରେଳଷ୍ଟେସନ ନବିକରଣ କାର୍ଯ୍ୟ ଯେଉଁ ଠିକା ସଂସ୍ଥା କରୁଥିଲା ତାହା ନିରାପତ୍ତା ବ୍ୟବସ୍ଥା ପ୍ରତି ଧ୍ୟାନ ଦେଇନଥିବା ଅଭିଯୋଗ ଉଠିଛି।

ଏ ସମ୍ପର୍କରେ ରେଳବାଇ ଅତିରିକ୍ତ ଡିଆରଏମ ପ୍ରଦୀପ କୁମାର ବେହେରା କହିଛନ୍ତି ଯେ କାର୍ଯ୍ୟ ଚାଲୁଥିବା କାରଣରୁ ୨ନମ୍ବର ରେଳ ଧାରଣାରେ ରେଳ ଚଳାଚଳକୁ ବନ୍ଦ କରାଯାଇଥିଲା। ସେହିଭଳି ସମ୍ପୂର୍ଣ୍ଣ ଅଞ୍ଚଳ ଆଗୁଆ ବ୍ୟାରିକେଡିଂ ହୋଇଥିଲା। ଏଣୁ ଛାତ ଭଙ୍ଗାଯିବା ସମୟରେ ସେଠାରେ କେହି ନଥିଲେ ବୋଲି ରେଳବାଇ କର୍ତ୍ତୃପକ୍ଷ କହିଛନ୍ତି। ଏହି ଅଘଟଣ ପରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ମହାନଗର ନିଗମ ମେୟର ସୁବାସ ସିଂହ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ରେଳଷ୍ଟେସନ ଉପରେ ଦୈନନ୍ଦିନ ହଜାର ହଜାର ଯାତ୍ରୀ ନିର୍ଭର କରୁଥିବା ବେଳେ ଖାମଖିଆଲ ଢଙ୍ଗରେ ନବିକରଣ କାର୍ଯ୍ୟ କରାଯାଉଥିବା ତଥା ଠିକା ସଂସ୍ଥା ଉପରେ ରେଳବାଇ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣ ରହୁନଥିବା ସେମାନେ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।


**ନୂଆଖାଇ ଜୁହାର**

ବଲାଙ୍ଗିର ସଦାଇପାଲି, ପଲ୍ଲିଶ୍ରୀ ବିହାର ଠାରେ ପ୍ରତିଷ୍ଠିତ ଇଣ୍ଡିଏନ ନର୍ସିଂ କାଉନସିଲ(ଆଇ.ଏନ୍.ସି)ମଞ୍ଜୁରୀ ପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ(ସାଇଟ) ଏମ.ଏସ୍.ସି. ନର୍ସିଂ, ବି.ଏସ୍.ସି. ନର୍ସିଂ, ଜି.ଏନ୍.ଏମ୍. ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ, ସୁଶ୍ରୀ ଡି.ଏମ୍.ଏଲ୍.ଟି ଓ ଡି.ଏମ୍.ଆର୍.ଟି ପରିବାର ତରଫରୁ ସମସ୍ତଙ୍କୁ ନୁଆଖାଇ ଜୁହାର।

ଡ. ନାରାୟଣ ପ୍ରସାଦ ମିଶ୍ର, ସଂପାଦକ

# ବିଘ୍ନରାଜ ଗଣେଶଙ୍କ ପୂଜାର୍ଚ୍ଚନାରେ ସହର-ପୁରପଲ୍ଲୀ ଉତ୍ସବ ମୁଖର




ଶ୍ରୀ ଗଣେଶ କ୍ଲବ


ଡିଏଫ୍ଓ ଅଫିସ


ମା' ଯୁବକ ସଂଘ


ପଦ୍ମପୁର


ପ୍ରାଇଭେଟ୍ ବସଷ୍ଟାଣ୍ଡ


ସୁପରଷ୍ଟାର କ୍ଲବ


ପିପୁଲ୍ସ କ୍ଲବ


ଚମ୍ପୁଆ


ଆନନ୍ଦପୁର


ଶିଶୁ ମନ୍ଦିର


ନାରଦପୁର


ଆନନ୍ଦପୁର


ହାଟଡିହି


ପୁରୁଣା ବାନ୍ଧଗୋଡ଼ା

କେନ୍ଦୁଝର,୨୭।୮ (ସମିସ): କେନ୍ଦୁଝର ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସମେତ ସମସ୍ତ ଶିକ୍ଷାନୁଷ୍ଠାନଗୁଡିକରେ ଗଣେଶ ପୂଜା ପାଳନ କରାଯାଉଛି। ଅଗ୍ରପୂଜ୍ୟ ବିଘ୍ନବିନାଶକ ବିନାୟକ ଶ୍ରୀଗଣେଶଙ୍କ ପୂଜା ବୁଧବାର କେନ୍ଦୁଝର ସଦର ମହକୁମା ସମେତ ଜିଲାର ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ, ପୂଜା କମିଟି, ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସଂଘ ଏବଂ କ୍ଲବରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ଶାସ୍ତ୍ର ଓ ବିଧିମତେ ପାଳିତ ହୋଇଛି। କେନ୍ଦୁଝର ସଦର ମହକୁମାର କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ମନ୍ଦିର, ବଣିଆପାଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ, କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଡେଲି ମାର୍କେଟଠାରେ ଗଣେଶପୂଜା କମିଟି, ପ୍ରାଇଭେଟ୍ ବସଷ୍ଟାଣ୍ଡରେ ଥିବା ରେକ୍ସ କ୍ଲବ ପୂଜା କମିଟି, କାଶିପୁର ଲକ୍ଷ୍ମୀପଡିଆ ଗଣେଶ ପୂଜା କମିଟି, ମଣ୍ଡୁଆ ଗଣେଶ ପୂଜା କମିଟି, ବଣିଆପାଟ ୟୁଥ କ୍ଲବ ଗଣେଶ ପୂଜା କମିଟି, କଲେଜ ରୋଡ ଗଣେଶ ପୂଜା କମିଟି, ଗଣପତି କ୍ଲବ ବଡହଲ, ଗୌରଡୋଟା ଗଣେଶ ପୂଜା କମିଟି, ସାମନ୍ତରାୟପୁର ଗଣେଶ ପୂଜା କମିଟି, ଫରେଷ୍ଟ କଲୋନୀ ଗଣେଶ ପୂଜା କମିଟି, ଯୁବ କଂଗ୍ରେସ କାର୍ଯ୍ୟାଳୟ, ଧରଣୀଧର ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ, ସରକାରୀ ମହିଳା ମହାବିଦ୍ୟାଳୟ, କେନ୍ଦୁଝର ଜୁନିୟର କମର୍ସ କଲେଜ, ସିଟିଜି ଫାଉଣ୍ଡେସନ, ବୀରବରପୁର କଂସାରୀସାହି, କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, କେନ୍ଦୁଝର ଇଞ୍ଜିନିୟରିଂ କଲେଜ ଡିମ୍ପୋ, ଡିଏନ୍ ହାଇସ୍କୁଲ, କେନ୍ଦୁଝର ଜିଲ୍ଲା ବାର ଆସୋସିଏସନ, ନରଣପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ସାଇ ପ୍ରେରଣା କୋଚିଂ ସେଣ୍ଟର, ପାୱାର ହାଉସ୍ ପୋଖରୀ ନିକଟରେ ଗଣେଶ ପୂଜା କମିଟି, ମାଇନିଂ ରୋଡଠାରେ ପିପୁଲ୍ସ କ୍ଲବ ଓ ଅନ୍ୟାନ୍ୟ ଅନୁଷ୍ଠାନରେ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ସେହିପରି ସହରର ମାଧପୁର କାଳୀ ମନ୍ଦିର ନିକଟରେ ମା' କ୍ଲବ ପକ୍ଷରୁ ଗଣେଶ ପୂଜାର ଆୟୋଜନ କରାଯାଇଥିବାବେଳେ ସୁଦୃଶ୍ୟ ମେଢ ଓ ତୋରଣ ଭକ୍ତମାନଙ୍କୁ ଆକର୍ଷିତ କରିଛି। ସହରର ବିଭିନ୍ନ ମେଢକୁ ଭକ୍ତମାନେ ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଗଣେଶଙ୍କୁ ଦର୍ଶନ କରିଥିବାବେଳେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ବିଶେଷ କରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜାକୁ ନେଇ ପାର୍ବଣର ମାହୋଲ ସୃଷ୍ଟି କରିଛି। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ବିଘ୍ନରାଜ ଗଣେଶଙ୍କୁ ପୂଜାର୍ଚ୍ଚନା କରି ବିଦ୍ୟାଦାନ କରିବାକୁ ପ୍ରାର୍ଥନା କରିଛନ୍ତି। ଗଣେଶ ପୂଜାରେ ବହୁ ଶିଶୁମାନଙ୍କର ଖଡି ଛୁଆଁ କାର୍ଯ୍ୟକ୍ରମ କରାଯାଇ ବିଦ୍ୟାରମ୍ଭ କରାଯାଇଥିଲା। ସନ୍ଧ୍ୟା ସମୟରେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ମଧ୍ୟରେ ଭିଡ଼ ଦେଖିବାକୁ ମିଳିଥିଲା।

ମା' କ୍ଲବ ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ସଦର ବ୍ଲକ ନୂଆଗାଁ ପଞ୍ଚାୟତ ହାତୀକୁଚା ପୁରୁଣାସାହି ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସଂକଳ୍ପରେ ଦଶରଥ ଗିରି ବସିଥିଲେ। ପୂଜକ ଚିତ୍ତରଞ୍ଜନ ମିଶ୍ର ପୂଜାର୍ଚ୍ଚନା କରିଥିଲେ। କ୍ଲବର ଅଭିଷେକ ଗିରି, ଚିନ୍ମୟ ନାଏକ, ରାଜେଶ ଭଞ୍ଜ, ଶକ୍ତିମାନ ଦେହୁରୀ, ରାଜ୍ ମୁଖୀ, କିଶୋର ମୁଖୀ, କନ୍ଦର୍ପ ନାଏକ, ସୁଶାନ୍ତ ଦେହୁରୀ, ହରିଶ୍ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଗଣେଶ ପୂଜା କମିଟି ପକ୍ଷରୁ ଅଗ୍ରପୂଜ୍ୟଙ୍କ ପୂଜା ଅନୁଷ୍ଠିତ ହୋଇଛି। ଅରଡେଇ ନଦୀରୁ ଜଳଭର୍ତ୍ତି କଳସ ଅଣାଯାଇଥିଲା। ପ୍ରବାଶିଷ ସାହୁ ସଂକଳ୍ପରେ ବସିଥିଲେ। ପୂଜକ ପ୍ରମୋଦ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ପୁଷ୍ପାଞ୍ଜଳି ଦିଆଯିବା ପରେ ସର୍ବସାଧାରଣଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଗୁରୁବାର 'ଆଖି ଅବୁଝାକୁ ଲୁହ ଅବୁଝା' ଗାଁ କଳାକାରଙ୍କୁ ଏକ ନାଟକ ପରିବେଷଣ ହେବ। ପଦ୍ମପୁର ଗଣେଶ ପୂଜା କମିଟି ସଭାପତି ବଦ୍ରିକାନାଥ ନାଏକ, ସମ୍ପାଦକ ହିମାଂଶୁ ଶେଖର ସାହୁ, ସଦସ୍ୟ ଦେବାଶିଷ ସାହୁ, ଦୀପକ କୁମାର ସାହୁ, ଦୟାନିଧି ସାହୁ, ରଙ୍କିଆ ଦେହୁରୀ, ସନତ ଦେହୁରୀ, ଚିନ୍ମୟ ସାହୁ, ସତ୍ୟବ୍ରତ ସାହୁ, ଆଶିଷ ସାହୁ, ପ୍ରକାଶ ସାହୁ, ସିନୁ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି।

ସେହିଭଳି କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତ କାଦଗଡ ସୁପର୍ ଷ୍ଟାର କ୍ଲବ ଗଣେଶ ପୂଜା କମିଟି ପକ୍ଷରୁ ପୂଜା ପାଳିତ ହୋଇଛି। ମାନସ କୁମାର ଦେହୁରୀ ସଂକଳ୍ପରେ ବସିଥିଲେ। ପୂଜକ ଲଳିତ କୁମାର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ସମସ୍ତ ଶ୍ରଦ୍ଧାଳୁ ପୁଷ୍ପାଞ୍ଜଳି ଦେଇଥିଲେ। ପରେ ସର୍ବସାଧାରଣଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। କାଦଗଡ ଗଣେସ ପୂଜା କମିଟି ସଭାପତି ହେମାନନ୍ଦ ଦେହୁରୀ, ସମ୍ପାଦକ ସଷ୍ଟାଂଗ ବିହାରୀ ଦେହୁରୀ ସଦସ୍ୟ ଗୋପବନ୍ଧୁ ଦେହୁରୀ, ରଜନୀକାନ୍ତ ଦେହୁରୀ, ଶିବସୁନ୍ଦର ଦେହୁରୀ, ସୁବାସ ଦେହୁରୀ, ମୋହିତ ମୋହନ ଦେହୁରୀ, କୁମୁଦ ନ୍ଦ୍ର ଦେହୁରୀ, ବାଞ୍ଛାନିଧି ବେହେରା, ରୁଦ୍ରନାରାୟଣ ଅମାନ୍ତ, କେଦାର ଦେହୁରୀ, ମୁକେଶ ଦେହୁରୀ, ଦେବାଶିଷ ଦେହୁରୀ ଏବଂ ସମସ୍ତ କମିଟିସଭ୍ୟ ସହଯୋଗ କରୁଛନ୍ତି।

**ଆନନ୍ଦପୁର:** ଗଣେଶ ପୂଜାପାଇଁ ଆନନ୍ଦପୁର ଉପଖଣ୍ଡ ଉତ୍ସବମୁଖର ହୋଇଉଠିଛି। ଆନନ୍ଦପୁରରେ ୫୦ରୁ ଅଧିକ ମଣ୍ଡପରେ ଶ୍ରୀଗଜାନନଙ୍କ ପୂଜା ଭାବଭକ୍ତିରେ ଆରମ୍ଭ ହୋଇଛି। କଲେଜ ଛକରେ ଫ୍ରେଣ୍ଡସ୍ କ୍ଲବ୍, ବଡଦାଣ୍ଡରେ ଚିଲଡ୍ରେନ୍ କ୍ଲବ, ରଥ ଖଳାରେ ଜଗନ୍ନାଥ କ୍ଲବ୍, ବଡବଜାରରେ ତ୍ରିଶକ୍ତି କ୍ଲବ, ସୁଡୁସୁଡ଼ିଆ ବାଇପାସରେ ଶ୍ରୀ ଗଣେଶ ପୂଜା କମିଟି ପକ୍ଷରୁ ପୂଜା ଆନନ୍ଦ ଉଲ୍ଲାସରେ ଆରମ୍ଭ ହୋଇଛି। ଘସିପୁରା ସାର୍ବଜନୀନ ଗଣେଶ ପୂଜା କମିଟି ପକ୍ଷରୁ ଥାନାଛକରେ ଗଣପତିଙ୍କ ବୃହତ ମୂର୍ତ୍ତିରେ ପୂଜା ଆରମ୍ଭ ହୋଇଛି। ଏଠାରେ ୫ ଦିନ ଧରି ଗଣେଶ ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯିବ। ୨୮ ତାରିଖରେ କଟକର ସାଇସଙ୍ଗମ ପକ୍ଷରୁ ମେଲୋଡି, ୨୯ରେ ଭୁବନେଶ୍ୱରର ସାଇନିଂ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିଣ କରାଯିବା ସହିତ ନାମ ସଂକୀର୍ତ୍ତନ, ଘଣ୍ଟ ଓ ପଞ୍ଜାବୀ ଢୋଲ ସହ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସଭାପତି ପୌଲସ୍ତ୍ୟ ସାହୁ, ସଦସ୍ୟ ଆଶିଷ ବେହେରା, ଅମିୟ କୁମାର ମିଶ୍ର, ମଙ୍ଗଳ ନାୟକଙ୍କ ସମେତ ସଦସ୍ୟମାନେ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି। ବେଲବାହାଳିରେ ପ୍ରତିଯୋଗିତା ଭିତ୍ତିରେ ୧୫ଟି ସ୍ଥାନରେ ଗଣେଶ ପୂଜା ଆରମ୍ଭ ହେଉଛି। ପୂଜାରେ ଲୋକଙ୍କ ମନୋରଂଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ବିଭିନ୍ନ ପୂଜା କମିଟି ପକ୍ଷରୁ ସ୍ଥିର ହୋଇଛି। ଘସିପୁରା ଡ୍ରିମ୍ସ କ୍ଲବ୍ ପକ୍ଷରୁ ଗଣେଶ ପୂଜା ପାଳିତ ହେଉଛି। ଏଠାରେ ୧୮ ଫୁଟ ଉଚ୍ଚର ଗଣପତିଙ୍କ ମୂର୍ତ୍ତି ନିର୍ମାଣ କରାଯାଇଛି। ସେହିପରି ସୁନ୍ଦୁରେଇ କ୍ଲବ୍, ବାବା ଝାଡ଼େଶ୍ୱର ୟୁଥ୍ କ୍ଲବ୍, ରୟାଲ ଟାଇଗର କ୍ଲବ୍, ଆନନ୍ଦପୁରର ଜଗନ୍ନାଥ କ୍ଲବ୍, ପାଇସ୍ କ୍ଲବ୍, ଫ୍ରେଣ୍ଡସ କ୍ଲବ୍, ତ୍ରିଶକ୍ତି କ୍ଲବ୍, ମୁଡୁମୁଡ଼ିଆ ଗଣେଶ ପୂଜା କମିଟି ପକ୍ଷରୁ ମଧ୍ୟ ପୂଜା ଅନୁଷ୍ଠିତ ହେଉଛି। ଆନନ୍ଦପୁର ପୌରାଞ୍ଚଳ ପଦ୍ମପୁରରେ ୧୩ଟି ମଣ୍ଡପରେ ଗଣପତିଙ୍କ ପୂଜା ଅନୁଷ୍ଠିତ ହେଉଛି। ପ୍ରିନ୍ସ ଷ୍ଟାର୍ କ୍ଲବ୍, ବ୍ଲୁଷ୍ଟାର୍ କ୍ଲବ, ୟୁଥ୍ ଲାୟନ କ୍ଲବ୍, ପାଟନର କ୍ଲବ୍. ରକ୍‌ଷ୍ଟାର୍ କ୍ଲବ୍, ରାଇଜିଂ ଷ୍ଟାର୍ କ୍ଲବ୍. ଥଣ୍ଡର ନାଇଟ୍ କ୍ଲବ, ବ୍ରଦର୍ସ କ୍ଲବ୍, ପାର୍କ କ୍ଲବ, ଡେଞ୍ଜର ଲାୟନ କ୍ଲବ୍, ସନ୍‌ଷ୍ଟାର କ୍ଲବ, ମହାଦେବ କ୍ଲବ୍, ବ୍ଲାକ୍ ୱାରିଅର୍ କ୍ଲବ୍ ପକ୍ଷରୁ ପୂଜା ପାଇଁ ଆକର୍ଷଣୀୟ ଆଲୋକ ସଜ୍ଜା ଦେଖିବାକୁ ମିଳିଛି। ସେପ୍‌ଟେମ୍ବର ୧୬ରୁ ୨୬ତାରିଖ ପର୍ଯ୍ୟନ୍ତ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏହାଛଡ଼ା ଆନନ୍ଦପୁର ବ୍ଲକ୍‌ର ବାରିଗାଁ, ଟୋଲଙ୍କପଡ଼ା, ଜଳସୁଆଁ, ଶାଳବଣି, ତରତରା, କୋଡ଼ପଡ଼ାରେ ମଧ୍ୟ ଗଣେଶ ପୂଜା ପାଇଁ ପ୍ରସ୍ତୁତି ସରିଛି।

**ଚମ୍ପୁଆ:** ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜନୋତ୍ସବ ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କପିଳେନ୍ଦ୍ର ସାମନ୍ତରା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପରିଚାଳନା ସମିତିର ଉପସଭାପତି ସୁରେଶଚନ୍ଦ୍ର ମହାନ୍ତ, ସମ୍ପାଦକ ଭୋଳାନାଥ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଆଚାର୍ଯ୍ୟ ଧରଣୀଧର ଦାସ, ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ଆଚାର୍ଯ୍ୟ-ଆଚାର୍ଯ୍ୟା ସେବକ-ସେବିକା ଓ ଛାତ୍ରଛାତ୍ରୀ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଅନ୍ୟ ଅନୁଷ୍ଠାନଗୁଡ଼ିକରେ ମଧ୍ୟ ଅଗ୍ରପୂଜ୍ୟଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ସେହିପରି ମହତାବ ଉଚ୍ଚ ବିଦ୍ୟାଳୟ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ, ଆକାଶ ଜ୍ୟୋତି ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଚନ୍ଦ୍ରଶେଖର ଯୁକ୍ତ ଦୁଇ ଇଂରାଜୀ ବିଦ୍ୟାଳୟ, ବାଳିକା ଯୁକ୍ତ ଦୁଇ ବିଦ୍ୟାଳୟ, ଚନ୍ଦ୍ରଶେଖର ମହାବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଗୋଧୂଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେରଳା ଇଂରାଜୀ ବିଦ୍ୟାଳୟ ସମେତ ବିଭିନ୍ନ ବେସରକାରୀ ଓ ଯୁବକ ସଂଘ ଦ୍ୱାରା ଭକ୍ତି ଓ ଶ୍ରଦ୍ଧାର ସହ ଏହି ପୂଜା ପାଳନ କରାଯାଇଛି।

**ନାରଦପୁର:** ଝୁମ୍ପୁରା ବ୍ଲକ ନାରଦପୁର ଉଚ୍ଚବିଦ୍ୟାଳୟରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପକୁ ଆକର୍ଷଣୀୟ ଢଙ୍ଗରେ ସାଜସଜ୍ଜା କରିଥିଲେ। ପୂର୍ବାହ୍ନ ୧୧ରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ କଳାକର ମହାନ୍ତଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ସୁମନ୍ତ କୁମାର ମହାନ୍ତ, ଦେବେନ୍ଦ୍ର କୁମାର ମଲ୍ଲିକ, କମଳେଶ୍ଚୁ ଦାସ, ଶିକ୍ଷୟିତ୍ରୀ ପୁଷ୍ପମଞ୍ଜରୀ ମହାନ୍ତ, ଛାତ୍ରୀ ଲଭଲି ମହାନ୍ତ, ବର୍ଷା ପ୍ରିୟଦର୍ଶିନୀ ମହାନ୍ତ, ପ୍ରଜ୍ଞାପରମିତା ମହାନ୍ତଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

**ହାଟଡ଼ିହୀ:** ହାଟଡ଼ିହୀ ବ୍ଲକର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କ ପୂଜାର୍ଚ୍ଚନା ଖୁବ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିବା ବେଳେ ଅଁରା ଏବଂ ଓରାଳୀଠାରେ ଭିନ୍ନ ଏବଂ ନିଆରା ଢ଼ଙ୍ଗରେ ଅନୁଷ୍ଠିତ ହୋଇଛି। ପୃଥକ ସ୍ଥାନରେ ଗ୍ରାମର ଯୁବଗୋଷ୍ଠୀଙ୍କ ଆପ୍ରାଣ ଉଦ୍ୟମରେ ପ୍ରଭୁ ଗଜାନନଙ୍କ ପୂଜାର ପ୍ରତ୍ୟେକଟି କାର୍ଯ୍ୟ ସରଶ ସୁନ୍ଦର ଭାବେ ହୋଇଛି। ଓରାଳି ଏବଂ ଅଁରା ଗ୍ରାମର ଯୁବଗୋଷ୍ଠୀଙ୍କ ଅନୁରୋଧକ୍ରମେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପହଞ୍ଚି ଶ୍ରୀଗଜାନନଙ୍କୁ ଦର୍ଶନ କରି ଆଶୀର୍ବାଦ ନେବା ସହ ପୂଜାକାର୍ଯ୍ୟ ଏବଂ ତାର ସାଜସଜ୍ଜାକୁ ନେଇ ଖୁବ ପ୍ରଶଂସା କରିଥିଲେ। ଚଣ୍ଡିଆବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ଗଣେଶ ପୂଜାଟି ବିଦ୍ୟାଳୟର ସଭାପତି ତଥା ଅଧ୍ୟକ୍ଷ ଉଦୟନାଥ କରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ସ୍କୁଲ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ।

**ରାମଚନ୍ଦ୍ରପୁର:** ପୁରୁଣାବାନ୍ଧଗୋଡା ଧୀର ଆଣ୍ଡ ଦାସ ଫାମିଲି ପକ୍ଷରୁ ଧୀର ସାହି ମଣ୍ଡପରେ ଷଷ୍ଠ ବାର୍ଷିକ ଗଣେଷ ପୁଜା ଧୂମଧାମ୍‌ରେ ଅନୁଷ୍ଠିତ ହୋଇଛି। ପୁରୋହିତ ସାଇପ୍ରକାଶ ଦାସ ବୈଦିକ ରୀତି ନୀତି ଅନୁସାରେ ଗ୍ରାମ ପୁଷ୍କରିଣୀରୁ କଳସ ପୁଜନ ପରେ ଗଣପତିଙ୍କୁ ଆବାହନ ପୂର୍ବକ ପୂଜାକାର୍ଯ୍ୟ ସମ୍ପାଦନ କରିଛନ୍ତି। ଦୁଇ ସାହିର ଲୋକେ ଏକାଠି ବସି ପ୍ରସାଦ ସେବନ କରିଥିଲେ। ଆସନ୍ତାକାଲି ଗଣପତିଙ୍କ ଭସାଣ ଉତ୍ସବ ପାଳନ ପରେ ଗଣପତିଙ୍କ ଲଡୁ ଦୁଇ ସାହିର ସମସ୍ତ ପରିବାର ମଧ୍ୟରେ ବଣ୍ଟାଯିବ। ଶ୍ରଦ୍ଧାଳୁ ପ୍ରଳୟ ଧୀର ମୁଖ୍ୟକର୍ତ୍ତା ଥିବା ଥିବା ବେଳେ ନାରାୟଣ ଧୀର, ସନ୍ତୋଷ ଧୀର, ସୁଜିତ ଧୀର, ସୌମେନ୍ଦ୍ର ଧୀର, ଅଜିତ ଧୀର, ନିହାର ଧୀର, ସ୍ୱାଗତ ଧୀର, ବିଶ୍ୱଜିତ ଧୀର, ଶିବଶଙ୍କର ଦାସ, ସଂଗ୍ରାମ ଧୀର, ଅମରେଶ ଧୀର, ଜ୍ୟୋତିରଂଜନ ଧୀର, ଶୁଭ୍ରଜ୍ୟୋତି ଧୀର, ବଣ୍ଟି ଧୀର, ମନିଷ ଧୀର, ମଣ୍ଟି ଧୀର, ଜିତୁନ ଧୀର, ଆୟୁଷ ଧୀର, ପ୍ରତିକ ଧୀର ଏବଂ ସାହିବାସୀ ସାମିଲ ହୋଇଥିଲେ।


ତୁରୁମୁଙ୍ଗା

**ତୁରୁମୁଙ୍ଗା:** ପାଟଣାରେ ଗଜାନନ ୟୁଥ କ୍ଲବ୍ ସହଯୋଗରେ ପାଟଣା ରାବଣ ଗ୍ରୁପ, ଡି ଭାଇରସ ଗ୍ରୁପ, ଓଁ ସାଇରାମ ଗ୍ରୁପ, ସାଧୁପଡା ଶ୍ରୀଗଣେଶ କ୍ଲବ, ସ୍ୱାମ ଶାସନ, ଗୁଲୁଦିପଶିର ଜଗନ୍ନାଥ କ୍ଲବ୍ ଓ ସ୍କାଇ ଲାଇବ କ୍ଲବ ପକ୍ଷରୁ ଧୁମଧାମରେ ପୂଜା ଚାଲିଛି। ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ, ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍‌ଚମାଧ୍ୟମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ହାପି କ୍ଲବ, ଫ୍ରେଣ୍ଡସିପ୍ କ୍ଲବ, କେନ୍ଦେଇପଶି ଆଦର୍ଶ ବିଦ୍ୟାଳୟ, ପାଟଣା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଗୋପୀନାଥ ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟ, ପାଟଣା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏବଂ କୋଚିଂ ସେଣ୍ଟରଗୁଡିକରେ ଗଣେଶ ପୂଜା ପାଳନ କରାଯାଇଛି।

## ଝୁଲନ୍ତା ମୃତଦେହ ଉଦ୍ଧାର

କୁଆଁମରା, ୨୭।୮ (ସମିସ): ଗୁରୁବାର ଘରୁ ପଳାଇ ଯାଇ ୬ ଦିନ ଧରି ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଆଜି ପରିବାର ପକ୍ଷରୁ ନିଜ ବାଡିରୁ ଠାବ କରାଯାଇଛି। ମୃତକ ହେଉଛନ୍ତି ଖୁଣ୍ଟା ଥାନା ଅନ୍ତର୍ଗତ ନବକିଶୋର ପୁର ଗ୍ରାମର ଶାଙ୍ଖ ହାଁସଦା (୪୮)। ଶାଙ୍ଖ ଗତ ଗୁରୁବାର ଅପରାହ୍ନରେ ଘରୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇ ପଡ଼ିଥିବା ବେଳେ ଆଜି ଅପରାହ୍ନରେ ନିଜ ଘର ବାଡିରେ ଥିବା ଏକ ଗଛରେ ବେକରେ ରଶି ଲଗାଇ ଝୁଲୁ ଥିବାର ଦେଖି ଥାନାକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ଶବକୁ ଜବତ କରି ତଦନ୍ତ କରୁଛି।

## ଦେଶୀ ମଦଭାଟି ଉପରେ ଚଢ଼ଉ

କୁଆଁମରା, ୨୭।୮ (ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ମହ୍ଲାରପଦା ଗ୍ରାମର ଏକ ନିଛାଟିଆ ସ୍ଥାନରେ ବେଆଇନ ଦେଶୀ ମଦ ପ୍ରସ୍ତୁତ ହେଉଥିବା ଅଭିଯୋଗ ପାଇ ଉଦଳା ଓ ଖୁଣ୍ଟା ଅବକାରୀ ବିଭାଗ ଓ ପୁଲିସ ଚଢଉ କରିଥିଲା। ହେଲେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ପରେ ସେଠାରୁ ୧୯୫ ଲିଟର ଦେଶୀ ମଦ ଓ ୨୩୫୦ କେଜି ମହୁଲ ପୋଚକୁ ଜବତ କରାଯାଇ ନଷ୍ଟ କରିଛି ଅବକାରୀ ବିଭାଗ। ଉଦଳା ଅବକାରୀ ବିଭାଗ ଓଆଇସି ସୂର୍ଯ୍ୟକାନ୍ତି ମଲ୍ଲିକ, ଏଏସ୍ଆଇ ରବୀନ୍ଦ୍ର ରେ‡, ଖୁଣ୍ଟା ଅବକାରୀ ଥାନା ଅଧିକାରୀ ମମତା ଦାସ, କର୍ମଚାରୀ କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ।

## ଯୌତୁକ ନିର୍ଯାତନା ଅଭିଯୋଗ

ବଡ଼ସାହି, ୨୭।୮ (ସମିସ): ବଡ଼ସାହି ଥାନା ଅଧୀନ ଭରତଚନ୍ଦ୍ରପୁର ଗ୍ରାମର ତନିଷା ବେହେରାଙ୍କୁ ତାଙ୍କ ସ୍ୱାମୀ ସୁଧାଂଶୁ ବେହେରା, ଶଶୁର ଶରତଚନ୍ଦ୍ର ବେହେରା ଓ ଶାଶୂ ବାସନ୍ତୀ ବେହେରା ବାପଘରୁ ଅଧିକ ୫୦ ହଜାର ଟଙ୍କା ଯୌତୁକ ଦାବି କରି ବିଭିନ୍ନ ନିର୍ଯାତନା ଦେଇ ଆସୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ତନିଷା ବାପା ଘରେ ଆଶ୍ରୟ ନେଉଥିଲେ। କୌଣସି ଆପୋଷ ସମାଧାନ ନ ହେବାରୁ ସେ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛି। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ପାଇଁ କଟିବ ୨ ହଜାରରୁ ଊର୍ଦ୍ଧ୍ୱ ଗଛ

# ପ୍ରଶାସନର ନିଷ୍ପତ୍ତିକୁ ଭଞ୍ଜସେନାର ବିରୋଧ



ବାରିପଦା, ୨୭।୮ (ସମିସ): ଗତ କିଛି ବର୍ଷ ହେଲା ବାରିପଦା ବିଶ୍ୱର ସବୁଠାରୁ ଉତ୍ତପ୍ତ ସହର ମଧ୍ୟରେ ସ୍ଥାନ ପାଉଛି। ଏହାସତ୍ତ୍ୱେ ବହୁ ସରକାରୀ ଜମି ଥାଇ ସହରରୁ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଗଛ କାଟି ନୂତନ ବସଷ୍ଟାଣ୍ଡ ନିର୍ମାଣ କରିବାର ପ୍ରସ୍ତାବକୁ ଭଞ୍ଜସେନା ତୀବ୍ର ବିରୋଧ କରିଛି। ବୁଧବାର ବାରିପଦା ସହର ଶାଖା ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ଏକ ନକଲ ବାରିପଦା ଡିଏଫଓ ଏବଂ ନଗରପାଳଙ୍କୁ ମଧ୍ୟ ଦିଆଯାଇଛି। ସୂଚନା ଅନୁସାରେ, ବାରିପଦା ସହରର ପାଲବଣି ନିକଟରେ ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ଚୟନ କରାଯାଇଛି। ତେବେ ଉକ୍ତ ସ୍ଥାନରେ ଥିବା ୨ ହଜାର ଗଛ କଟାଯିବ ବୋଲି ସରକାରୀ ଅନୁମତି ଲୋଡାଯାଇଛି। ବାସ୍ତବରେ ସେହି ସ୍ଥାନରେ ବସଷ୍ଟାଣ୍ଡ ହେଲେ ୩ ହଜାରରୁ ଊର୍ଦ୍ଧ୍ୱ ଗଛ କଟିବ; ଯାହାକି ଆଗାମୀ ଦିନ ପାଇଁ ଭୟଙ୍କର ରୂପ ନେବାକୁ ଯାଉଛି।

ରାଜ୍ୟ ସରକାର ଚାରାରୋପଣକୁ ଗୁରୁତ୍ୱ ଦେଉଥିବାବେଳେ ବସଷ୍ଟାଣ୍ଡ ପାଇଁ ଗଛକଟା ଆଶ୍ଚର୍ଯ୍ୟ ଜନକ ବୋଲି ସଂଗଠନ ଦର୍ଶାଯ୍ୟାଇଛି। ଚୟନ ହୋଇଥିବା ସ୍ଥାନରୁ ମାତ୍ର ୩୦୦ ମିଟର ଦୂରରେ ୧୨ ଏକର ସରକାରୀ ଜମି ରହିଛି। ସେହିପରି ଲେଡି ହାମିଲଟନ ଗାର୍ଲସ ହାଇସ୍କୁଲ ପଛପଟେ ପ୍ରାୟ ୭ ଏକର ଜମି ମଧ୍ୟ ଅଛି; କିନ୍ତୁ ଉକ୍ତ ଜମିରେ କୌଣସି ଜବରଦଖଲ ନଥିବା ବେଳେ ଗଛ ମଧ୍ୟ କମ୍ କଟିବ; କିନ୍ତୁ ପ୍ରଶାସନ ସେଭଳି ଜାଗାରେ ବସଷ୍ଟାଣ୍ଡ ନ କରି ୨ ହଜାରରୁ ଊର୍ଦ୍ଧ୍ୱ ଗଛକାଟି ନୂତନ ବସଷ୍ଟାଣ୍ଡ ତିଆରି ପାଇଁ ଯୋଜନା ଚାଲିଛି ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପ୍ରକାଶ କରିଛନ୍ତି। ତୁରନ୍ତ ଏଭଳି ଜନବିରୋଧୀ କାର୍ଯ୍ୟ ବନ୍ଦ କରିବା ପାଇଁ ସାମାଜିକ ଗଣମାଧ୍ୟମ 'ଏକ୍ସ' (ଟ୍ୱିଟ) ଯୋଗେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ବାରିପଦା ସହର ସଭାପତି ରାକେଶ ମହାନ୍ତି, ରାକେଶ ଆଚାର୍ଯ୍ୟ, ଦୀପକ କୁମାର ବେହେରା, ଆକାଶ ବାରିକ, ଚୈତନ୍ୟ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏଭଳି ଜନବିରୋଧୀ କାର୍ଯ୍ୟକୁ ସରକାର ଯଦି ବନ୍ଦ ନ କରନ୍ତି ତେବେ ବାଧ ହୋଇ ଭଞ୍ଜସେନ ଜିଲ୍ଲାପାଳ ଏବଂ ଡିଏଫଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

## ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ

ରାସଗୋବିନ୍ଦପୁର, ୨୭।୮ (ସମିସ): ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଓ ପ୍ରଶମନ କର୍ତ୍ତୃପକ୍ଷ ଓ ମୟୂରଭଞ୍ଜ ଜିଲ୍ଲା ବିପର୍ଯ୍ୟୟ ପ୍ରସ୍ତୁତି ଓ ପ୍ରଶମନ କର୍ତ୍ତୃପକ୍ଷ ଆନୁକୂଲ୍ୟରେ ସହୀଦ ମେମୋରିଆଲ +୨ ମହାବିଦ୍ୟାଳୟର ୟୁଥ ରେଡକ୍ରସ ବିଭାଗ ସହଯୋଗରେ ଏକ ବିଜୁଳି ଓ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ଭୋଇଙ୍କ ପୌରୋହିତ୍ୟରେ ଏକ ସଚେତନତା ସଭା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ୟୁଥ ରେଡକ୍ରସ କାଉନସେଲର ଗିରିଜା ଶଙ୍କର ମହାପାତ୍ର ଓ ରତ୍ନପର୍ଣ୍ଣା ନାୟକ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀଙ୍କୁ ବଜ୍ରପାତ ସମୟରେ କ'ଣ କରିବା ଓ କ'ଣ ନ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ବଜ୍ରପାତ ସମୟରେ କିପରି ଢଙ୍ଗରେ ଭୂମିରେ ସଂକୁଚିତ ହୋଇ ବସିପଡ଼ି ନିଜକୁ ସୁରକ୍ଷିତ ରଖାଯାଇପାରିବ ଓ ବଜ୍ରପାତରେ ଆଘାତପ୍ରାପ୍ତ ହେଲେ କିପରି ସେହି ବ୍ୟକ୍ତିଙ୍କୁ ଫାଷ୍ଟଏଡ଼ ସହାୟତା ମାଧ୍ୟମରେ ଜୀବନ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ବିଭିନ୍ନ କୌଶଳ ଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ବ୍ରହ୍ମାନନ୍ଦ ଓ ରୀତା ସମସ୍ତଙ୍କୁ ରକ୍ଷା କୌଶଳ ଅଭ୍ୟାସ କରାଇଥିଲେ। ଅତିଥି ଭାବେ ପ୍ରଶାସନିକ ଅଧିକାରୀ ବିଶ୍ୱରଞ୍ଜନ ନନ୍ଦ, ଅଧ୍ୟାପିକା ରୀନା ନନ୍ଦ, ପରେଶ ଚନ୍ଦ୍ର ମହାପାତ୍ର, ଦେବୀଦତ୍ତକ୍ଷ ବେହେରା, ନିର୍ମାଲ୍ୟ ଗୋବିନ୍ଦ ଦାସ, ବିକାଶ ଲାକ୍ରା ଆଦି ଯୋଗଦେଇଥିଲେ।

## ପୌର ପରିଷଦ ପକ୍ଷରୁ ମେଗା ଚାରାରୋପଣ ଓ ସଫେଇ ଅଭିଯାନ



ବାରିପଦା, ୨୭।୮ (ସମିସ): ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ପାଳନ ଅବସରରେ ବାରିପଦା ପୌରପାଳିକା ପକ୍ଷରୁ ମେଗା ଚାରା ରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ରଘୁନାଥପୁର ସ୍ଥିତ ସ୍ମାର୍ଟ ଶ୍ମଶାନ ଓ ଏଫଏସଟିପି ପ୍ଲାଣ୍ଟ ପରିସରରେ ଏକ ପେଡ ମା' କେ ନାମ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଚାରାରୋପଣ କରାଯାଇଛି। ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଗଛ ମାଟି ମାଆ ପ୍ରତି ଆମର ପ୍ରେମ ଏବଂ ନିବିଡ଼ତାର ପ୍ରତୀକ ଅଟେ। ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ମୂଳ ଉଦ୍ଦେଶ୍ୟ ରହିଛି ବୋଲି ନଗରପାଳ ଶ୍ରୀ ମହାନ୍ତି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପ ନଗରପାଳ ସୀମା ଦାସ, ବାରିପଦା ତହସିଲଦାର ତଥା ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, କାଉନସିଲର ସୁକେସିନୀ ସେଠି, ଅନୁରାଧା ମହାନ୍ତି, ପୂଜା ତରେଇ, ପ୍ରଭାତୀ ପୃଷ୍ଟି, କରୁଣାକର ହେମ୍ବ୍ରମ, ଦିଗବିଜୟ ହାଁସଦା, ଭାଗ୍ୟଲକ୍ଷ୍ମୀ ନାଏକ, ଜିତା ସିଂ, ଗୋଷ୍ଠୀ ସହାୟିକା କୁନିଆ ସାହୁ, ସହକାରୀ ଯନ୍ତ୍ରୀ ଦେବାଶିଷ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ବୁଦ୍ଧିରାମ ସିଂ, ରଘୁନାଥପୁର ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟଗଣ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ। ଏହି ଅବସରରେ କଚେରୀ ପରିସରରେ ମଧ୍ୟ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ବାରିପଦା ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ବାରିପଦା ଓକିଲ ସଂଘ ସଭାପତି ପ୍ରବୀର କୁମାର ବସା, ସମ୍ପାଦକ ବିପ୍ଳବ ବାରିକ, କାଉନସିଲର ସୁକେସିନୀ ସେଠି, ଅନୁରାଧା ମହାନ୍ତି, ପୂଜା ତରେଇ, ପ୍ରଭାତୀ ପୃଷ୍ଟି, କରୁଣାକର ହେମ୍ବ୍ରମ, ଦିଗବିଜୟ ହାଁସଦା, ଭାଗ୍ୟଲକ୍ଷ୍ମୀ ନାଏକ, ଜିତା ସିଂ, ଅନନ୍ତ ଦାସ, ପ୍ରଭାତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିପଦକୁ ଆମନ୍ତ୍ରଣ କରୁଛି ଜରାଜୀର୍ଣ୍ଣ ବିଶ୍ରାମାଗାର

ଖୁଣ୍ଟିଂ, ୨୭।୮ (ସମିସ): ଶୁକୃଳି ବ୍ଲକ ଅନ୍ତର୍ଗତ ଅର୍ଜୁନବିଲ୍ଲା ପଞ୍ଚାୟତ ଆଦିପୁରର ଅନତି ଦୂରରେ ପୁଣ୍ୟତୋୟା ବୈତରଣୀ ଓ ଖଇରଭଣ୍ଡନ ନଦୀର ସଙ୍ଗମସ୍ଥଳୀ ଦୋମୁହାଣୀ ପୀଠ ବହୁବିଧ ଐତିହାସିକ ଓ ପୌରାଣିକ କୀର୍ତ୍ତି ବହନ କରିଆସୁଛି। ବ÷ତରଣୀ ନଦୀ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ବିଭାଜନର ସୀମାରେଖା ଟାଣି ପ୍ରବାହିତ ହେଉଥିଲେ ସୁଦ୍ଧା ବର୍ଷ ସାରା ସୀମାନ୍ତବର୍ତ୍ତୀ ଗ୍ରାମର ଅଧିବାସୀ ଡ଼ଙ୍ଗା ସାହାଯ୍ୟରେ ଯାତାୟାତ କରିଆସୁଥିଲେ। ଏଥିସହିତ ଅନେକ ସମୟରେ ଶ୍ରଦ୍ଧାଳୁ ମଧ୍ୟ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ଦର୍ଶନ ପାଇଁ ଏହି ପୀଠକୁ ଆଗମନ କରିଥାନ୍ତି। ତେବେ ଝଡ ବର୍ଷା ଅଥବା ପ୍ରଚଣ୍ଡ ଖରାରୁ ରକ୍ଷା ପାଇବା ପାଇଁ ସେଠାରେ କୌଣସି ଆଶ୍ରୟସ୍ଥଳ ନ ଥିବାରୁ ଆଜକୁ ପ୍ରାୟ ତିନି ଦଶନ୍ଧି ତଳେ ପଞ୍ଚାୟତ ତରଫରୁ ସେଠାରେ ଏକ ବିଶ୍ରାମାଗାର ନିର୍ମାଣ କରାଯାଇଥିଲା। ଫଳରେ ଦୀର୍ଘ ଦିନ ଧରି ବାଟୋଇଙ୍କ ଏହା ଏକମାତ୍ର ନିର୍ଭରଯୋଗ୍ୟ ଆଶ୍ରୟସ୍ଥଳ ଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପଞ୍ଚାୟତ ତଥା ପ୍ରଶାସନ ଏହାର ସୁରକ୍ଷା ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



## ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ରକ୍ତଦାନ ଶିବିର



ରାଇରଙ୍ଗପୁର, ୨୭।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଗଡ ଗାଁରେ ଥିବା ପ୍ରଜାପିତା ବ୍ରହ୍ମକୁମାରୀ ରାଇରଙ୍ଗପୁର ଶାଖା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଇରଙ୍ଗପୁର ଶାଖାର ସମସ୍ତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭାଇ ଭଉଣୀ ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିଥିଲେ। ଶିବିରରୁ ୨୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବାମନଘାଟି ଉପଖଣ୍ଡ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଶିବିରକୁ ଉଦଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ପୌରପରିଷଦ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ରାଇରଙ୍ଗପୁର, ୨୭।୮ (ସମିସ): ରାଇରଙ୍ଗପୁର ପୌରପରିଷଦ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ବିଭିନ୍ନ ୱାର୍ଡରେ ସ୍ୱଚ୍ଛତାର ବାର୍ତ୍ତା ପହଞ୍ଚାଇବା ପାଇଁ ପୌରପରିଷଦ ଅଣ୍ଟା ଭିଡିଛି। ମଙ୍ଗଳବାର ସହରର ୩ୱାର୍ଡର ବସଷ୍ଟାଣ୍ଡ ପରିସରରେ ଥିବା ଅଳିଆକୁ ସଫେଇ କରାଯାଇଥିଲା। ଏଥିରେ ପୌରାଞ୍ଚଳର ଅଧିକାରୀ ସମେତ କର୍ମଚାରୀ ସାମିଲ ହୋଇଥିଲେ। ବସଷ୍ଟାଣ୍ଡର ଡ୍ରେନେଜ୍ ବ୍ୟବସ୍ଥାକୁ କିପରି ସ୍ୱାଭାବିକ କରାଯିବ ସେ ନେଇ ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକଙ୍କୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ନାଳ ଗୁଡିକ ସଫେଇ କରାଯାଇଥିଲା। ଉପାଧ୍ୟକ୍ଷ ମମିତା ଚୌଧୁରୀ କର୍ମଚାରୀଙ୍କ ସହାୟତାରେ ବ୍ଲିଚିଂ ପାଉଡର ପକାଇଥିଲେ। କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଶକୁନ୍ତଳା ହାଁସଦା ମଧ୍ୟ ଉପସ୍ଥିତ ଥିଲେ।

## ପାଞ୍ଚପୀଢ଼ ପ୍ରେସ କ୍ଲବର ନୂଆ କାର୍ଯ୍ୟାଳୟ ଉଦ୍‌ଘାଟିତ



କରଞ୍ଜିଆ, ୨୭।୮ (ସମିସ): ଗଣେଶ ପୂଜା ଉପଲକ୍ଷେ ପାଞ୍ଚପୀଢ ଉପଖଣ୍ଡରେ ପାଞ୍ଚପୀଢ ପ୍ରେସ କ୍ଲବର ନୂତନ କାର୍ଯ୍ୟାଳୟ ଗୃହ ବୁଧବାର ଉଦ୍‌ଘାଟିତ ହୋଇଛି। ଆଜିର ପୂଜାରେ ଅର୍ଗାନାଇଜିଂ ସମ୍ପାଦକ ସୁରଜ ସିଂଙ୍କ ପୁତ୍ର ପୂଜାରେ ବସିଥିଲେ। ପୂଜାପରେ ବିଶିଷ୍ଟ ସମାଜସେବୀ, ଶିଳ୍ପପତି ଶିକ୍ଷାପ୍ରେମୀ ବିଷ୍ଣୁକୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଓକିଲ ସଂଘର ସମ୍ପାଦକ ଦିବ୍ୟପ୍ରସାଦ ସାହୁ, ଓକିଲ ସଂଘ ସଭାପତି ମଦନ ମହାନ ମହାନ୍ତ, ସରକାରୀ ଓକିଲ ଜଗମୋହନ ମହାନ୍ତ, ନିଶ୍ଚୁ ସାମନ୍ତ ରାୟ, ରାକେଶ ଅଗ୍ରୱାଲ, ସୁଧୀର ଭାରୁକା, ଆଡ଼ଭାଇଜର ସତ୍ୟାନନ୍ଦ ସାହୁ, କରଞ୍ଜିଆ ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା ସମେତ ଅନେକ ଶୁଭେଚ୍ଛୁ ଉଦଘାଟନ ଉତ୍ସବରେ ଉପସ୍ଥିତ ଥିଲେ। ପାଞ୍ଚପୀଢ ପ୍ରେସ କ୍ଲବର ସଭାପତି ଉମାଶଙ୍କର ଦାସ, ଠାକୁରମୁଣ୍ଡା ସମ୍ପାଦକ ଦିଲୀପ ମହାନ୍ତ, ସାମ୍ବାଦିକ ସେକ ରାଜୁ, ରରୁଆଁ ସମ୍ପାଦକ ସୁବ୍ରତ ଖୁଣ୍ଟିଆ, ସାମ୍ବାଦିକ ବଳଭଦ୍ର ଘଡେଇ, କରଞ୍ଜିଆ ଜେନେରାଲ ସମ୍ପାଦକ ସୁଦର୍ଶନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରଜ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ସେପ୍ଟେମ୍ବର ୬କୁ କଳା ଦିବସ ପାଳନ ପାଇଁ ଓଡ଼ିଶା କୁଡୁମୀ ସେନାର ପ୍ରସ୍ତୁତି

ରାଇରଙ୍ଗପୁର, ୨୭।୮ (ସମିସ): କୁଡୁମୀ ଜନଜାତି ଆଦିବାସୀ ମାନ୍ୟତା ଦାବି ନେଇ ମଙ୍ଗଳବାର କଣ୍ଟାବଣିଠାରେ ଓଡ଼ିଶା କୁଡୁମୀ ସେନା ତରଫରୁ ଆସନ୍ତା ସେପ୍ଟେମ୍ବର ୬ ତାରିଖକୁ କଳା ଦିବସ ପାଳନ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କଳା ଦିବସ ଦିଲ୍ଲୀ ଯନ୍ତରମନ୍ତରଠାରେ ପାଳନ କରିବା ପାଇଁ ସ୍ଥିର କରାଯାଇଛି। କୁଡୁମୀ ବହୁଳ ବିଶିଷ୍ଟ ୪ଟି ରାଜ୍ୟର ଶତାଧିକ କୁଡୁମୀପ୍ରେମୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସରକାର ବିନା ନୋଟିଫିକେସନ୍‌ରେ ୧୯୫୦ ମସିହା ସେପଟେମ୍ବର ୬ ତାରିଖରେ ଆଦିବାସୀ ତାଲିକାରୁ ବାଦ୍ ଦେଇଛନ୍ତି। ତେଣୁ ସେହିଦିନକୁ କୁଡୁମୀ ସମ୍ପ୍ରଦାୟ ସରକାରଙ୍କ ପ୍ରତାରଣା ଶିକାର ହୋଇ ଆସୁଛି। ସରକାର ତାଙ୍କ ଦାବି ନ ଶୁଣିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତ, ସମ୍ପାଦକ ଲାଲ୍ ମୋହନ ମହାନ୍ତ, ଜିଲ୍ଲା ସଭାପତି ଫଣ୍ଡୁସ୍ କୁମାର ମହାନ୍ତ, ଉପ ସଭପତି ତରଣୀ ସେନ ମହାନ୍ତ, ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା ମହାନ୍ତ, ରାଇରଙ୍ଗପୁର ସଭାନେତ୍ରୀ ସବିତା ମହାନ୍ତ, ବହଳଦା ସଭାପତି ଅଶୋକ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ବହୁଭାଷୀ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଭୂମିଜ ଭାଷାକୁ ଉପେକ୍ଷା

ବେତନଟୀ, ୨୭।୮ (ସମିସ): ବହୁଭାଷୀ ଶିକ୍ଷଣ ପ୍ରକ୍ରିୟାରେ ସରକାର ଗୁରୁତ୍ୱ ନ ଦେବା କାରଣରୁ ଭୂମିଜ ସମାଜର ଏକ ପ୍ରତିନିଧି ଦଳ ସାଂସଦ ନବଚରଣ ମାଝୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ଭୂମିଜ ଏକ ସ୍ୱତନ୍ତ୍ର ଜନଜାତି। ଏହି ଜାତିର ନିଜସ୍ୱ ଲିପି 'ଅଲ ଅନଲ' ରହିଛି। ଭୂମିଜ ଭାଷାର ନିଜସ୍ୱ ଭାଷାକୋଷ ଉପଲବ୍ଧ ରହିଛି। ଭୂମିଜ ଭାଷାର ୟୁନିକୋଡ ମଧ୍ୟ ରହିଛି; ତଥାପି ନିକଟ ଅତୀତରେ ବହୁଭାଷୀ ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ୨୧ଟି ଜନଜାତିର ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲା; କିନ୍ତୁ ଭୂମିଜ ଭାଷାକୁ ସେଥିରୁ ବାଦ ଦିଆଯାଇଥିବା ଅଭିଯୋଗ ହେଉଛି। ବିଗତ ଦିନରେ ଭୂମିଜ ଶିକ୍ଷକ ନିଯୁକ୍ତି ନିମନ୍ତେ ବହୁବାର ଆନ୍ଦୋଳନ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ସରକାରୀ ଅଧିକାରୀ ମଧ୍ୟ ଆଶ୍ୱାସନା ଦେଇଥିଲେ; କିନ୍ତୁ ଫଳ ଶୂନ। ଏ ନେଇ ଭୂମିଜ ସମାଜ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଏ ନେଇ ଆଗାମୀ ଦିନରେ ଭୂମିଜ ସମାଜ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଭୂମିଜ ସମାଜର ସଭାପତି ଗମ୍ଭା ସିଂ, ଜିଲା ସଭାପତି ରାଜକୁମାର ସିଂ, ଭାରତୀୟ ଆଦିବାସୀ ସମାଜର କେନ୍ଦ୍ରୀୟ କମିଟିର ସଦସ୍ୟା ଗୀତାମଣି ସିଂ, ଓଡ଼ିଶା କମିଟି ସଦସ୍ୟା ଦେବକୀ ସିଂ, ଅଭିମନ୍ୟୁ ସର୍ଦ୍ଦାର, ରଞ୍ଜନ କୁମାର ସିଂ, ଖଗେଶ୍ୱର ସିଂ, ମହେଶ୍ୱର ସିଂ ପ୍ରମୁଖ ଏହି ଦାବିକୁ ସମର୍ଥନ ଜଣାଇଛନ୍ତି।

## ପିଏମ୍ଏଏମ୍ ବିଦ୍ୟାଳୟରେ ଶିକ୍ଷକ ପଦ ଖାଲି

ରାଇରଙ୍ଗପୁର, ୨୭।୮ (ସମିସ): ଜାମଦା ବ୍ଲକ ଅନ୍ତର୍ଗତ ମାନବୀର ପିଏମଏଏମ ମାଧ୍ୟମିକ ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଦେଇ ଗତିକରୁଛି। ଏହି ସ୍କୁଲ ୨୦୦୪ରେ ବ୍ଲକ ଗ୍ରାଣ୍ଟ ପାଇଥିଲେ ମଧ୍ୟ ଶିକ୍ଷକ ଅଭାବ ଯୋଗୁଁ ପାଠପଢ଼ାରେ ବ୍ୟାଘାତ ଘଟୁଛି। ବର୍ତ୍ତମାନ ସଂସ୍କୃତ ଶିକ୍ଷକ ହରି ମୋହନ କର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବାବେଳେ ପିଇଟି ସିଦ୍ଧେଶ୍ୱର ଗିରି ଓ ରାତ୍ରି ଜଗୁଆଳୀ ରବୀନ୍ଦ୍ର କୁମାର ପାତ୍ର ରହିଛନ୍ତି; କିନ୍ତୁ ସ୍କୁଲରେ ଗଣିତ, ବିଜ୍ଞାନ, ଇଂରାଜୀ, ସାହିତ୍ୟ, ସାମାଜିକ ବିଜ୍ଞାନ, ହିନ୍ଦୀ ସହିତ କିରାଣୀ ଓ ପିଅନ ପଦ ଖାଲି ପଡ଼ିଛି। ନବମ ଶ୍ରେଣୀରେ ୪୦ ଓ ଦଶମ ଶ୍ରେଣୀରେ ୪୫ ପିଲା ପଢୁଥିଲେ ମଧ୍ୟ ଶିକ୍ଷକ ଅଭାବ ବଡ ସମସ୍ୟା ଦେଖାଦେଇଛି। ସ୍କୁଲ ରୋଷେଇ ଘରର ଅବସ୍ଥା କହିଲେ ନ ସରେ। ତେଣୁ ତୁରନ୍ତ ଶିକ୍ଷକ ପଦ ପୂରଣ କରିବାକୁ ବୁଦ୍ଧିଜିବୀ ମହଲରେ ଦୃଢଦାବି ହେଉଛି।

## ବିହାରୀ ସମ୍ପ୍ରଦାୟର ତୀଜ ପୂଜା ସମ୍ପନ୍ନ




ରାଇରଙ୍ଗପୁର, ୨୭।୮ (ସମିସ): ରାଇରଙ୍ଗପୁରରରେ ବିହାରୀ ସମ୍ପ୍ରଦାୟର ଆଧ୍ୟାତ୍ମିକ ତୀଜ ପୂଜା ସମାରୋହରେ ପାଳିତ ହୋଇଛି। ଦୀର୍ଘ ୨୪ ଘଣ୍ଟାର ନିର୍ଜଳା ଉପବାସ ରହି ଏହି ପୂଜା ମହିଳାମାନେ ନିଜ ସ୍ୱାମୀର ଦୀର୍ଘ ଓ ନିରୋଗ ଜୀବନ ପାଇଁ ପାଳନ କରିଥାନ୍ତି। ଅବଧେଶ ମିଶ୍ରଙ୍କ ମାର୍ଗଦର୍ଶନ ଓ କାନ୍ତି ଦେବୀଙ୍କ ସହଯୋଗରେ ଆୟୋଜିତ ଏହି ପାରମ୍ପରିକ ପୂଜାରେ ଗୀତା ଦେବୀ, ସନ୍ତୋଷୀ ରାମ, କେଶରୀ ଦାସ, ମଞ୍ଜୁ ରାମ, ମମତା ମନୋଜ ଦାସ, ପୁଷ୍ପା ରାମ, ମମତା ଦୀପକ ଦାସ ପ୍ରମୁଖ ସାମିଲ ହୋଇଥିଲେ। କୁହାଯାଏ ଯେ ଶିବ-ପାର୍ବତୀଙ୍କ ଏହି ପୂଜା କଲେ ଘରେ ସୁଖ ଶାନ୍ତି ସହିତ ନିରୋଗ ଜୀବନ ଯାପନ ସମ୍ଭବ ହୋଇଥାଏ।


## ବିଚ୍ଛିନ୍ନାଞ୍ଚଳ ପରିଦର୍ଶନ କଲେ ଓଡ଼ିଶାର ଶିକ୍ଷା ଅଧିକାରୀ



ବାରିପଦା, ୨୭।୮ (ସମିସ): ୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲା ପଦାଧିକାରୀ ଗୋତମ ପାତ୍ରଙ୍କ ତତ୍ତ୍ୱାବଧାନରେ ବହଳଦା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ପଦାଧିକାରୀ ଭୂତନାଥ ସିଟ ଏବଂ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକଙ୍କ ନେତୃତ୍ୱରେ ଗୋଷ୍ଠୀ ସାଧନ କେନ୍ଦ୍ରର କୋଷାଧ୍ୟକ୍ଷ ଲିସ୍କିସାନ ମହାନ୍ତ, ଝାଡ଼ଖଣ୍ଡ ରାଜ୍ୟର ପୂର୍ବ ସିଂହଭୂମି ଜିଲ୍ଲା ଗୋଲମୁରୀ ଉତ୍କଳ ସମାଜ ବିଦ୍ୟାଳୟ, ଟୁଇଲା ଡୁଙ୍ଗୁରୀ ଓଡ଼ିଆ ବିଦ୍ୟାଳୟ, ସିଦକାହ୍ନୁ ଓଡ଼ିଆ ବିଦ୍ୟାଳୟ ପର୍ଶୁଡିହ ଏବଂ ଛୋଲାଗଡ଼ାର ତ୍ରିଲୋଚନ ବିଦ୍ୟାପୀଠ ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ବାହାଡାଗୋଡା ସ୍ଥିତ ଓଡିଆ ବିଦ୍ୟାଳୟ ଗୁଡିକ ମଧ୍ୟ ସାରସକଣା ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗଲ ସିଂ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏହି ପରିଦର୍ଶନ କରିଥିଲେ। ଜାମସେଦପୁରଠାରେ ଥିବା ଓଡ଼ିଆ ବିଦ୍ୟାଳୟର ପରିଦର୍ଶନ ସମୟରେ ଉତ୍କଳ ସମ୍ମିଳନୀର ଝାଡ଼ଖଣ୍ଡ ରାଜ୍ୟର ପୂର୍ବ ସିଂହଭୂମି ଜିଲ୍ଲା ସଭାପତି ରବୀନ୍ଦ୍ରନାଥ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସଚିବ ପ୍ରଦୀପ କୁମାର ଦାସ ଏବଂ ବିଦ୍ୟାଳୟ ପର୍ଯ୍ୟବେକ୍ଷକ ଜୟରାମ ଦାସପାତ୍ର ଏବଂ ବାହାଡାଗୋଡାଠାରେ ପ୍ରଣବ ଉପାଧ୍ୟାୟ ସହଯୋଗ କରିଥିଲେ। ଗତ ଦିନରେ ପୋଟକା ବ୍ଲକର ଓଡ଼ିଆ ବିଦ୍ୟାଳୟଗୁଡ଼ିକ ବହଳଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭଶ୍ରୀ ସିଂଙ୍କ ନେତୃତ୍ୱରେ ପରିଦର୍ଶନ ହୋଇଥିଲା। ଏଥିରେ ଉତ୍କଳ ସମ୍ମିଳନୀର ବିବେକାନନ୍ଦ ଭଟ୍ଟମିଶ୍ର ସହଯୋଗ କରିଥିଲେ। ଦୀର୍ଘ ଦିନ ଧରି ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ବିଦ୍ୟାଳୟରେ ଉତ୍କଳ ସମ୍ମିଳନୀ ଦ୍ୱାରା ନିଯୁକ୍ତି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ବେତନ ନମିଳିବାରୁ ଓଡ଼ିଶା ସରକାରଙ୍କୁ ସଦସ୍ୟ ବୃନ୍ଦ ଅବଗତ କରିବା ପରେ କିଛି ମାତ୍ରାରେ କାର୍ଯ୍ୟକାରୀ ହୋଇଥିଲା। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ ବାରମ୍ବାର ସୂଚନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଅନୁମତି କ୍ରମେ ଶିକ୍ଷା ବିଭାଗ ତତ୍ପରତା ପ୍ରକାଶ କରି ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ବିଦ୍ୟାଳୟରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମ ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦୀର୍ଘ ଦିନ ଧରି ବାକିଥିବା ବେତନ ମିଳିବା ସହିତ ସମସ୍ୟା ସମାଧାନ ହେବାର ଆଶା କରାଯାଉଛି।




# ସେପ୍ଟେମ୍ବର ୧୨ରେ ‘ଲହରୀ’



କଲିକତା ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କୃତ ହେବା ପରେ ଅଷ୍ଟ୍ରେଲିଆର ମେଲବର୍ଣ୍ଣଠାରେ ଆୟୋଜିତ ‘ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଅଫ୍ ମେଲବର୍ଣ୍ଣ’ (ଆଇଏଫ୍ଏଫ୍ଏମ୍)ରେ ପ୍ରଦର୍ଶିତ ହୋଇ ‘ଲହରୀ’ ବହୁତ ପ୍ରଶଂସା ସାଉଁଟିଛି। ଉଭୟ ଦର୍ଶକ ଓ ସମାଲୋଚକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଛି। ଭାରତୀୟ ବିବିଧତା, ସୃଜନାତ୍ମକ କଳା ଓ ସାଂସ୍କୃତିକ ବିଭବକୁ ବିଶ୍ୱ ସ୍ତରରେ ପହଞ୍ଚାଇବା ‘ଆଇଏଫ୍ଏଫ୍ଏମ୍’ର ମୂଳ ଉଦ୍ଦେଶ୍ୟ ରହି ଆସିଛି। ଚଳିତ ବର୍ଷ ଏହାର ୧୬ ତମ ସଂସ୍କରଣ ଅନୁଷ୍ଠିତ ହୋଇଛି । ଶ୍ରେଷ୍ଠ ବିବେଚିତ ବିଭିନ୍ନ ଆଞ୍ଚଳିକ ସିନେମା ଏଠାରେ ପ୍ରଦର୍ଶିତ ହୋଇଥିବା ବେଳେ ‘ଲହରୀ’ର ମନୋନୟନ ବିଶେଷ ଗୁରୁତ୍ୱ ରଖେ। ଓଡ଼ିଶା ପାଇଁ ଏହା ନିଶ୍ଚୟ ଗର୍ବ ଓ ଗୌରବର ବିଷୟ। ଅନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ଓ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଯୋଜନାରେ ଅଛନ୍ତି ଓଡ଼ିଶାର ସ୍ୱନାମଧନ୍ୟ ଯୁବ ନିର୍ମାତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ। ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ସ୍ୱସ୍ତିକ ଚୌଧୁରୀ, ଜେଇନବ ଡୋଇୟର ପ୍ରମୁଖ ଅଭିନୟ କରିଛନ୍ତି। ଏଥିରେ ସଙ୍ଗୀତ ଦେଇଛନ୍ତି କିଶଳୟ ରୟ। କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି । ଝିଲିକ୍ ମୋସନ୍ ପିକ୍ଚର୍ସ ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ସହିତ କାହାଣୀ, ଗୀତ ରଚନା, ନୃତ୍ୟ ନିର୍ଦ୍ଦେଶନା ଓ ସମ୍ପାଦନାର ଗୁରୁ ଦାୟିତ୍ୱ ମଧ୍ୟ ଅମର୍ତ୍ତ୍ୟ ନିର୍ବାହ କରିଛନ୍ତି। ସୂଚନା ଥାଉକି, ସେପ୍ଟେମ୍ବର ୧୨ରେ ‘ଲହରୀ’ ମୁକ୍ତିଲାଭ କରିବ। ■



# ଲଣ୍ଡନରେ ଚାଲିଛି ‘ବିନ୍ଦୁ ସାଗର’ର ସୁଟିଂ

ଓଡ଼ିଆ ସିନେମା ଜଗତରେ ପ୍ରବେଶ କରିଛି ଭାରତର ଅଗ୍ରଣୀ ଚଳଚ୍ଚିତ୍ର ଷ୍ଟୁଡିଓ ପ୍ଲାଟୁନ୍ ୱାନ୍ ଫିଲ୍ମସ୍ । ଅଭିଷେକ ସ୍ୱାଇଁଙ୍କ ‘ବିନ୍ଦୁ ସାଗର’ ଫିଲ୍ମ ସହିତ ଓଡ଼ିଆ ସିନେମା କ୍ଷେତ୍ରରେ ପ୍ରବେଶ କରିଛନ୍ତି ପ୍ରଯୋଜକ ଶିଳାଦିତ୍ୟ ଭୋରା । ‘ବିନ୍ଦୁସାଗର’ରେ ଅଭିନେତ୍ରୀ ପ୍ରକୃତି ମିଶ୍ର ଏବଂ ଦ୍ୱୀପନ୍ୱିତ ଦାସ ମହାପାତ୍ର ଅଭିନୟ କରିଛନ୍ତି । ସିନେମାଟିର ସୁଟିଂ ଓଡ଼ିଶା ଓ ଇଂଲଣ୍ଡରେ କରାଯାଇଛି । ଅବଶ୍ୟ ଏହାର ସୁଟିଂ ଏବେ ଲଣ୍ଡନରେ ଚାଲିଛି । ପାରିବାରିକ ଡ୍ରାମା ସହିତ ଏହି କାହାଣୀ ପ୍ରେମ ଓ ପରମ୍ପରା ଉପରେ ପର୍ଯ୍ୟବସିତ । ‘ବିନ୍ଦୁସାଗର’ ଫିଲ୍ମରେ ସାତଟି ଗୀତ ଥିବା ଏକ ଆଲବମ ରହିବ । ଯେଉଁଥିରେ ସଙ୍ଗୀତ ଶିଳ୍ପର କିଛି ଲୋକପ୍ରିୟ ଗୀତିକାରଙ୍କ ସଙ୍ଗୀତ ରହିଛି । ■



ଟେଲିଭିଜନ ପ୍ରିମିୟର୍

# ‘ବିଘ୍ନ ବିନାଶିବେ ବିନାୟକ’




ଜୀ ସାର୍ଥକରେ ଅଗଷ୍ଟ ୩୧ ତାରିଖ ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର ହେବ ‘ବିଘ୍ନ ବିନାଶିବେ ବିନାୟକ’ । ପ୍ରଯୋଜକ କ୍ଷୀରୋଦ ପଟ୍ଟନାୟକ ଓ ନିର୍ଦ୍ଦେଶକ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ତିଆରି ହୋଇଥିବା ଏହି ଫିଲ୍ମରେ ଶିଶୁମନର ସ୍ୱପ୍ନ, ଦୈବୀୟ ମହିମା ଓ ପାରିବାରିକ ସତ୍ୟକୁ ଆଲୋକପାତ କରାଯାଇଛି। କାହାଣୀର କେନ୍ଦ୍ରବିନ୍ଦୁ ପାଞ୍ଚ ବର୍ଷୀୟ ମୁନି (ଶିଶୁ କଳାକାର ସ୍ୱାତୀ ମିଶ୍ର) ଏକ ବନ୍ଦ ଓ ବିଚ୍ଛିନ୍ନ ଘରେ ରହନ୍ତି । ତାଙ୍କ ମାଆ ପାର୍ବତୀ ତା’କୁ କହିଥାନ୍ତି ଯେ, ଦୁନିଆ ଶେଷ ହୋଇଯାଇଛି ଏବଂ ସେମାନେ ଦୁଇ ଜଣ ହିଁ ବଞ୍ଚି ରହିଛନ୍ତି। ସେପଟେ ମୁନିକୁ ଏକ ମାୟାମୟ ପୁଅ ବିଘ୍ନେଶ ସାଥୀ ଭାବରେ ସାହାଯ୍ୟ କରିଥାଏ। ନାୟକ ବିକାଶ ଓ ନାୟିକା ପଲ୍ଲବୀ ଅଭିନୟରେ ଚଳଚ୍ଚିତ୍ରଟିରେ ପାରିବାରିକ ସମ୍ପର୍କ, ଦୁର୍ଭାଗ୍ୟ, ଦୈବୀୟ ହସ୍ତକ୍ଷେପ ଓ ଅସତ୍ୟ ଉପରେ ସତ୍ୟର ଜୟକୁ ଦର୍ଶାଯାଇଛି। ତେବେ ସତରେ କ’ଣ ଦୁନିଆ ଶେଷ ହୋଇଯାଇଛି ? କିଏ ସେ ବିକାଶ ଓ ପଲ୍ଲବୀ ? ତାଙ୍କ ସହ ପାର୍ବତୀ ଓ ମୁନିର ସମ୍ପର୍କ କିପରି ? ବିଘ୍ନେଶ କ’ଣ ସତରେ ସାହାଯ୍ୟ କରିପାରିବ ମୁନିକୁ ? ଏମିତି ବହୁ ପ୍ରଶ୍ନର ଉତ୍ତର ମିଳିବ ଫିଲ୍ମର ଶେଷରେ । ଫିଲ୍ମରେ ମୁଖ୍ୟ ଭୂମିକାରେ ଅଛନ୍ତି ବିକ୍ରମ ଓ ଦୀପିକା। ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ, ଗୀତ ଗୁଡ଼ିକକୁ ଲେଖିଛନ୍ତି ଡଃ ନିର୍ମଳ ନାୟକ ଓ କଣ୍ଠଦାନ କରିଛନ୍ତି ପ୍ରଜ୍ଞା ହୋତା, ରଶ୍ମିରେଖା ଓ ସାଇନା। ■



ପରଦା ପଛର କାହାଣୀ

# ମାସ୍କ ପ୍ରସ୍ତୁତି ପାଇଁ ଛଅ ମାସ





ସାଧାରଣତଃ ‘କ୍ରିସ୍’ ଫିଲ୍ମ କଥା କହିଲେ ସର୍ବପ୍ରଥମେ ସୁପରଷ୍ଟାର ହ୍ରିତିକ୍ ରୋଶନଙ୍କ ଛବି ସାମ୍ନାକୁ ଆସିଥାଏ। ଏଥିରେ ତାଙ୍କ ଲୁକ୍‌କୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ବିଶେଷ କରି ସେ ପିନ୍ଧିଥିବା ମାସ୍କକୁ ନେଇ ଦର୍ଶକଙ୍କ ମନରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ତେବେ ନିକଟରେ ହ୍ରିତିକ୍ ରୋଶନଙ୍କ ପିତା ତଥା ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକ ରାକେଶ ରୋଶନ ଏହି ମାସ୍କକୁ ନେଇ ଏକ ରୋଚକୀୟ କଥା କହିଛନ୍ତି। ତାଙ୍କ କହିବାନୁଯାୟୀ, ଏହି ମାସ୍କ ଡିଜାଇନ ପାଇଁ ଛଅମାସ ସମୟ ଲାଗିଥିଲା। ହ୍ରିତିକଙ୍କୁ କେଉଁ ଡିଜାଇନ୍ ମାସ୍କ ଭଲ ମାନିବ, ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା। ନିକଟରେ କୋରିଓଗ୍ରାଫର ତଥା ଫିଲ୍ମ ନିର୍ଦ୍ଦେଶକ ଫରାହ ଖାନ୍ ଖଣ୍ଡାଲା ସ୍ଥିତ ରାକେଶ ରୋଶନଙ୍କ ଘରେ ପହଞ୍ଚିଥିଲେ। ଏହି ବ୍ଲଗ୍‌ରେ ରାକେଶ କ୍ରିସ୍ ଫିଲ୍ମର କଷ୍ଟ୍ୟୁମ୍, ମାସ୍କ ଓ ଏହାର ସୁଟିଂରେ ହୋଇଥିବା ସମସ୍ୟା ବିଷୟରେ ଚର୍ଚ୍ଚା କରିଥିଲେ। ତେବେ ହ୍ରିତିକ୍ ପିନ୍ଧିଥିବା ମାସ୍କକୁ ସ୍ୱତନ୍ତ୍ର ଭାବେ ମହମରୁ ପ୍ରସ୍ତୁତ କରାଯାଇଥିଲା। ସୁଟିଂ ସମୟରେ ମାସ୍କ ଯେମିତି ନ ତରଳିବ ସେଥିପାଇଁ ଏକ ଏସି ବସ୍‌ର ବ୍ୟବସ୍ଥା କରାଯାଇଥିଲା। ଏହି ମାସ୍କକୁ ହ୍ରିତିକ୍ ତିନି ଚାରି ଘଣ୍ଟା ପିନ୍ଧି ସୁଟିଂ କରୁଥିଲେ। ତେଣୁ ମହମ ତରଳି ଯାଉଥିଲା। ଫଳରେ ଏହାକୁ କାଢ଼ି ତାଙ୍କୁ ଏକ ନୂଆ ମାସ୍କ ଲଗାଇବାକୁ ପଡୁଥିଲା। କେବଳ ସେତିକି ନୁହେଁ, ଏଥିରେ ହ୍ରିତିକ୍ ପିନ୍ଧିଥିବା କଳା ଆଉଟ୍‌ଫିଟ୍ ମଧ୍ୟ ଖୁବ୍ ଓଜନିଆ ଥିଲା। ତେବେ ୨୦୦୬ ମସିହାରେ ମୁକ୍ତିଲାଭ କରିଥିବା ‘କ୍ରିସ୍’ ଏକ ସୁପରହିରୋ ଆକ୍ସନ ଫିଲ୍ମ ଥିଲା। କ୍ରିସ୍ ଏକ ସୁପରହିଟ୍ ଫିଲ୍ମ ଥିଲା। ଏହା କ୍ରିସ୍ ଫ୍ରାଞ୍ଚାଇଜର ଦ୍ୱିତୀୟ ଫିଲ୍ମ ଥିଲା। ଏହି ସିରିଜ୍‌ର ତୃତୀୟ ଫିଲ୍ମ ୨୦୧୩ ମସିହାରେ ମୁକ୍ତିଲାଭ କରିଥିଲା। ■

# ଅର୍ଚ୍ଚନା ଦୋଛକିରେ ଅର୍ଚ୍ଚନା



ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକ ‘ସାଥୀ ସାତ ଜନ୍ମ’ରେ ଅର୍ଚ୍ଚନା ଓ ଦେବ ବିବାହ ବନ୍ଧନରେ ବାନ୍ଧି ହେବା ପରେ ପରିବାର ସମ୍ବନ୍ଧୀୟ ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇଛନ୍ତି। ତେବେ ଗଣେଶ ଚତୁର୍ଥୀର ପବିତ୍ର ଅବସରରେ ନୂଆ ଟ୍ୱିଷ୍ଟ ଦେଖିବାକୁ ମିଳିବ। ଗୋଟିଏ ପଟେ ଅର୍ଚ୍ଚନା ନିଜ ବାପାଙ୍କୁ ଦେଇଥିବା ପ୍ରତିଶୃତି ଯେ ସାରା ଜୀବନ ତା’ ସ୍ୱାମୀ ଦେବଙ୍କ ସାଙ୍ଗରେ ଆଉ କେବେ ବି ଦେଖା କରିବ ନାହିଁ। ଅନ୍ୟପଟେ ସ୍ତ୍ରୀର କର୍ତ୍ତବ୍ୟ ଭାବେ ଦେବର ନୂଆ ଗ୍ୟାରେଜର କଳସ ବିସର୍ଜନରେ କେମିତି ଅର୍ଚ୍ଚନା ଦେବଙ୍କ ସହିତ ଛିଡ଼ା ହେବ? ଏମିତି ଏକ ଦୋଛକିରେ ଅର୍ଚ୍ଚନା ଆଉ ଦେବଙ୍କର ସମ୍ପର୍କ ଏବେ ଗତିଶୀଳ। ସେହିପରି ଏହିଠାରୁ ଆଗକୁ କ’ଣ ଘଟିବ, ସେକଥା ଧାରାବାହିକର ଆଗାମୀ ଅଧ୍ୟାୟରେ ସାମ୍ନାକୁ ଆସିବ। ■



ସାକ୍ଷାତକାର

# ‘ପାରିଶ୍ରମିକ ନୁହେଁ; ଚରିତ୍ରକୁ ଗୁରୁତ୍ୱ ଦିଏ’

**ଭବେଶ କୁମାର, ଅଭିନେତା**

ସେ ଜଣେ ମେଧାବୀ ଛାତ୍ର ଥିଲେ । ତାଙ୍କର ଇଚ୍ଛା ଥିଲା ଡାକ୍ତର ହେବେ, ଆଉ ରୋଗୀ ସେବା କରିବେ । ହେଲେ ତାଙ୍କ ଭାଗ୍ୟରେ ଆଉ କିଛି ଲେଖା ଥିଲା । ଟିକ୍‌ଟକ୍‌ରେ କଣ୍ଟେଣ୍ଟ ବନାଇ ପୋଷ୍ଟ କରିଲେ । ଏହାକୁ ବହୁ ପ୍ରଶଂସକ ପସନ୍ଦ କଲେ । ଜଣେ ବନ୍ଧୁଙ୍କ ପରାମର୍ଶକ୍ରମେ ‘ସିନେ ଷ୍ଟାର୍ କି ଖୋଜ୍’ରେ ରିଆଲିଟି ଶୋ’ରେ ଭାଗ ନେଇ ମେଗା ରାଉଣ୍ଡ ଯାଏଁ ଯାଇଥିଲେ ସେ । ‘ଶତାବ୍ଦୀ କଳାକାର’ରେ ୬ ମାସ ସେ ଅଭିନୟ ପାଇଁ ତାଲିମ ନେଇଛନ୍ତି । ‘ନଣନ୍ଦ ପୁଟୁଳି’ ତାଙ୍କର ପ୍ରଥମ ଧାରାବାହିକ । ସେ ଏକାଧିକ ଧାରାବାହିକରେ ଅଭିନୟ କରିସାରିଛନ୍ତି । ହିନ୍ଦୀ, ଓଡ଼ିଆ ଓ ବଙ୍ଗଳାର ଅନେକ ପ୍ରୋଜେକ୍ଟରେ କାମ କରିଥିବା ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି ବାଲେଶ୍ୱରର ଭବେଶ କୁମାର । ସେ ଜଣେ ସରକାରି ଚାକିରିଆ । ଉଭୟ ଚାକିରି ଏବଂ ଅଭିନୟ ଭିତରେ କିପରି ସେ ସମନ୍ୱୟ ରଖୁଛନ୍ତି ଜାଣିବା ତାଙ୍କ ମୁହଁରୁ ।

**ଧାରାବାହିକରେ ଅଭିନୟ କରିବା ପାଇଁ କାହିଁକି ଆକୃଷ୍ଟ ହେଲେ ?**

● ପିଲାଦିନେ ଭଲ ପଢୁଥିଲି । ଡାକ୍ତର ହୋଇଥାନ୍ତି । ଏଥିପାଇଁ କଠିନ ପରିଶ୍ରମ କରୁଥିଲି । ହେଲେ ଟିକ୍‌ଟକ୍‌ରେ ଭିଡିଓ ବନାଇ ପୋଷ୍ଟ କଲା ପରେ ମୋର ଲୋକପ୍ରିୟତା ବଢ଼ିଲା । ତେଣୁ ‘ସିନେ ଷ୍ଟାର୍ କି ଖୋଜ୍’ରେ ଅଡିସନ୍ ଦେଲି । ମେଗା ରାଉଣ୍ଡ ଯାଏଁ ରହିଛି । ପରେ ଶତାବ୍ଦୀ କଳାକାରରେ କାମ ଶିଖି ‘ନାଗ ମଣ୍ଡଳ’ ଥିଏଟର କରିଛି । ୱେବ୍ ସିରିଜ୍ ପାଇଁ ଆଗ୍ରହ ଥିଲା । ଯେହେତୁ ଓଡ଼ିଶାରେ ଏଥିପାଇଁ ଏତେ ସୁଯୋଗ ନଥିଲା, ତେଣୁ ଧାରାବାହିକରେ କାମ ଆରମ୍ଭ କଲି । ‘ନଣନ୍ଦ ପୁଟୁଳି’ ମୋର ପ୍ରଥମ ଧାରାବାହିକ । ସରକାରୀ ଚାକିରିରେ ଯୋଗ ଦେବାରୁ ପ୍ରଥମ ପ୍ରୋଜେକ୍ଟକୁ ତିନି ମାସରେ ଛାଡ଼ିଥିଲି । ଭୁବନେଶ୍ୱରକୁ ଚାକିରି ବଦଳି ହେବାରୁ ତରଙ୍ଗ ଚ୍ୟାନେଲ୍‌ର ‘ପ୍ରେମର କୁହୁକ’ରେ ନାୟକ ଭାବେ ଅଭିନୟ କରିଲି । ‘ସୁହାଗ ସିନ୍ଦୂର’, ‘ଶକ୍ତି’, ‘ଆମ ଝାନ୍ସୀ ଅପା’ ‘ତୁ ରାଜା ମୁଁ ରାଣୀ’ ଆଦି ଅନେକ ଧାରାବାହିକରେ ଅଭିନୟ କରିଛି । ବର୍ତ୍ତମାନ ଅତୁଟ ବନ୍ଧନରେ ‘କାର୍ତ୍ତିକ’ ଭୂମିକାରେ ଅଭିନୟ କରୁଛି । ‘ମେଘୁଆ ହସ’ ‘ଆ ଜହ୍ନ ମାମୁଁ ସରଗ ଶଶି’ ଆଦି ମ୍ୟୁଜିକ୍ ଭିଡିଓ କରିଛି ।

**ପ୍ରଥମେ କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

● ‘ନଣନ୍ଦ ପୁଟୁଳି’ ଧାରାବାହିକରେ ଅନ୍ୟଜଣଙ୍କ ବଦଳରେ କାମ କରିବାକୁ ସୁଯୋଗ ମିଳିଥିଲା । ସେତେବେଳେ ମୁଁ ପୂରା ନୂଆ । ତେଣୁ ପ୍ରଥମେ କ୍ୟାମେରାକୁ ସାମ୍ନା କରିବାକୁ ଭୟ ଲାଗିଥିଲା । ସେତେବେଳେ ଅନେକଙ୍କ କଟୁ କଥା ଆଉ ଗଞ୍ଜଣା ସହିଛି । ‘ପ୍ରେମର କୁହୁକ’ରେ ଅଭିନୟ କ’ଣ ମୁଁ ଶିଖିଲି । ନିର୍ଦ୍ଦେଶକ ସାର୍ ଆଉ ପୂରା ଟିମ୍ ଆଗକୁ ବଢ଼ିବାକୁ ମୋତେ ସୁଯୋଗ ଦେଇଥିଲେ ।

**ନାୟକ ନା ଖଳନାୟକ କେଉଁଠି ସହଜ ଅନୁଭବ କରନ୍ତି?**

● ସମୟ ସୁଯୋଗକୁ ମୁଁ କେବେ ବି ହାତଛଡ଼ା କରିବାକୁ ଚାହେଁନି । ତେଣୁ ଖଳନାୟକ ହେଉ କି ନାୟକ ଉଭୟ କାହାଣୀର ମୁଖ୍ୟ ଚରିତ୍ର । ସବୁ ଚରିତ୍ରକୁ ଶହେ ପ୍ରତିଶତ ଦେବାକୁ ଚେଷ୍ଟା କରେ । ହିନ୍ଦୀର ଷ୍ଟାର୍ ଭାରତରେ ‘ସାବଧାନ ଇଣ୍ଡିଆ’, ବଙ୍ଗଳାରେ ଜି ମ୍ୟୁଜିକ୍‌ରେ ‘କତୋଟା ଚେୟେଛେ ତୋମାଏ’ ଆଲବମ୍ ଆଦି କାମ ମଧ୍ୟ କରିଛି । ତେଣୁ ସବୁ ପ୍ଲାଟ୍‌ଫର୍ମରେ କାମକୁ ଦେଖେ ।

**କେଉଁ ଚରିତ୍ରରେ ଆପଣଙ୍କୁ ଅଧିକ ପ୍ରଶଂସା ମିଳିଥିଲା?**

● ‘ପ୍ରେମର କୁହୁକ’ର ବଣ୍ଟି, ‘ତୁ ରାଜା ମୁଁ ରାଣୀର’ ରିଷଭ ଆଉ ଏବେ ଅତୁଟ ବନ୍ଧନର ‘କାର୍ତ୍ତିକ’ ଚରିତ୍ରକୁ ଦର୍ଶକ ଗ୍ରହଣ କରିଛନ୍ତି । ଆଉ ବହୁତ ଭଲପାଇବା ଦେଉଛନ୍ତି । ସେମାନଙ୍କ ସ୍ନେହ ଭଲପାଇବା ଏମିତି ସର୍ବଦା ରହିଥାଉ ।

**କାମ ପାଇଁ କେତେ ପରିଶ୍ରମ କରନ୍ତି?**

● ମୁଁ ବହୁତ ଷ୍ଟ୍ରେଟ୍ ଫରୱାର୍ଡ । କାହାକୁ ଖୁସାମତି ମୋର ପ୍ରବୃତ୍ତି ନୁହେଁ । କର୍ମ ମୋ ପାଇଁ ଭଗବାନ । କାମକୁ ପରଫେକ୍ଟ କରିବାକୁ ସଂଘର୍ଷ କରେ । ଖଟିବାକୁ ମୁଁ ପସନ୍ଦ କରେ । ପ୍ରୋଜେକ୍ଟ କେମିତି ଭଲ ହେବ ତାହା ଚିନ୍ତା କରେ । ପାରିଶ୍ରମିକ ନୁହେଁ, ଚରିତ୍ର ଉପରେ ଗୁରୁତ୍ୱାରୋପ କରେ ।

**ସ୍ମରଣୀୟ ମୁହୂର୍ତ୍ତ?**

● ଫେବୃୟାରୀ ୧ ତାରିଖରେ ସରକାରୀ ଚାକିରିରେ ଯୋଗ ଦେଇଥିଲି । ୨ ତାରିଖ ଦିନ ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା ।

**ଭବେଷ ଫିଟ୍ କେମିତି ରୁହନ୍ତି?**

● କମ୍ ତେଲ, ଲୁଣ ତଥା ସନ୍ତୁଳିତ ପୌଷ୍ଟିକ ଖାଦ୍ୟ ଖାଏ । ସିଝା ଖାଦ୍ୟ ମୋର ପସନ୍ଦ । ଜିମ୍ ଯାଏଁ, ଦଉଡ଼ ଧାଁ କରେ । ବିନା କାରଣରେ ବାହାରକୁ ଯାଏନି ।

**ଆଗାମୀ ଯୋଜନା କ’ଣ ରହିଛି?**

● ବର୍ତ୍ତମାନ ଓଡ଼ିଆ ସିନେମାର ଆଦର ବଢ଼ିଛି । ବାସ୍ତବ କାହାଣୀକୁ ଦର୍ଶକ ଗ୍ରହଣ କରୁଛନ୍ତି । ତେଣୁ ମୁଁ ଆଗକୁ ଉଭୟ ଓଡ଼ିଆ ଓ ହିନ୍ଦୀ ଫିଲ୍ମରେ କାମ କରିବାକୁ ଲକ୍ଷ୍ୟ ରଖିଛି । ଯେହେତୁ ମୁଁ ନିଜେ ଲେଖାଲେଖି କରେ । ସୁଯୋଗ ମିଳିଲେ ଫିଲ୍ମ ବନାଇବାକୁ ଆଶା ଅଛି । ■

### ମୁଦ୍ରା ବିନିମୟ ମୂଲ୍ୟ

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୮୯
- ପାଉଣ୍ଡ ୧୧୮.୦୮
- ୟୁରୋ ୧୦୨.୨୫
- ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୩,୯୦୦ (ନୂଆଦିଲ୍ଲୀ)
- ରୁପା : ୧,୨୧,୦୫୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୭୮୬.୦୦
- ନିଫ୍ଟି ୨୪,୭୧୨.୦୦

### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

■ ଟ୍ରମ୍ପଙ୍କୁ ମିଳିବ କଡ଼ା ଜବାବ !

## ଆମେରିକା ଛାଡ଼ି ୪୦ ଦେଶ ସହ ଡିଲ୍ କରିବାକୁ ରଣନୀତି ପ୍ରସ୍ତୁତ

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଟ୍ରମ୍ପଙ୍କ ଟାରିଫ୍ର ସବୁଠୁ ଅଧିକ ପ୍ରଭାବ ଦେଶର ବୟନ ଉଦ୍ୟୋଗ ଉପରେ ପଡ଼ିବାକୁ ଯାଉଛି। ଆମେରିକା ରାଷ୍ଟ୍ରପତି ଭାରତ ଉପରେ ମୋଟ ୫୦ ପ୍ରତିଶତ ଟାରିଫ୍ ଲଗାଇଛନ୍ତି, ଯେଉଁଥିରେ ୨୫% ଜୋରିମାନା ଭାବରେ ରହିଛି। ଆମେରିକାର ଏହି ନିଷ୍ପତ୍ତିକୁ ଭାରତ ଏକତରଫା ଓ ମନମନି ବୋଲି କହିଛି। ଏହାସହ ଟାରିଫ୍ ପ୍ରଭାବକୁ କମ କରିବା ପାଇଁ ଦ୍ୱିତୀୟ ବିକଳ୍ପ ଉପରେ ବି ଚିନ୍ତା କରିବା ଆରମ୍ଭ କରିଛି। ଭାରତରେ ବଡ଼ ସଂଖ୍ୟାରେ ଲୋକେ ବୟନ ଉଦ୍ୟୋଗ ସହ ଜଡ଼ିତ। କିନ୍ତୁ ଏବେ ଲକ୍ଷ ଲକ୍ଷ ଲୋକଙ୍କ ରୋଜଗାର ବିପଦରେ ପଡ଼ିଛି। ଟ୍ରମ୍ପଙ୍କ ଟାରିଫ୍ କାରଣରୁ ଆମେରିକାରେ ଭାରତୀୟ ପୋଷାକପତ୍ରର ଚାହିଦା ହ୍ରାସ ପାଇବ। ଯଦି ଅର୍ଡର ହ୍ରାସ ପାଏ, ତେବେ ଉତ୍ପାଦନ ମଧ୍ୟ ହ୍ରାସ ପାଇବ। ଯାହା ଦ୍ୱାରା ଲୋକଙ୍କ ରୋଜଗାର ସିଧା ପ୍ରଭାବିତ ହେବ । ଏଥିପାଇଁ ଭାରତ ସରକାର ଏବେ ଆମେରିକୀୟ ବଜାରର ବିକଳ୍ପ ରୂପେ ୪୦ ଅନ୍ୟ ମାର୍କେଟ୍ ଅର୍ଥାତ୍ ଅନ୍ୟ ଦେଶକୁ ପୋଷାକ ରପ୍ତାନୀ ଉପରେ ବିଚାର କରୁଛି। ରିପୋର୍ଟ ଅନୁସାରେ ଆମେରିକାର ଟାରିଫ୍ ପ୍ରଭାବକୁ କମ୍ କରିବା ପାଇଁ ଭାରତ ଅନ୍ୟ ଦେଶ ବଜାରକୁ ନେଇ ରଣନୀତି କରୁଛି। ନିଜର ବୟନ ସାମଗ୍ରୀ ରପ୍ତାନୀ ପାଇଁ ବ୍ରିଟେନ, ଜାପାନ ଓ ଦକ୍ଷିଣ କୋରିଆ ସମେତ ୪୦ ପ୍ରମୁଖ ବଜାରରେ ପହଞ୍ଚିବା ପାଇଁ ଯୋଜନା ପ୍ରସ୍ତୁତ କରୁଛି। ନୂଆ ୪୦ ଦେଶରେ ପହଞ୍ଚିବା ଲକ୍ଷ୍ୟ ଉଭୟ ପାରମ୍ପରିକ ଓ ନୂଆ, ଉଭୟ ବଜାରରେ ନିଜ ଉପସ୍ଥିତିକୁ ବଢାଇବା ଉପରେ କେନ୍ଦ୍ରିତ। ଏହି ଦେଶଗୁଡ଼ିକର ମିଳିତ ବୟନ ଏବଂ ପୋଷାକ ଆମଦାନୀ ୫୯୦ ବିଲିୟନ ଡଲାର, ଯାହା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସୁଯୋଗ ରୂପେ ଦେଖାଯାଉଛି। ବର୍ତ୍ତମାନ, ଏହି ବଜାରଗୁଡ଼ିକରେ ଭାରତର କେବଳ ୫-୬ ପ୍ରତିଶତ ଅଂଶ ରହିଛି।

ଭାରତୀୟ ରପ୍ତାନିକାରୀମାନେ ବଡ଼ କ୍ଷତିର ସମ୍ମୁଖୀନ ହେବା ଆଶଙ୍କା ଭିତରେ ଏହି ରଣନୀତି ଉପରେ କାମ କରାଯାଉଛି। ସରକାରଙ୍କ ବିଶ୍ୱାସ ଯେ ଅଗଷ୍ଟ ୨୭ରୁ ଲାଗୁ ହୋଇଥିବା ୫୦% ଟାରିଫ୍ ୪୮ ବିଲିୟନ ଡଲାରରୁ ଅଧିକ କ୍ଷତି ଘଟାଇପାରେ। AEPC ମହାସଚିବ ମିଥିଳେଶ୍ୱର ଠାକୁରଙ୍କ ଅନୁଯାୟୀ, ବୟନ ଶିଳ୍ପ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଆମେରିକାକୁ ୧୦.୩ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିଲା। ଉଲ୍ଲେଖନୀୟ ଯେ ଭାରତରେ ବୟନ ଉଦ୍ୟୋଗର ଆକାର ୨୦୨୪-୨୫ରେ ୧୭୯ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି । କିନ୍ତୁ ଏହା ୩୭ ବିଲିୟନ ଡଲାର ରପ୍ତାନି ଉପରେ ନିର୍ଭର । ବିଶ୍ୱ ବୟନଶିଳ୍ପ ଆମଦାନୀ ବଜାର ୮୦୦ ବିଲିୟନ ଡଲାରରୁ ଅଧିକ ଥିବା ସତ୍ତ୍ୱେ, ଭାରତର ଅଂଶ କେବଳ ୪.୧ ପ୍ରତିଶତ ରହିଛି।

# ଭାରତୀୟ ବୟନ ଶିଳ୍ପକୁ ଟାରିଫ୍ ଚୋଟ

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଟ୍ରମ୍ପ ଶୁଳ୍କର ପ୍ରଥମ ଆଘାତ ଭାରତୀୟ ବୟନ ଏବଂ ଏମ୍ବ୍ରୋଡେରୀ ଶିଳ୍ପକୁ ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ରପ୍ତାନି ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ମୋଟ ଶୁଳ୍କ ୫୦ ପ୍ରତିଶତକୁ ନେଇଛି। ଏହା ସମଗ୍ର ବିଶ୍ୱରେ ଲାଗୁ ହୋଇଥିବା ସର୍ବୋଚ୍ଚ ଶୁଳ୍କ ହାର। ଏହି କାରଣରୁ, ଭାରତର ତିରୁପୁର, ନୋଏଡା ଏବଂ ସୁରଟ ଭଳି ପ୍ରମୁଖ ବୟନ ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ଉତ୍ପାଦନ ବନ୍ଦ ହୋଇଯାଇଛି। ମଙ୍ଗଳବାର ଭାରତୀୟ ରପ୍ତାନି ସଂଗଠନ ଫେଡେରେସନ (ଏଫ୍ଆଇଇଓ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଟ୍ରମ୍ପ ଶୁଳ୍କ ବୁଧବାରଠାରୁ କାର୍ଯ୍ୟକାରୀ ହୋଇଛି।

ଏଫ୍ଆଇଇଓ ସଭାପତି ଏସ୍ସି. ରାଲହାନ ଏକ ବିବୃତ୍ତିରେ କହିଛନ୍ତି, ତିରୁପୁର, ନୋଏଡା ଏବଂ ସୁରଟରେ ବୟନ ଏବଂ ପୋଷାକ ନିର୍ମାତାମାନେ ଉତ୍ପାଦନ ବନ୍ଦ କରିଦେଇଛନ୍ତି। କାରଣ ଖର୍ଚ୍ଚ ବୃଦ୍ଧି ପାଉଛି। ଭିଏତନାମ ଏବଂ ବାଂଲାଦେଶ ଭଳି କମ୍ ମୂଲ୍ୟର ପ୍ରତିଯୋଗୀଙ୍କ




ତୁଳନାରେ ଭାରତର ସ୍ଥିତି ଏବେ ଖରାପ ହୋଇଯାଇଛି। ସେ କହିଛନ୍ତି ଯେ ପୋଷାକ ବ୍ୟତୀତ ପ୍ରାୟ ୪୦ ପ୍ରତିଶତ ଭାରତୀୟ ସାମୁଦ୍ରିକ ଖାଦ୍ୟ ରପ୍ତାନି, ବିଶେଷକରି ଚିଙ୍ଗୁଡ଼ି, ଆମେରିକା ବଜାରକୁ ଯାଏ। ଏହି ଶୁଳ୍କ ବୃଦ୍ଧି ଯୋଗୁଁ ବୟନଶିଳ୍ପ କ୍ଷେତ୍ର କ୍ଷତି, ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ଏବଂ କୃଷି ଉତ୍ପାଦ ଉପରେ ବିପଦ ମଧ୍ୟ ବୃଦ୍ଧି ପାଇଛି।

### ସୁରଟ, ତିରୁପୁର, ନୋଏଡାରେ ଉତ୍ପାଦନ ବନ୍ଦ

### ହଜାର ହଜାର ଚାକିରି ବିପଦରେ

ରାଲହାନ୍ ଏହାକୁ ଏକ ବଡ଼ ବିପର୍ଯ୍ୟୟ ବୋଲି କହିଛନ୍ତି। ଏହା ଆମେରିକାକୁ ଭାରତର ରପ୍ତାନିକୁ ଗମ୍ଭୀର ଭାବରେ ପ୍ରଭାବିତ କରିପାରେ। ଏହି ସମୟରେ, ଭାରତୀୟ ବୟନ ଶିଳ୍ପ ମହାସଂଘର ସଭାପତି ରାକେଶ ମେହରା କହିଛନ୍ତି ଯେ ବୟନ ନିର୍ମାତାମାନେ ଏହି ୫୦ ପ୍ରତିଶତ ଶୁଳ୍କ ଯୋଗୁଁ ଉପୁଜିଥିବା ବିଶାଳ ଆହବାନର ମୁକାବିଲା କରିବା ପାଇଁ ସରକାରଙ୍କଠାରୁ ତୁରନ୍ତ ସମର୍ଥନ ଆଶା କରୁଛନ୍ତି। ସରକାର ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ସହାୟତା ପ୍ରଦାନ କରିବା ପାଇଁ ଶିଳ୍ପ ସହିତ ଆଲୋଚନା କରୁଛନ୍ତି। କିନ୍ତୁ ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଆମେ ଆଶା କରୁଛୁ ଯେ ଆର୍ଥିକ ସହାୟତା ଏବଂ କଞ୍ଚାମାଲର ଉପଲବ୍ଧତା ସହିତ ଜଡିତ ନୀତିଗତ ନିଷ୍ପତ୍ତି ତୁରନ୍ତ ନିଆଯିବ ସେ କହିଛନ୍ତି।

ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍ଆଇ) ଅନୁଯାୟୀ, ଏହି ଶୁଳ୍କ ଭାରତର ୬୦.୨ ବିଲିୟନ ଡଲାର ମୂଲ୍ୟର ରପ୍ତାନିକୁ ପ୍ରଭାବିତ କରିବ, ଯେଉଁଥିରେ ବୟନ, ରତନ୍ନ ଏବଂ ଅଳଙ୍କାର, ଚିଙ୍ଗୁଡ଼ି, କାର୍ପେଟ୍ , ହସ୍ତଶିଳ୍ପ ଏବଂ ଫର୍ଣ୍ଣିଚର ଅନ୍ତର୍ଭୁକ୍ତ। ଏହି କ୍ଷେତ୍ରଗୁଡ଼ିକରେ ରପ୍ତାନି ପରିମାଣ ୭୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇପାରେ, ଯାହା ଫଳରେ ଆମେରିକାକୁ ମୋଟ ରପ୍ତାନିରେ ୪୩ ପ୍ରତିଶତ ହ୍ରାସ ଘଟିବ। ଏହା ହଜାର ହଜାର ଚାକିରିକୁ ବିପଦରେ ପକାଇଛି।

## ଜେନେରାଲ ସେଣ୍ଟ୍ରାଲ ଇନସ୍ୟୁରାନ୍ସର ନୂଆ ଅଫରର ହେଲ୍ଥ ଏକ୍ସଟ୍ରା

ଭୁବନେଶ୍ୱର,୨୭।୮ (ସମିସ) : ଜେନେରାଲ ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ପକ୍ଷରୁ ହେଲ୍ଥ ଏକ୍ସଟ୍ରା ନାମକ ଏକ ନୂଆ ଅଫରର ଶୁଭାରମ୍ଭ କରାଯାଇଛି। ଏକ ବିସ୍ତୃତ ସ୍ୱାସ୍ଥ୍ୟ ବୀମା ଯୋଜନା, ହେଲଥ ଏକ୍ସଟ୍ରାରେ ଡାକ୍ତରଖାନାରେ ଭର୍ତ୍ତି ହେବା ପୂର୍ବରୁ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତି ହେବା ପୂର୍ବରୁ ଖର୍ଚ୍ଚ, ସଡ଼କ ଆମ୍ବୁଲାନ୍ସ ଖର୍ଚ୍ଚ, ଆଧୁନିକ ଚିକିତ୍ସା, ଆୟୁଷ ଚିକିତ୍ସା ଏବଂ ଓପିଡି ସୁବିଧା ସହିତ ଅତିରିକ୍ତ ଅନ୍ୟାନ୍ୟ ମୂଲ୍ୟ ଯୁକ୍ତ ସେବା ଏବଂ ସୁସ୍ଥତା ଯତ୍ନ ଅନ୍ତର୍ଭୁକ୍ତ ହେବ। ଜେନେରାଲି ସେଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ବିତରଣ ଅଧିକାରୀ ରମିତ୍ ଗୋୟଲ ହେଲ୍ଥ ଏକ୍ସଟ୍ରାର ଶୁଭାରମ୍ଭ ଅବସରରେ କହିଛନ୍ତି ଯେ 'ବର୍ତ୍ତମାନର ଆକଳନରୁ ଜଣାପଡୁଛି ଯେ ଭାରତର ପ୍ରାୟ ଏକ ତୃତୀୟାଂଶ ଜନସଂଖ୍ୟା କୌଣସି ପ୍ରକାରର ସ୍ୱାସ୍ଥ୍ୟ ବୀମାରୁ ବଞ୍ଚିତ।

## ଫୋନପେ ପକ୍ଷରୁ ଗୃହ ବୀମା ଅଫର୍

ଭୁବନେଶ୍ୱର,୨୭।୮ (ସିମସ): ଫୋନପେ ପକ୍ଷରୁ ଆଜି ଏହାର ନୂତନ ଗୃହ ବୀମା ଉତ୍ପାଦ ଶୃଙ୍ଖଳାର ଶୁଭାରମ୍ଭ କରାଯାଇଛି। ଯାହାକୁ ଘର ମାଲିକଙ୍କୁ ନିଜ ଘରକୁ ସୁରକ୍ଷିତ ରଖିବା ପାଇଁ ଏକ ସରଳ ଓ ସୁଲଭ ସମାଧାନ ପ୍ରଦାନ କରିବା ଲାଗି ଡିଜାଇନ କରାଯାଇଛି। ମାତ୍ର ୧୮୧ ଟଙ୍କା ମୂଲ୍ୟରେ ଫୋନପେ ଉପଭୋକ୍ତାମାନେ ଅଗ୍ନିକାଣ୍ଡ, ବନ୍ୟା, ଭୂମିକମ୍ପ ଓ ଚୋରି ଭଳି ୨୦ରୁ ଅଧିକ ବିପର୍ଯ୍ୟୟ ବିରୋଧରେ ନିଜ ଘରକୁ ସୁରକ୍ଷା ପ୍ରଦାନ କରିପାରିବେ। ୧୦ ଲକ୍ଷ ଟଙ୍କାରୁ ୧୨.୫ କୋଟି ଟଙ୍କା ପର୍ଯ୍ୟନ୍ତ କଭରେଜ ପାଇଁ ସର୍ବନିମ୍ନ ୧୮୧ ଟଙ୍କାରୁ ଆରମ୍ଭ ହେଉଥିବା ପ୍ରିମିୟମ (ଜିଏସଟି ସମେତ) ସହିତ ଉପଭୋକ୍ତାମାନେ ଫୋନପେ ମାଧ୍ୟମରେ ସିଧାସଳଖ ନିଜ ଘରର ଢାଂଚା ଓ ସେଥିରେ ଥିବା ସାମଗ୍ରୀଗୁଡିକୁ ବୀମାଭୁକ୍ତ କରିପାରିବେ।

## ଟିପିସିଓଡିଏଲ୍ ପକ୍ଷରୁ ପୂଜା ଋତୁ ପାଇଁ ସୁରକ୍ଷା ପରାମର୍ଶ

ଭୁବନେଶ୍ୱର,୨୭।୮ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଆଗାମୀ ଉତ୍ସବ ଋତୁ ସମୟରେ ଭରସାଯୋଗ୍ୟ ଓ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ପାଇଁ ବ୍ୟାପକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକମାନଙ୍କ ସୁରକ୍ଷା ପ୍ରତି ପ୍ରତିବଦ୍ଧତାକୁ ଦୃଢ଼ କରି ଟିପିସିଓଡିଏଲ୍ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି, ଯେଉଁଥିରେ କାର୍ଯ୍ୟକ୍ରମ ଆୟୋଜକ ଓ ଭେଣ୍ଡରମାନଙ୍କୁ ପେଣ୍ଡାଲ ଓ ଅସ୍ଥାୟୀ ଦୋକାନ ପାଇଁ ଆଇନଗତ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ନେବାକୁ ପରାମର୍ଶ ଦିଆଯାଇଛି। ବେଆଇନ ହୁକ ପକାଇବା ପ୍ରତି ସତର୍କ କରାଯାଇଛି ଏବଂ କୁହାଯାଇଛି ଯେ ଏଭଳି ଅଭ୍ୟାସ ବେଆଇନ ହୋଇଥିବା ବେଳେ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ଏବଂ ଅଗ୍ନିକାଣ୍ଡର ବିପଦ ବଢ଼ାଇବାରେ ଏବଂ ଗମ୍ଭୀର ବିଦ୍ୟୁତ ବିଭ୍ରାଟର କାରଣ ହୋଇପାରେ। ବିଦ୍ୟୁତ ଯୋଗାଣର ନିରୀକ୍ଷଣ କରିବା, ଅସ୍ଥାୟୀ ବିଦ୍ୟୁତ ସଂଯୋଗ ପ୍ରଦାନ କରିବା ଏବଂ ଅସ୍ୱୀକୃତ ବିଦ୍ୟୁତ ବ୍ୟବହାର ରୋକିବା ଲାଗି ଟିପିସିଓଡିଏଲର ଉତ୍ସର୍ଗୀକୃତ ଟିମକୁ କ୍ଷେତ୍ର ସ୍ଥଳଗୁଡ଼ିକରେ ମୂତୟନ କରାଯିବ ବୋଲି ଟିପିସିଓଡିଏଲ୍ର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହ କହିଛନ୍ତି।

TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ଟାଟା ଷ୍ଟିଲ୍‌ର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

ଅନୁଗୋଳ/ବଅଁରପାଳ,୨୭।୮ (ସମିସ)

ଗଣେଶ ପୂଜା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ଓ ଢେଙ୍କାନାଳରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ବିଭିନ୍ନ ସାମାଜିକ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବା ସହ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅନୁଗୋଳ ବଅଁରପାଳଠାରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ସାମାଜିକ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉଦଘାଟନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସନ୍ତ୍ରି ଛକରୁ ମହିଧର ଦେଇ ହାତୁରା ପର୍ଯ୍ୟନ୍ତ ୨୦ କିମି ବ୍ୟାପୀ ସୌରଶକ୍ତି ପରିଚାଳିତ ରାସ୍ତା



ଆଲୋକୀକରଣ ଏବଂ ଏନଏଚ୍ -୫୫ର ଇଟାପଠାରୁ ନୂଆହତା ପର୍ଯ୍ୟନ୍ତ ୩ କିମି ବ୍ୟାପୀ ଆଲୋକୀକରଣ ବ୍ୟବସ୍ଥାର ଭୂମିପୂଜନ କରିଥିଲେ। ଅନୁଗୋଳ ବଅଁରପାଳ ବ୍ଲକ ନୂଆହତାରେ ସିମେଣ୍ଟ କଂକ୍ରିଟ ରାସ୍ତା ଓ ଡ୍ରେନ୍ ନିର୍ମାଣ, ଗୋଷ୍ଠୀ କେନ୍ଦ୍ର, ହାଇମାଷ୍ଟ ଓ ଷ୍ଟ୍ରିଟଲାଇଟର ବ୍ୟବସ୍ଥାର ଶୁଭାରମ୍ଭ ହୋଇଥିଲା।

ସେହିପରି ଢେଙ୍କାନାଳର ହିନ୍ଦୋଳ ଏବଂ ଓଡ଼ାପଡ଼ା ବ୍ଲକରେ ସୂଚନା କେନ୍ଦ୍ର, ନରେନ୍ଦ୍ରପୁର ବିଦ୍ୟାଳୟ, ହାଇମାଷ୍ଟ ଏବଂ ଷ୍ଟ୍ରିଟ ଲାଇଟ୍ ସୁବିଧା ମଧ୍ୟ ଲୋକାର୍ପିତ ହୋଇଯାଇଛି। ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ଟାଟା ଷ୍ଟିଲ ଫାଉଣ୍ଡେସନକୁ ଶୁଭେଚ୍ଛା ଜଣାଇବା ସହ ଆଲୋକୀକରଣ ପ୍ରକଳ୍ପ ଦ୍ୱାରା ଲୋକମାନଙ୍କ ଯାତାୟତ ସହଜ ଓ ସୁରକ୍ଷିତ ହେବ ବୋଲି କହିଛନ୍ତି।

ଏହି କାର୍ଯ୍ୟକ୍ରମ ପୂର୍ବରୁ ଶ୍ରୀ ପ୍ରଧାନ ଢେଙ୍କାନାଳ ଶିବପୁର ସ୍ଥିତ ଟାଟା ଷ୍ଟିଲ ମେରାମଣ୍ଡଳୀ ଜୈବବିବିଧତା ପାର୍କ ପରିସରରେ "ଏକ୍ ପେଡ୍ ମା' କେ ନାମ୍ ୨.୦' ଅଭିଯାନ ଅଧୀନରେ ବୃକ୍ଷରୋପଣ କରିଥିଲେ। ଶିଳ୍ପାଞ୍ଚଳ ଢେଙ୍କାନାଳରେ ପର୍ଯ୍ୟାବରଣକୁ ସୁରକ୍ଷିତ ରଖିବା ପାଇଁ ଜଙ୍ଗଲ ସୃଷ୍ଟି କରିବାର ଅଭିନବ ପ୍ରୟାସ କରିଥିବାରୁ ଟାଟା ଷ୍ଟିଲ ଫାଉଣ୍ଡେସନକୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କ ଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।


**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।




ୟୁଏସ୍ ଓପନ ଟେନିସ

# ସିନ୍ନର, ଜ୍ୱେରେଭଙ୍କ ବିଜୟ ଅଭିଯାନ

ନ୍ୟୁୟର୍କ,୨୭।୮ (ଏଜେନ୍ସି)

ବିଶ୍ୱର ନଂ-୧ ଖେଳାଳି ଜାନିକ ସିନ୍ନର ଏବଂ ନଂ-୩ ସିଡ୍ ଆଲେକ୍‌ଜାଣ୍ଡର ଜ୍ୱେରେଭ ୟୁଏସ୍ ଓପନ ପୁରୁଷ ଏକକ ବିଭାଗରେ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ତାଙ୍କ ସହ ଯୋଗଦେଇଛନ୍ତି ୮ମ ସିଡ୍ ଆଲେକ୍ସ ଡି ମିନାଉର, ନଂ-୧୪ ସିଡ୍ ଟମି ପଲ୍, ନଂ-୨୬ ସିଡ ଷ୍ଟିଫାନସ ସିତସିପାସ, ୨୫ତମ ସିଡ୍ ଫେଲିକ୍ସ ଅଗର ଆଲିସିମେ ମଧ୍ୟ ସେମାନଙ୍କ ପ୍ରଥମ ରାଉଣ୍ଡରେ ବିଜୟ ହାସଲ କରିଛନ୍ତି। ପୂର୍ବରୁ କାର୍ଲୋସ ଅଲକାରାଜ ମଧ୍ୟ ପ୍ରଥମ ରାଉଣ୍ଡରେ ପ୍ରବେଶ କରିଥିଲେ। ଏହା ଫଳରେ ପ୍ରଥମ ରାଉଣ୍ଡରେ ଡାନିଏଲ ମେଦଭେଦେଭଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବଡ଼ ଖେଳାଳି ପ୍ରଥମ ରାଉଣ୍ଡରୁ ବିଦା ହୋଇ ନାହାନ୍ତି।


ଜାନିକ ସିନ୍ନର

ମଙ୍ଗଳବାର ରାତିରେ ଖେଳାଯାଇଥିବା ପୁରୁଷ ଏକକ ମୁକାବିଲାରେ ଜର୍ମାନୀର ଜ୍ୱେରେଭ୍ ପ୍ରଥମ ରାଉଣ୍ଡରେ ଚିଲିର ଆଲେଜାଣ୍ଡ୍ରୋ ତାବିଲୋଙ୍କୁ ୩-୦ ସେଟ୍‌ରେ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌କୁ ସିନ୍ନର ୬-୨, ୭-୬, ୬-୪ ସିଧାସଳଖ ସେଟ୍‌ରେ ଜିତି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ବ୍ରିଟେନର ଜ୍ୟାକବ୍ ଫିଅର୍ଣ୍ଣଲୀଙ୍କୁ ଭେଟିବେ। ଟପ୍ ସିଡ ସିନ୍ନର ମଧ୍ୟ ୩-୦ରେ ଚେକ୍ ରିପବ୍ଲିକ୍‌ର ଭିଟ୍ କୋପ୍ରିଭାଙ୍କୁ ହରାଇଥିଲେ। ସିନ୍ନର ଅତି ସହଜରେ ଏହି ମୁକାବିଲାକୁ ୬-୧, ୬-୧, ୬-୨ରେ ଜିତିନେଇଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ଅଷ୍ଟ୍ରେଲିଆର ଆଲେକ୍ସ ପପିରିନ୍‌ଙ୍କୁ ଭେଟିବେ। ଅନ୍ୟମାନଙ୍କ ମଧ୍ୟରେ ୮ମ ସିଡ୍ ଆଲେକ୍ସ ଡି ମିନାଉର ୬-୩, ୬-୪, ୬-୪ ସେଟ୍‌ରେ ଖ୍ରୀଷ୍ଟୋଫର ଓ'କନ୍ନେଲଙ୍କୁ ହରାଇଥିଲେ। ୧୪ତମ ସିଡ୍ ଟମି ପଲ ୬-୩, ୬-୩, ୬-୧ରେ ଏଲମେର ମୋଲରଙ୍କୁ ଓ ୨୬ତମ ସିଡ୍ ୪-୬, ୬-୦, ୬-୧, ୭-୬ରେ ଆଲେକଜାଣ୍ଡ୍ରେ ମୁଏଲରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଗଫ୍, ଓସାକାଙ୍କ ବିଜୟ


କୋକୋ ଗଫ୍

ମହିଳା ବିଭାଗରେ ଦୁଇ ଚର୍ଚ୍ଚିତ ଖେଳାଳି ନଂ-୩ ସିଡ୍ ଆମେରିକାର କୋକୋ ଗଫ୍ ଓ ୨୩ତମ ସିଡ୍ ଜାପାନର ନାଓମି ଓସାକା ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ମଙ୍ଗଳବାର ରାତିରେ ଖେଳାଯାଇଥିବା ମୁକାବିଲାରେ ଗଫ୍ ସଂଘର୍ଷ କରି ଅଣସିଡେଡ ଅଷ୍ଟ୍ରେଲୀୟ ଖେଳାଳି ଆଜଲା ତୋମଲଜାନୋଭିଚ୍‌ଙ୍କୁ ୨-୧ରେ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌କୁ ଗଫ୍ ୬-୪, ୬-୭, ୭-୫ରେ ବିଜୟୀ ହୋଇଛି। ପୂର୍ବ ଚାମ୍ପିଅନ ଓସାକା କିନ୍ତୁ ସହଜରେ ଗ୍ରୀଟ୍ ମିନେନ୍‌ଙ୍କୁ ହରାଇଥିଲେ। ଓସାକା ଏହି ମ୍ୟାଚ୍‌କୁ ୬-୩, ୬-୪ ସେଟ୍‌ରେ ସହଜରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଗତକାଲି ଖେଳାଯାଇଥିବା ପ୍ରଥମ ରାଉଣ୍ଡରେ ନଂ-୨୦ ସିଡ୍ ରୁଷର ଡାଏନା ସ୍ନାଇଡର ଓ ନଂ-୨୬ ସିଡ୍ ଆମେରିକାର ସୋଫିଆ କେନିନ ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ଜର୍ମାନୀର ଲୌରା ସିଗ୍‌ମଣ୍ଡ ୨-୧ରେ ସ୍ନାଇଡ୍‌ରଙ୍କୁ ଓ ଆମେରିକାର ଆଶଲିନ୍ କ୍ରୁଏଗର ୫-୭, ୬-୪, ୬-୨ ସେଟ୍‌ରେ କେନିନ୍‌ଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। କେନିନଙ୍କ ପରି ଘରୋଇ ମାଟିରେ ଖେଳୁଥିଲେ ମଧ୍ୟ ମାଡିସନ କିଜ୍ ପ୍ରଥମ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲେ।

## ଆଇପିଏଲ୍ ଛାଡ଼ିଲେ ଅଶ୍ୱିନ



ଚେନ୍ନାଇ,୨୭।୮ (ଏଜେନ୍ସି): ନିଜ ମତ ଓ ମନ୍ତବ୍ୟ ଦ୍ୱାରା ବିବାଦୀୟ ହେବା ପରେ ସ୍ପିନ୍ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ୍ ଆଇପିଏଲ୍‌କୁ ଅଲବିଦା କହିଛନ୍ତି। ଦୀର୍ଘ ବର୍ଷ ଧରି ସେ ୫ଟି ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ ୨୨୧ଟି ମ୍ୟାଚ ଖେଳି ୧୮୭ଟି ୱିକେଟ ଓ ୮୩୩ ରନ୍ କରିଛନ୍ତି। ଗତବର୍ଷ ଡିସେମ୍ବରରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିଥିଲେ। ଆଇପିଏଲ୍‌କୁ ଅଲବିଦା କହିବା ପରେ ଏବେ ବିଶ୍ୱରେ ଖେଳାଯାଉଥିବା ଅନ୍ୟ ଟି-୨୦ ଲିଗ୍‌ରେ ଖେଳିବାକୁ ପ୍ରସ୍ତୁତି କରୁଛନ୍ତି ବୋଲି ଅଶ୍ୱିନ କହିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍‌ସ ପକ୍ଷରୁ ଖେଳୁଥିବା ବେଳେ ଦଳ ୨୦୧୦ ଓ ୨୦୧୧ରେ ଦୁଇଥର ଚାମ୍ପିଅନ ହୋଇଥିଲା। ଟେଷ୍ଟ କ୍ରିକେଟରେ ଅନୀଲ କୁମ୍ବଲେ ୬୨୧ଟି ୱିକେଟ ନେଇ ପ୍ରଥମ ଓ ଅଶ୍ୱିନ ୫୩୭ଟି ୱିକେଟ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ବାସନ୍ଦ ହୋଇପାରେ ଏଆଇଏଫ୍‌ଏଫ୍

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଫିଫା ଓ ଏଏଫ୍‌ସିର ନିର୍ଦ୍ଦେଶାବଳୀ ଅନୁଯାୟୀ ସମ୍ବିଧାନ ପରିବର୍ତ୍ତନ ନ କଲେ ଏହାକୁ ବାସନ୍ଦ କରାଯିବ ବୋଲି ଧମକ ଦିଆଯାଇଛି। ଅକ୍ଟୋବର ୩୦ ତାରିଖ ସୁଦ୍ଧା ପରିବର୍ତ୍ତିତ ସମ୍ବିଧାନ ଭାରତର ସୁପ୍ରିମକୋର୍ଟ ଏବଂ ଏଆଇଏଫଏଫ୍ ଜେନରୋଲ ବଡ଼ି ଦ୍ୱାରା ସ୍ୱୀକୃତି ପାଇବା ଆବଶ୍ୟକ। ଏହା ନ ହେଲେ ଏଆଇଏଫ୍‌ଏଫ୍‌କୁ ବାସନ୍ଦ କରାଯାଇପାରେ ବୋଲି ଫିଫା ଓ ଏଏଫ୍‌ସି ପକ୍ଷରୁ ମିଳିତ ଭାବେ ଧମକ ଦିଆଯାଇଛି।

## ଭାରତର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଇଂଲଣ୍ଡ ବିପକ୍ଷରେ ଜବରଦସ୍ତ ଟେଷ୍ଟ ସିରିଜ୍ ଖେଳିବା ପରେ ଭାରତୀୟ କ୍ରୀଡ଼ା ଜଗତରେ କିଛିଦିନ ବିଶେଷ କାର୍ଯ୍ୟକ୍ରମ ନ ଥିଲା। ଏବେ ଚଳିତମାସ ଶେଷରୁ ପୁଣିଥରେ ଭାରତର କ୍ରୀଡ଼ା କାର୍ଯ୍ୟକ୍ରମ ବ୍ୟସ୍ତବହୁଳ ହୋଇଯିବ। ଅଗଷ୍ଟ ୨୮ ବା ଆସନ୍ତାକାଲିଠାରୁ ବେଙ୍ଗାଲୁରୁରେ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହା ପରଦିନ ଅର୍ଥାତ୍ ଅଗଷ୍ଟ ୨୯ରୁ ବିହାରର ରାଜଗିର୍‌ରେ ପୁରୁଷ ଏସିଆ କପ୍ ହକି ଖେଳାଯିବ। ମହିଳା ଏସିଆ କପ୍ ହକି ସେପ୍ଟେମ୍ବର ୫ରୁ ଚୀନ୍‌ର ହାଙ୍ଗଝୋଉଠାରେ ଖେଳାଯିବ। ସେହିପରି କ୍ରିକେଟରେ ମଧ୍ୟ ଏସିଆ କପ୍‌ରୁ ଭାରତୀୟ ପୁରୁଷ ଦଳର କାର୍ଯ୍ୟକ୍ରମ ଆରମ୍ଭ ହେବ। ୟୁଏଇରେ ସେପ୍ଟେମ୍ବର ୯ରୁ ୨୮ ଯାଏ ଏସିଆ କପ୍ କ୍ରିକେଟ ଖେଳାଯିବ। ମହିଳା କ୍ରିକେଟ ଦଳ ପ୍ରଥମେ ଅଷ୍ଟ୍ରେଲିଆ ସହ ଘରୋଇ ମାଟିରେ ସେପ୍ଟେମ୍ବର ୧୪, ୧୭ ଓ ୨୦ରେ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଏହା ପରେ ସେପ୍ଟେମ୍ବର ୩୦ରୁ ଭାରତରେ ଦିନିକିଆ ବିଶ୍ୱକପ୍ ଆରମ୍ଭ ହେବ। ଏହା ମଧ୍ୟରେ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ଏଣୁ ସେପ୍ଟେମ୍ବର ମାସ ଭାରତୀୟ କ୍ରିକେଟ ଓ ହକି ଲାଗି ବ୍ୟସ୍ତ ରହିବ।

## ଅହମ୍ମଦାବାଦ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ 'ବିଡ୍' ଲାଗି କ୍ୟାବିନେଟ ସ୍ୱୀକୃତି

ନୂଆଦିଲ୍ଲୀ,୨୭।୮ (ଏଜେନ୍ସି): ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଲାଗି ବିଡ୍ ଦାଖଲ କରିବା ସକାଶେ କେନ୍ଦ୍ର କ୍ୟାବିନେଟ୍‌ର ମୋହର ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏହା ପାସ୍ ହୋଇଛି ଓ ଅହମ୍ମଦାବାଦ୍‌କୁ ଭେନ୍ୟୁ ଭାବେ ଚୟନ କରାଯାଇଛି। ଅହମ୍ମଦାବାଦ୍‌ରେ ସମସ୍ତ ଖେଳ ଲାଗି ଉନ୍ନତ ସୁବିଧା ସୁଯୋଗ ରହିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଲାଗି ବିଡ୍ ଦାଖଲ କରିବା ସକାଶେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ବିଡ଼ ଦାଖଲର ଶେଷ ତାରିଖ ହେଉଛି ଅଗଷ୍ଟ ୩୧ ତାରିଖ। ଏହାର ଅର୍ଥ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସମସ୍ତ କାଗଜପତ୍ର ପ୍ରସ୍ତୁତି କରିବାକୁ ହେବ। ଶେଷଥର ଭାରତ ୨୦୧୦ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା। ଗ୍ଲାସ୍‌ଗୋରେ ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଜେନେରାଲ ଆସେମ୍ବ୍ଲିରେ କେଉଁ ଦେଶ ଆୟୋଜନ କରିବା ତାହା ସ୍ଥିର ହେବ। ୨୦୩୦ ଲାଗି ଆଶାୟୀ ଥିବା କାନାଡା ଓହରିଯିବାରୁ ଭାରତର ଆୟୋଜନ କରିବା ଆଶା ଦୃଢ଼ୀଭୂତ ହୋଇଛି।

## ଆଜିଠାରୁ ଦୁଲୀପ ଟ୍ରଫି

ବେଙ୍ଗାଲୁରୁ,୨୭।୮ (ଏଜେନ୍ସି): ଜୋନାଲ ଫର୍ମାଟକୁ ଫେରିଥିବା ଦୁଲୀପ ଟ୍ରଫି କ୍ରିକେଟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଆସନ୍ତାକାଲି ପ୍ରଥମ ଦିନ ମ୍ୟାଚ୍‌ରେ ଅଭିମନ୍ୟୁ ଈଶ୍ୱରନ ପୂର୍ବାଞ୍ଚଳ ସହ ଉତ୍ତରାଞ୍ଚଳ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ସେହିପରି କେନ୍ଦ୍ରାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବ। ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ସନ୍ଦୀପ ପଟ୍ଟନାୟକ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବାର ସମ୍ଭାବନା ରହିଛି। ୱିକେଟରକ୍ଷକ ଆଶୀର୍ବାଦ ସ୍ୱାଇଁ ଦଳରେ ରହିଛନ୍ତି।


ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ


## ରେକର୍ଡ ସହ ବିଦୁସ୍ମିତାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୭।୮ (ସମିସ)



ଅହମ୍ମଦାବାଦ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଆଉ ଜଣେ ଓଡ଼ିଆ ପ୍ରତିଯୋଗୀ ବିଦୁସ୍ମିତା ଭୋଇ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ଫଳରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଭାରୋତ୍ତୋଳକଙ୍କଠାରୁ ଏହାକୁ ମିଶାଇ ତୃତୀୟ ସ୍ୱର୍ଣ୍ଣପଦକ ମିଳିଛି। ପୂର୍ବରୁ ବିଦୁସ୍ମିତାଙ୍କ ବଡ଼ ଭଉଣୀ ପ୍ରୀତିସ୍ମିତା ୩ଟି ରାଜ୍ୟଗୋଷ୍ଠୀ ରେକର୍ଡ ସହ ଦେଶ ଲାଗି ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ଗତକାଲି ମିନା ସାନ୍ତା-ଏ' କନିଷ୍ଠ ବିଭାଗରେ ସ୍ୱର୍ଣ୍ଣ ଓ ସ୍ନେହା ସୋରେନ୍ ରୌପ୍ୟ ପଦକ ପାଇଥିଲେ। ଆଜି ବିଦୁସ୍ମିତା କନିଷ୍ଠ ବିଭାଗ ୬୩ କିଲୋ କାଟାଗୋରୀରେ ରେକର୍ଡ ସହ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେ ସ୍ନାଚ୍‌ରେ ୮୯, କ୍ଲିନ୍ ଆଣ୍ଡ ଜର୍କରେ ୧୧୫ ଓ ମୋଟ ୨୦୪ କେଜି ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହା ମଧ୍ୟରେ କ୍ଲିନ୍ ଆଣ୍ଡ ଜର୍କରେ ସେ ରାଜ୍ୟଗୋଷ୍ଠୀ ରେକର୍ଡ ପ୍ରତିଷ୍ଠା କରିଥିଲେ। ୬୩ କେଜି ୟୁଥ୍‌ରେ ଭାଗ ନେଇଥିବା ଟିକି ମୋହିନୀ ମଲିକ କିନ୍ତୁ ପଦକ ଜିତିବାରେ ବିଫଳ ହୋଇଛନ୍ତି। ସେ ସ୍ନାଚ୍‌ରେ ୭୧, କ୍ଲିନ୍ ଆଣ୍ଡ ଜର୍କରେ ୯୧ ଓ ମୋଟରେ ୧୬୨ କେଜି ଓଜନ ଉଠାଇ ୫ମ ସ୍ଥାନରେ ରହିଛନ୍ତି। ବିଦୁସ୍ମିତା ଢ଼େଙ୍କାନାଳର ହାଇପରଫର୍ମାନ୍ସ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କଠାରୁ ପ୍ରଶିକ୍ଷଣ ନେଉଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS